R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୯୬
ତିଥି : ଦଶମୀ
୨୩ ଏପ୍ରିଲ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 196
23 April 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ୨୦ ବର୍ଷ ପରେ ପହଲଗାମ୍‌ରେ ବଡଧରଣର ଆତଙ୍କୀ ହମ୍‌ଲା

# ଦୁଇ ବିଦେଶୀ ପର୍ଯ୍ୟଟକଙ୍କ ସହ ୨୮ ମୃତ

ନୂଆଦିଲ୍ଲୀ/ବାଲେଶ୍ୱର, ୨୨।୪ : ଜାମ୍ମୁ-କାଶ୍ମୀରର ପହଲଗାମରେ ଏକ ବଡ଼ଧରଣର ଆତଙ୍କୀ ହାମଲା ହୋଇଛି । ଆତଙ୍କୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ବର୍ତ୍ତମାନ ଥିବା ସୂଚନା ଅନୁଯାୟୀ ୨୮ ପର୍ଯ୍ୟଟକ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୨ ବିଦେଶୀ ପର୍ଯ୍ୟଟକ ଅଛନ୍ତି । ଏହି ଆକ୍ରମଣ ପାଇଁ ଲସ୍କର ଇ-ତୋଇବା ଆତଙ୍କୀ ସଂଗଠନ ଦାୟୀ ବୋଲି ଘୋଷଣା କରିଛି । ଏହି ସଂଗଠନକୁ ଜାନୁଆରୀ ୨୦୨୩ରେ ବେଆଇନ୍ ଘୋଷଣା କରାଯାଇଥିଲା ।

**ରେମୁଣାର ପ୍ରଶାନ୍ତ ଶତପଥୀ ମୃତ**





ମୃତକଙ୍କ ମଧ୍ୟରେ ବାଲେଶ୍ୱର ରେମୁଣାରୁ ଯାଇଥିବା ଓଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀ ଥିବା ଜଣାପଡ଼ିଛି । ଗୁଳି କାଣ୍ଡରେ ବାଲେଶ୍ୱରସହର ନିକଟବର୍ତ୍ତୀ ଈଶାଣି ଗ୍ରାମର ପ୍ରଶାନ୍ତ ଶତପଥୀ ଗୁରୁତର ଭାବେ ଆହତ ହୋଇ ଥିଲେ ବୋଲି ପ୍ରଥମେ ତାଙ୍କ ପତ୍ନୀ କହିଥଲେ। ତାଙ୍କର ମୁଣ୍ଡର ବାମ ପାଖରେ ଗୁଳି ବାଜିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ସାରଗାଁ ପଞ୍ଚାୟତର ସରପଞ୍ଚଙ୍କ ଦିଅର ପ୍ରଶାନ୍ତ ଶତପଥୀ, ସାନ (୯ ପୃଷ୍ଠାରେ)

**ଆକ୍ରମଣ ଲାଗି ଟିଆର୍‌ଏଫ୍ ନିଜକୁ ଦାୟୀ କଲା**

**କାହାରିକୁ ଛଡାଯିବନାହିଁ : ମୋଦି**

**ଘଟଣାସ୍ଥଳକୁ ଗଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ**

## ଆଜିଠୁ ଶିକ୍ଷାନୁଷ୍ଠାନରେ ଖରା ଛୁଟି

ଭୁବନେଶ୍ୱର, ୨୨।୪ (ସବ୍ୟୁ) : ଆସନ୍ତାକାଲି(ବୁଧବାର) ଠାରୁ ସ୍କୁଲ ପିଲାଙ୍କ ପାଇଁ ଖରା ଛୁଟି ଘୋଷଣା ହୋଇଛି । ଏହାସହ ଅଙ୍ଗନବାଡି, ଶିଶୁବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏ ସଂପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି । ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

## ଆକାଶରୁ ଖସୁଛି ନିଆଁ

### ଝାରସୁଗୁଡ଼ାରେ ସର୍ବାଧିକ ୪୬.୨°

ଭୁବନେଶ୍ୱର, ୨୨।୪ (ସବ୍ୟୁ) : ଜଳୁଛି ସାରା ରାଜ୍ୟ । ଦିନ କି ରାତି କିଛି ଜଣାପଡୁନି । ଗରମ ପବନ ବୋହିବା ବନ୍ଦ ହେଉନି । ଦିନ ବେଳା ଆକାଶୁ ନିଆଁ ଝୁଲ ଖସୁଛି । ଘରୁ ବାହାରି ହେଉନି କି ଘରେ ରହି ହେଉନି । କାନ୍ଥ ବାଡ଼ ସବୁ ତତେଇ ଦେଉଛି । ସନ୍ଧ୍ୟା ପରେ ବି ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି । ଶରୀରରୁ ଝାଳ ଶୁଖୁନି । ଏମିତି ତାତି ଆଉ ୪ଦିନ ଯାଏ ଜାରି ରହିବ ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ 'ଏକ୍ସ'ରେ କହିଛନ୍ତି, ଝାରସୁଗୁଡାରେ ରେକର୍ଡ ହେଲା ଏପ୍ରିଲ ମାସର ତାତିରେ (୯ ପୃଷ୍ଠାରେ)

## ୧ ଲକ୍ଷ ଟଙ୍କା ଟପିଲା ସୁନା

ନୂଆଦିଲ୍ଲୀ, ୨୨।୪ : ସୁନା ଦର ବୃଦ୍ଧି ଜାରି ରହିଛି । ମାସକ ଭିତରେ ୨୦%ରୁ ଅଧିକ ଦର ବୃଦ୍ଧି ହେଲାଣି । ୨୪ କ୍ୟାରେଟ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧ଲକ୍ଷ ୧ହଜାର ଟଙ୍କା ହୋଇଥିଲାବେଳେ ୨୨ କ୍ୟାରେଡ୍ ସୁନାର ମୂଲ୍ୟ ୯୨ହଜାର ୯୦୦ ରହିଛି । ଗତକାଲି ତୁଳନାରେ ସୁନାର ମୂଲ୍ୟରେ ପାଖାପାଖି ୩ହଜାର ଟଙ୍କା ବୃଦ୍ଧି ହୋଇଥିବା କୁହାଯାଇଛି । ରୁପା କେଜି ମଧ୍ୟ ୧୦୦୦ ଟଙ୍କା ମହଙ୍ଗା ହୋଇ ୧କେଜିର ମୂଲ୍ୟ ୧ଲକ୍ଷ ୧୧ହଜାର ଟଙ୍କା ହୋଇଛି ।

ଆଗକୁ ଅକ୍ଷୟ ତୃତୀୟା ସହ ବିବାହ ଋତୁ ମଧ୍ୟ ଆସୁଛି । ସୁନା ଦର ବୃଦ୍ଧି ଗ୍ରାହକମାନଙ୍କୁ ଚିନ୍ତାରେ ପକାଇଛି । ସାମାଜିକ ଉତ୍ସବରେ ଆମର ସୁନା ଦେବାର ପରମ୍ପରା ରହିଛି । ଯାହା ଏବେ ବନ୍ଧୁବାନ୍ଧବମାନଙ୍କ (୯ ପୃଷ୍ଠାରେ)

## ପିସିଆର୍‌କୁ ଧକ୍କା ଦେଲା ହାଇୱା, ୨ ପୋଲିସ ମୃତ

କଟକ, ୨୨।୪ (ସବ୍ୟୁ) : ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତପାଟଣା-ମହାନଦୀ ବନ୍ଧ ରାସ୍ତାରେ ଆଜି ଭୋର୍ ୪ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ପଛପଟୁ ଆସୁଥିବା ଏକ ବାଲି ବୋଝେଇ ହାଇୱା (ଓଡି୦୨ୟୁ ୧୯୫୫) ସିଆର୍‌ଆର୍‌ଆଇ ଥାନାର ପିସିଆର୍ ଭ୍ୟାନ୍‌କୁ ଧକ୍କା ଦେବାରୁ ପିସିଆର୍ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର୍ ହୋଇଯାଇଛି । ହାଇୱା ଧକ୍କା ଦେବା ପରେ ପିସିଆର୍ ଭ୍ୟାନ୍ ଉପରେ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ କଟକ କିଶନନଗର ଥାନା ଅନ୍ତର୍ଗତ ପାଇକସାହିର ଜଗବନ୍ଧୁ ମହାଳିକ(ପିସିଆର୍ ଡ୍ରାଇଭର) ଏବଂ ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଣପୁର ଅଞ୍ଚଳର ଲୋକନାଥ ଶବର(ଓଏପିଏଫ୍ କର୍ମଚାରୀ)ଙ୍କ ମୃତ୍ୟୁ ଘଟିଛି । ପିସିଆର୍ ଭ୍ୟାନ୍‌ରେ ଥିବା ଅନ୍ୟଜଣେ ହୋମଗାର୍ଡ ପବିତ୍ରମୋହନ ସେଠୀ ଗୁରୁତର ହୋଇ ମର୍କତନଗରର ଏକ ଘରୋଇ ହସ୍ପିଟାଲ୍ରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକକୁ ସିଆର୍‌ଆରଆଇ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ମୃତ ପୁଲିସଙ୍କୁ ମଙ୍ଗଳାବାଗ ଥାନାରେ ଗାର୍ଡଅଫ୍ ଅନର୍ ଦିଆଯାଇଥିଲା । ଏହାପରେ ମୃତକଙ୍କୁ ସିଆର୍‌ଆର୍‌ଆଇ ଥାନାକୁ ଅଣାଯିବା ସହିତ (୯ ପୃଷ୍ଠାରେ)

## ଶକ୍ତି ଦୁବେ ଆଇଏଏସ୍ ଟପ୍ପର


### ୪୮ ର୍‍ୟାଙ୍କରେ ଓଡ଼ିଆ ଝିଅ ରିତିକା

ନୂଆଦିଲ୍ଲୀ, ୨୨।୪ : କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ପରୀକ୍ଷା ୨୦୨୪ର ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଶକ୍ତି ଦୁବେ ଟପ୍ପର ହୋଇଛନ୍ତି । ମୋଟ ୧୦୦୯ ଜଣ ପ୍ରାର୍ଥୀଙ୍କ ନାମ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଓ କେନ୍ଦ୍ରୀୟ ପ୍ରଶାସନିକ ସେବା ଲାଗି ନାମ ସୁପାରିସ କରାଯାଇଛି । ତେବେ ଓଡ଼ିଆ ଝିଅ ରିତିକା ରଥ ୪୮ତମ ସ୍ଥାନରେ ଥିଲାବେଳେ ପ୍ରତିଭା ଦେବକୀ ପ୍ରିୟଦର୍ଶିନୀଙ୍କୁ ୯୫ତମ ର୍‍ୟାଙ୍କ ମିଳିଥିବାବେଳେ ୯୬ତମ ସ୍ଥାନରେ ଆଦିତ୍ୟ ଆଚାର୍ଯ୍ୟ, ୧୬୪ ସ୍ଥାନରେ ଦୀପ୍ତି ରଞ୍ଜନ ପତି, ୧୭୫ରେ ରଶ୍ମି ପ୍ରଧାନ, ୧୯୩ରେ ନୀଳମାଧବ ପ୍ରଧାନ, ୧୯୮ରେ ଆଶୁତୋଷ ମିଶ୍ର, ୨୧୨ ର୍‍ୟାଙ୍କ୍ ଅନୁପ ନାୟକ ଅଛନ୍ତି । (୯ ପୃଷ୍ଠାରେ)



# ଇଡିଓପାଥିକ୍ ପଲମୋନାରୀ ଫାଇବ୍ରୋସିସ୍

ଇଡିଓପାଥିକ୍ ପଲମୋନାରୀ ଫାଇବ୍ରୋସିସ୍ ବା ଆଇପିଏଫ୍ ଏକ ବିରଳ ଫୁସ୍‌ଫୁସ୍ ସମସ୍ୟା । ଏହି ସମସ୍ୟା ହେଲେ ଆମ ଫୁସ୍‌ଫୁସ୍‌ରେ କିଛିଟା ଟିସୁ ଷ୍ଟିଫ୍ ହୋଇଯାଇଥାଏ, ଯାହା ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ । ସେହିଭଳି ବିଭିନ୍ନ ବ୍ୟକ୍ତିଙ୍କ ନିକଟରେ ଭିନ୍ନଭିନ୍ନ ଆଇପିଏଫ୍‌ର ପ୍ରକାର ଦେଖିବାକୁ ମିଳିଥାଏ । ଏହି ସମସ୍ୟା ହେଲେ ରୋଗୀର ନିଃଶ୍ୱାସ ନେବାରେ ଅସୁବିଧା ହୋଇଥାଏ । ଏହି ରୋଗ କାହିଁକି ହୋଇଥାଏ ଏହାର ସେଭଳି କୌଣସି ସଠିକ୍ କାରଣ ନାହିଁ । ହେଲେ ଡାକ୍ତରମାନେ କିଛିଟା ଘଟଣାକୁ ଏହି ସମସ୍ୟାର କାରଣ ଭାବେ ଆକଳନ କରିଥାଆନ୍ତି । ଯଥା ଅତ୍ୟଧିକ ସମୟ ପ୍ରଦୂଷଣ ଭରା ସ୍ଥାନରେ କାଟିବା, ସଂକ୍ରମଣ, କୌଣସି ରୋଗର ପାର୍ଶ୍ୱପ୍ରତିକ୍ରିୟା ଆଦିରୁ ଏହା ହେବାର ସମ୍ଭାବନା ରହିଥାଏ । ସେହିଭଳି ଏହା ବଂଶାନୁକ୍ରମ ମଧ୍ୟ ହୋଇପାରେ । ଯଦି ଏହା ଆପଣଙ୍କର ପରିବାରରେ କାହାକୁ ହୋଇଛି, ତେବେ ଆପଣଙ୍କ ନିକଟରେ ମଧ୍ୟ ଏହା ଦେଖାଯିବାର ସମ୍ଭାବନା ରହିଥାଏ । ଏହି ରୋଗ ହେଲେ ବିଭିନ୍ନ ଲକ୍ଷଣ ଦେଖିବାକୁ ମିଳେ, ଯେପରି ନିଃଶ୍ୱାସ ନେବାରେ ଅସୁବିଧା, କାଶ ଲାଗି ରହିବା, ଛାତିରେ ଯନ୍ତ୍ରଣା, ଦୁର୍ବଳ ଲାଗିବା, ଓଜନରେ ହ୍ରାସ, ଫଟିଗୋ ଆଦି । ତେବେ ଯଦି ଏଭଳି କିଛି ଲକ୍ଷଣ ଦେଖିବାକୁ ପାଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ସୋସିଆଲ କୋଟ୍ସ



"ମୀନା କୁମାରୀଙ୍କର ବାୟୋପିକ୍ ଫିଲ୍ମ ପାଇଁ ଗତ ଦୁଇ ବର୍ଷ ଧରି ପରିଶ୍ରମ କରୁଛି । ବର୍ତ୍ତମାନ ସ୍କ୍ରିପ୍ଟ ପ୍ରସ୍ତୁତ ସରିଛି । ରିସର୍ଚ୍ଚ ପାଇଁ ଖୁବ ପରିଶ୍ରମ ଲାଗିଛି ।"
**ସିଦ୍ଧାର୍ଥ ମଲହୋତ୍ରା, ନିର୍ଦ୍ଦେଶକ**



"ଯେତେବେଳେ ଅଭିନୟ କରିବାକୁ ଚାହିଁଲି ସେତେବେଳେ ପାଖରେ ଥିବା ସମସ୍ତ କାଷ୍ଟିଂ ନିର୍ଦ୍ଦେଶକଙ୍କୁ ଫୋନ କରିଥିଲି । ସମସ୍ତଙ୍କୁ ଅଡିସନ ପାଇଁ ଅନୁରୋଧ କରିଥିଲି ।"
**ଆଲିୟା କୁରେଶୀ, ଅଭିନେତ୍ରୀ**



"ପ୍ରଧାନମନ୍ତ୍ରୀଙ୍କ ସହିତ ଦେଖାହେବା ଖୁବ ସୌଭାଗ୍ୟର ବିଷୟ । ସେ ଖୁବ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ । ତାଙ୍କୁ ଠାରୁ ଭଲ କାମ ଓ ଦେଶର ଉନ୍ନତି କରିବାର ପ୍ରେରଣା ମିଳିଥାଏ ।"
**ରଣଦୀପ ହୁଡ୍ଡା, ଅଭିନେତା**



# ମାରାଥନ୍ ଦୌଡ଼ିଲା ରୋବଟ୍

ବର୍ତ୍ତମାନ ଅନେକ ସ୍ଥାନରେ ହ୍ୟୁମାନଏଡ୍ ରୋବଟ୍ ବା ମଣିଷ ଭଳି ଦେଖାଯାଉଥିବା ରୋବଟ ବିଷୟରେ ଖୁବ ଚର୍ଚ୍ଚା ହେଉଛି । ସେହିଭଳି ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ହ୍ୟୁମାନଏଡ୍ ରୋବଟ ମାରାଥନ୍ ଦୌଡୁଛି । ସୂଚନା ଅନୁସାରେ ଚୀନ୍‌ର ବେଜିଂ ସହରରେ ଏକ ହାଫ୍ ମାରାଥନର ଆୟୋଜନ କରାଯାଇଛି, ଯେଉଁଥିରେ ୨୧ଟି ହ୍ୟୁମାନଏଡ୍ ରୋବଟ ଭାଗନେଇଛନ୍ତି । ଏହି ସମସ୍ତ ରୋବୋଙ୍କୁ ବେଜିଂର ଇନୋଭେସନ ସେଣ୍ଟର ପକ୍ଷରୁ ନିର୍ମାଣ କରାଯାଇଛି । ଏଥିରେ ସେମାନେ ମଣିଷଙ୍କ ସହିତ ପାଖାପାଖି ୨୧ କିମିର ଯାତ୍ରା କରିଛନ୍ତି । ଏହି ମାରାଥନର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏମାନଙ୍କ ଦୌଡ ଦେଖିବାକୁ ଅନେକ ଦର୍ଶକଙ୍କ ଭିଡ ଜମିବାରେ ଲାଗିଛି । ସମସ୍ତେ ଏହି ମାରାଥନର ମଜା ଉଠାଉଥିବାର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ ହେବାପରେ ଚର୍ଚ୍ଚା ଜୋର ଧରିଛି । ପ୍ରତିଯୋଗିତାରେ ଧାର୍ଯ୍ୟ ବ୍ୟବଧାନକୁ ଜଣେ ମଣିଷ ଏହାକୁ ଏକ ଘଣ୍ଟା ୨ ମିନିଟ୍‌ରେ ପୂରା କରିଥିବାବେଳେ ରୋବଟଟି ୨ ଘଣ୍ଟା ୪୦ ମିନିଟ୍‌ରେ ପୂରା କରିଥିଲା । ଦୌଡ ସମାପ୍ତ କରିବାପରେ ରୋବଟଟି ଖୁବ ଶାନ୍ତଭାବେ ତାକୁ ଦିଆଯାଇଥିବା ସ୍ଥାନରେ ଅପେକ୍ଷା କରିଥିଲା ଏବଂ ସେ ଥକିଥିବା ବୋଲି ଜଣା ପଡୁନଥିଲା । ଏହାପରେ ରୋବଟର ଷ୍ଟାମିନାକୁ ନେଇ ଖୁବ ଆଲୋଚନା କରାଯାଉଛି । ଆଗକୁ ଏଭଳି ହ୍ୟୁମାନଏଡ୍ ରୋବଟ ଗୁଡିକ ଆଗକୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରେ ଆସିବେ ବୋଲି ମତ ପ୍ରକାଶ ପାଇଛି ।

## ଆଜି ଦିନ

- ୧୬୧୬ – ପ୍ରସିଦ୍ଧ କବି ତଥା ସାହିତ୍ୟକାର ୱିଲିୟମ ସେକ୍ସପିଅରଙ୍କର ନିଧନ ।
- ୧୬୬୦ – ସ୍ୱିଡେନ୍ ଏବଂ ପୋଲାଣ୍ଡ ମଧ୍ୟରେ ଓଲିଭିଆ ଚୁକ୍ତି ସ୍ୱାକ୍ଷରିତ ।
- ୧୬୬୧ – ବ୍ରିଟିଶ୍ ସମ୍ରାଟ ଚାର୍ଲ୍ସ ଦ୍ୱିତୀୟଙ୍କର ଲଣ୍ଡନରେ ରାଜ୍ୟ ଅଭିଷେକ ।
- ୧୮୫୮ – ଭାରତର ସ୍ୱତନ୍ତ୍ରତା ସେନାନୀ ବାବୁ ବୀର କୁବେର ସିଂହଙ୍କର ନିଧନ ।
- ୧୯୮୧ – ସୋବିଏତ ସଙ୍ଘର ଭୂମିଗତ ପରମାଣୁ ପରୀକ୍ଷଣ ।
- ୧୯୮୪ – ଏଡସ୍ ଭାଇରସ ସମ୍ପର୍କରେ ସୂଚନା ମିଳିଥିଲା ।
- ୧୯୯୨ – ଭାରତ ରତ୍ନରେ ସମ୍ମାନିତ ହୋଇଥିବା ସତ୍ୟଜିତ୍ ରୟଙ୍କର ନିଧନ ।
- ୨୦୦୫ – ୟୁ୍ୟଟ୍ୟୁବରେ ପ୍ରଥମ ଭିଡିଓ ଅପଲୋଡ ।

# ମାଛ ବି ଯାଇପାରିବେ ଭ୍ରମଣରେ

ସାଧାରଣତଃ ଯେଉଁଲୋକମାନେ କୁକୁର କିମ୍ବା ବିଲେଇ ପାଳିଥାଆନ୍ତି, ସେମାନଙ୍କ ଧରି ପ୍ରାତ ହେଉ କିମ୍ବା ସନ୍ଧ୍ୟା ଭ୍ରମଣରେ ଯିବାର ଦେଖିବାକୁ ମିଳିଥାଏ । ହେଲେ ଯେଉଁମାନେ ମାଛ ପାଳିଥାଆନ୍ତି ସେମାନଙ୍କ ମାଛଙ୍କ ନେଇ ଯିବାରେ ସମସ୍ୟା ହୋଇଥାଏ ବା ଏହା ଅସମ୍ଭବ । ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଜଣେ ବ୍ୟକ୍ତି ଏଭଳି ଏକ ଟ୍ୟାଙ୍କର ଉଦ୍ଭାବନ କରିଛନ୍ତି, ଯାହାକୁ ବ୍ୟାକ୍‌ପ୍ୟାକ୍ ଭଳି ବ୍ୟବହାର କରିହେବ । ଏହି ଟ୍ୟାଙ୍କକୁ ବ୍ୟବହାର କରି ମାଛ ପାଳୁଥିବା ଲୋକମାନେ ନିଜ ମାଛକୁ ଧରି ସନ୍ଧ୍ୟା କିମ୍ବା ପ୍ରାତ୍ତ ଭ୍ରମଣରେ ଯାଇପାରିବେ । ତାଇୱାନର ଏହି ଯୁବକ ଏକ ମୋବାଇଲ ଫିସ୍ ଟ୍ୟାଙ୍କର ନିର୍ମାଣ କରିଛନ୍ତି ଯାହାକୁ ବ୍ୟବହାର କରି ଆପଣ ଚାହିଁଲେ ମାଛକୁ ଧରି ବୁଲିପାରିବେ । ସୋସିଆଲ ମିଡିଆରେ ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି ।



# ହାତୀ ମଳରୁ ମିଠା



ଚୀନ ସବୁବେଳେ ନିଜର ସ୍ୱତନ୍ତ୍ର ଖାଦ୍ୟ ଶୈଳୀ ପାଇଁ ପରିଚିତ । ଏଠାରେ ସବୁବେଳେ ବିଭିନ୍ନ ପ୍ରକାରର ଖାଦ୍ୟ ମିଳିଥାଏ ଯାହା ଦୁନିଆର ଅନ୍ୟ ଲୋକଙ୍କ ପାଇଁ ଅଜବ ହୋଇଥାଏ । ସେହିଭଳି ଏକ ଖାଦ୍ୟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସେଠିକାର ସାଙ୍ଘାଇ ସହରରେ ଏକ ରେସ୍ତୋରାଁରେ ପରଷାଯାଉଛି ହାତୀର ଗୋବରରୁ ପ୍ରସ୍ତୁତ ମିଠା । ଏହି ଖାଦ୍ୟର ଚର୍ଚ୍ଚା ବର୍ତ୍ତମାନ ପୂରା ଚୀନରେ ହେଉଛି, କିଛି ଲୋକ ଏଭଳି ଆଇଡିଆକୁ ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଏହି ରେସ୍ତୋରାଁର ଥିମ୍ ହେଉଛି ରେନ୍ ଫରେଷ୍ଟ । ତେଣୁ ଏଠାରେ ଫୁଡ୍ ମେନ୍ୟୁରେ ସମସ୍ତ ଖାଦ୍ୟର ଥିମ୍ ଓ ନାଁ ଜଙ୍ଗଲ, ପଶୁ ଓ ପ୍ରକୃତି ଆଧାରିତ । ଏହି ମେନ୍ୟୁର ନାଁ ମଧ୍ୟ ଖୁବ ରୋଚକ ପୂର୍ଣ୍ଣ, 'ଇକୋଲୋଜିକାଲ ଫ୍ୟୁଜନ କ୍ୟୁଜିନ୍' । ଏହାର ଉଦ୍ଦେଶ୍ୟ ପ୍ରକୃତି ଓ ମଣିଷଙ୍କ ଭିତରେ ଦୂରତା କମାଇବା । ସେହିଭଳି ଏଠାରେ ବିଭିନ୍ନ ସମୟରେ ଖାଦ୍ୟକୁ ନେଇ ଗବେଷଣା ମଧ୍ୟ କରାଯାଇଥାଏ । ଏଠାରେ ଖାଦ୍ୟ ଖାଇବାର ଶୈଳୀ ମଧ୍ୟ ଖୁବ ନିଆରା । ଏଠାରେ ଖାଇବା ଆଗରୁ ଗ୍ରାହକଙ୍କୁ ଗୋଟିଏ ଗଛରୁ ପତ୍ର ଛିଣ୍ଡାଇ ଖାଇବାକୁ ହୋଇଥାଏ । ଏହାପରେ ବରଫ ଉପରେ ମହୁ ଓ ଫୁଲର ରସ ପକାଇ ଚାଟିବାକୁ ହୋଇଥାଏ । ସୂଚନା ଅନୁସାରେ ବର୍ତ୍ତମାନ ଏଠାରେ ପ୍ରସ୍ତୁତ ହୋଇଥିବା ନୂଆ ମିଠାର ନାଁ ହେଉଛି ହାଥୀ ଗୋବରରେ ପଡିଥିବା ଫୁଲ । ଏହି ମିଠାକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ହାତୀର ଗୋବରକୁ ଏକ ସ୍ୱତନ୍ତ୍ର ଉପାୟରେ ପ୍ରୋସେସ କରାଯାଇଥାଏ । ଏହି ମିଠାରେ ଏକ କୁରୁମୁରୁ ପରସ୍ତ ରହିଥାଏ ଯାହା ଉପରେ ଫୁଲ ରସ, ମହୁ, ସେଣ୍ଟ ଓ ପରାଗ ପଡିଥାଏ । ପ୍ରଥମେ ହାତୀ ମଳକୁ ସଫା କରାଯାଇଥାଏ, ତାପରେ ଏହାକୁ ସିଝାଯାଇଥାଏ ଯାହାଫଳରେ ଏଥିରେ ଥିବା ବ୍ୟାକ୍ଟେରିଆଙ୍କର ମୃତ୍ୟୁ ହୋଇଯିବ । ରେସ୍ତୋରାଁର ଦାବି ଅନୁସାରେ ଏହି ମିଠାରେ କୌଣସି ଖରାପ ତତ୍ତ୍ୱ ନାହିଁ ଏବଂ ଏହା ଖାଇବା ଉପଯୋଗୀ । ମିଠା ଖାଇବା ପୂର୍ବରୁ ଗ୍ରାହକଙ୍କୁ ନିଜ ପସନ୍ଦ ଅନୁସାରେ ସୁଗନ୍ଧ ଓ ସ୍ୱାଦ ବାଛିବାକୁ ହୋଇଥାଏ ।

# ଚକୋଲେଟ୍ ସିଙ୍ଗଡା



**ସାମଗ୍ରୀ–** ମଇଦା, ଦେଶୀ ଘିଅ, ଅଳେଇଚ ମଞ୍ଜି, ଚକୋଲେଟ୍, ଭଜା ଆଲମଣ୍ଡ, କାଜୁ, ଚିନି, ଗରମ ମସଲା ।

**ପ୍ରଣାଳୀ–** ପ୍ରଥମେ ମଇଦା, ଘିଅ ଓ ଅଳେଇଚ ମଞ୍ଜିକ ଗୁଣ୍ଡ ପକାଇ ଗୋଳାଇ ନିଅନ୍ତୁ । ଏହାପରେ ଏଥିରେ ପାଣି ଦେଇ ଚକଟି ନିଅନ୍ତୁ । ସେହିଭଳି ପୁର ପାଇଁ ଚକୋଲେଟକୁ ମେଲ୍ଟ କରି ନିଅନ୍ତୁ । ଏଥିରେ ସମସ୍ତ ଭଜା ଡ୍ରାଏଫ୍ରୁଟ୍ସ ଗୁଣ୍ଡ(ପୁରା ପାଲିସ ଗୁଣ୍ଡ ନୁହେଁ, ଖଣ୍ଡ ଖଣ୍ଡ ଥିବ) ଓ ଚିନି ପକାନ୍ତୁ । ଏହାପରେ ପ୍ରସ୍ତୁତ ଅଟା ଚକଟାରୁ ସିଙ୍ଗଡା ବେଲି ନିଅନ୍ତୁ । ଏହି ସିଙ୍ଗଡାରେ ଚକୋଲେଟ୍ ପୁର ଦେଇ ଗଢି ନିଅନ୍ତୁ । ପରେ ଏହାକୁ ଛାଣି ପ୍ରସ୍ତୁତ କରନ୍ତୁ ଚକୋଲେଟ୍ ସିଙ୍ଗଡା ।

# ଛତୁରୁ ପୋଷାକ



ଛତୁ ଖାଇବାକୁ ସମସ୍ତେ ଭଲ ପାଇଥାଆନ୍ତି । ହେଲେ ଛତୁରୁ ପୋଷାକ ହୋଇପାରିବ ବୋଲି କେହି ଭାବି ନଥିବେ । ହେଲେ ଏହା ସତ ଛତୁରୁ ମଧ୍ୟ ପ୍ରସ୍ତୁତ ହେଉଛି ପୋଷାକ, ଯାହା ଆଗରୁ ଫ୍ୟାଶନର ଫ୍ୟୁଚର ହେବାକୁ ଯାଉଛି । ଆଜିକାଲି ଚାରିଆଡେ ପ୍ରଦୂଷଣକୁ ନେଇ ସଚେତନତା ଦିଆଯାଉଛି । ଯେଉଁଥିରେ ସବୁଠାରୁ ଆଗରେ ଆସୁଛି ବର୍ଜ୍ୟ ପରିଚାଳନା । ଏହି ଦିଗରେ ଫ୍ୟାଶନ ଇଣ୍ଡଷ୍ଟ୍ରୀ ମଧ୍ୟ କାର୍ଯ୍ୟ କରୁଛି । ବର୍ତ୍ତମାନ ଇକୋ ଫ୍ରେଣ୍ଡଲି ଫ୍ୟାଶନ ଭାବେ ଛତୁରୁ ପ୍ରସ୍ତୁତ ଫାଇବରକୁ ବ୍ୟବହାର କରାଯାଉଛି । ଛତୁରେ ଥିବା ମିସେଲିୟମରୁ ଫାଇବର ପ୍ରସ୍ତୁତ କରାଯାଇ ପାରିବ । ଟେକ୍ନୋଲୋଜିର ସାହାଯ୍ୟରେ ମିସେଲିୟମକୁ ଥ୍ରୀଡି ଷ୍ଟ୍ରକଚରରେ ବଢା ଯାଉଛି । ଏହାପରେ ଏଥିରୁ ଇକୋ ଫ୍ରେଣ୍ଡଲି ଫାଇବର ପ୍ରସ୍ତୁତ କରାଯାଉଛି । ଡଚ୍ ଫ୍ୟାଶନ ଡିଜାଇନର ଆନିଲା ହୋଟ୍‌ନିକ୍ ପ୍ରଥମେ ଏହି ଫାଇବରର ଉଦ୍ଭାବନ କରିଥିଲେ, ଯାହାର ନାଁ ଥିଲା ମାଇକୋଟେକ୍ସ । ଏହାକୁ ସେ ଲାବ୍‌ରେ ପ୍ରସ୍ତୁତକରି ଏକ ପୋଷାକ ମଧ୍ୟ ତିଆରି କରିଥିଲେ । ସେଏହି ପୋଷାକକୁ ଏକ ଶୋରେ ପ୍ରଦର୍ଶିତ ମଧ୍ୟ କରିଥିଲେ । ଏହି ପୋଷାକଟି ଆଣ୍ଟି – ମାଇକ୍ରୋବାଇଆଲ ହୋଇଥିବା ବେଳେ ସେନ୍ସିଟିଭି ସ୍କିନ୍ ପାଇଁ ଖୁବ ଭଲ । ବ୍ରିଟିଶ ଡିଜାଇନର ସୁଜାନ ଲି ମଧ୍ୟ ଛତୁ ଫାଇବରରୁ ଏକ ଜାକେଟ୍ ପ୍ରସ୍ତୁତ କରିଥିଲେ । କେବଳ ପୋଷାକ ନୁହେଁ ଏହି ଫାଇବରରୁ ଅନ୍ୟ ଫ୍ୟାଶନ ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରାଯାଉଛି । ୨୦୧୬ରେ ଫ୍ୟାଶନ ଡିଜାଇନର ଷ୍ଟେଲା ମାକ୍‌କାର୍‌ଟେନି ମସରୁମ ଲେଦରରୁ ବ୍ୟାଗ ପ୍ରସ୍ତୁତ କରିଥିଲେ । ବର୍ତ୍ତମାନ ଏହି ଫାଇବରକୁ ବ୍ୟବହାର କରି ଜୋତା, ବ୍ୟାଗ୍, ଘଣ୍ଟା ବ୍ୟାଣ୍ଡ, ଟ୍ରାଉଜର,କ୍ୟାପ୍, ଡ୍ରେସ୍, ଜାକେଟ୍ ଆଦି ପ୍ରସ୍ତୁତ କରାଯାଉଛି ।



# ଇଣ୍ଡଷ୍ଟ୍ରୀରେ ହୋଇଥାଏ ଭେଦଭାବ

ବିଟାଉନ୍‌ରେ ଷ୍ଟାରକିଡ୍ ଓ ଆଉଟ୍‌ସାଇଡରଙ୍କ ମଧ୍ୟରେ ଭେଦଭାବ କରାଯାଇଥାଏ ବୋଲି ବିଟାଉନ୍ ଅଭିନେତ୍ରୀ ନୁସରତ ଭରୁଚା ଏକ ପୋଡକାଷ୍ଟରେ ପ୍ରକାଶ କରିଛନ୍ତି । ନିଜର ନୂଆ ପ୍ରୋଜେକ୍ଟ ଛୋରି ୨ ପାଇଁ ବର୍ତ୍ତମାନ ସେ ଚର୍ଚ୍ଚାରେ ଅଛନ୍ତି, ହେଲେ ତାଙ୍କର ମନରେ ଅଭିମାନ ରହିଥିବା ସେ ଏହି ପୋଡକାଷ୍ଟରେ ପ୍ରକାଶ କରିଛନ୍ତି । ବିଟାଉନରେ ଯେଉଁମାନେ ସେଲିବ୍ରିଟି ପରିବାରରୁ ଆସିଥାଆନ୍ତି ସେମାନଙ୍କୁ ଅଧିକ ସୁଯୋଗ ମିଳିଥାଏ । ହେଲେ ବାହାରୁ ଆସିଥିବା କଳାକାରଙ୍କୁ ଖୁବ ଅଧିକ ପରିଶ୍ରମ କରିବାକୁ ପଡିଥାଏ । ନିଜ ପ୍ରତିଭା ବଳରେ ଏକ ସ୍ୱତନ୍ତ୍ରସ୍ଥାନ ସୃଷ୍ଟି କରିବାକୁ ହୋଇଥାଏ ଯାହା ସେମାନଙ୍କୁ ଖୁବ ଆହ୍ୱାନପୂର୍ଣ୍ଣ ଜୀବନ ଦେଇଥାଏ । ଯେଉଁମାନେ ଷ୍ଟାର କିଡ୍ ହୋଇଥାଆନ୍ତି ସେମାନେ ପ୍ରଥମରୁ ଏକ ଫିଲ୍ମର ମାହୋଲରେ ବଡ ହୋଇଥାଆନ୍ତି । ସେହିଭଳି ସେମାନଙ୍କ ବାପା ମା'ଙ୍କର କନେକସନ୍ ସେମାନଙ୍କୁ ଖୁବ ସାହାଯ୍ୟ କରିଥାଏ, ତେଣୁ ସେମାନଙ୍କୁ ଅଧିକ ସୁଯୋଗ ମିଳିଥାଏ ଲି ନୁସରତ ଏହି ପୋଡକାଷ୍ଟରେ ପ୍ରକାଶ କରିଛନ୍ତି ।





କଟକ ଗତିରାଉତପାଟଣା ମହାନଦୀ ବନ୍ଧ ଉପରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପିସିଆର ଭ୍ୟାନ୍

# ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନିମନ୍ତେ ବୈଠକ



ଭୁବନେଶ୍ୱର (ସବ୍ୟୁ): ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ କରିବା ପାଇଁ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଏସବିଏମ୍ ଆଡ଼ଭାଇଜର ନାମକ ସଂସ୍ଥା ଓଡ଼ିଶାରେ ଦୁଗ୍ଧ ବିକାଶ ମାଧମରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ । ଏହି ବୈଠକରେ ଶ୍ରମ, କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ ଉପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଢ଼ା ଯାଇଥିବା ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି । ବର୍ତ୍ତମାନ ସରକାର ଦାଦନ ଶ୍ରମିକ ଜନିତ ସମସ୍ୟାକୁ ଗୁରୁତ୍ୱର ସହ ନେଉଛନ୍ତି । ଦାଦନ ପ୍ରବଣ ପ୍ରତ୍ୟେକଟି ଜିଲ୍ଲାର କାରଣ ଭିନ୍ନ ଭିନ୍ନ ଅଟେ । ଏହାକୁ ବିଶ୍ଳେଷଣ କରି ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଗୋପାଳନ କରି ସେଥିରୁ ଦୁଗ୍ଧ ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଉତ୍ପାଦ ଉତ୍ପାଦନ କରି ଗ୍ରାମୀଣ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିହେବ । ବିଶେଷକରି ମହିଳାଙ୍କୁ ସ୍ୱାବଲମ୍ବୀ କଲେ ଓ ସେମାନଙ୍କୁ ବର୍ଷ ତମାମ ରୋଜଗାରର ଉତ୍ସ ଯୋଗାଇପାରିଲେ ଦାଦନ ଶ୍ରମିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା । ସରକାରୀ ଯୋଜନାର ପ୍ରଣୟନ ସହିତ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଏସବିଏମ୍ ଆଡ଼ଭାଇଜର କମ୍ପାନୀର ପ୍ରତିନିଧି ଅନୁରୋଧ କରିଥିଲେ । ବୈଠକରେ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଧୀ, ଶ୍ରୀମତୀ ଚିତ୍ରା ଅରୁମୁଗମ, ସୁରେଶ କୁମାର ବଶିଷ୍ଠ, ଏସ ଏନ ଗିରୀଶ, କୃଷି ବିଭାଗ, ଶ୍ରମ ବିଭାଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

### ଜମି ବିକ୍ରି ଟଙ୍କା ନେବା ଲୋଭରେ ଅପହରଣ

# ଅପହୃତ ନାବାଳକ ୬ଘଣ୍ଟାରେ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁରୁ ଅପହୃତ ୮ବର୍ଷର ନାବାଳକକୁ ୬ଘଣ୍ଟାରେ କମିଶନରେଟ୍ ପୋଲିସ ଖୋର୍ଦ୍ଧା ନିରାକାରପୁରରୁ ଉଦ୍ଧାର କରିଛି । ଏହି ଘଟଣାରେ ସମ୍ପୃକ୍ତ ଦୁଇ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଟ୍ୟୁସନ ସାର୍ ବାସୁନୀ ଓରଫ୍ ଶୁଭ୍ରକାନ୍ତ ମହାପାତ୍ର ଅପହରଣର ମାଷ୍ଟରମାଇଣ୍ଡ୍ ବୋଲି ଜଣାପଡିଛି ।

ମଙ୍ଗଳବାର ସକାଳ ୧୦ଟା ୧୦ ସମୟରେ ପାଞ୍ଚଗାଁର ଆର୍ତ୍ତରଞ୍ଜନ କାଳିଆଙ୍କ ପୁଅ ପ୍ରତ୍ୟୁଷ ସ୍କୁଲରୁ ଘରକୁ ଫେରୁଥିଲେ । ପ୍ରତ୍ୟୁଷଙ୍କ ଦେହ ଖରାପ ଥିବା ଟ୍ୟୁସନ ସାର୍ ଜାଣିଥିଲେ । ତେଣୁ ସେ ସ୍କୁଲ ଫେରିବା ସମୟରେ ଟ୍ୟୁସନ ସାର୍ ପ୍ରତ୍ୟୁଷଙ୍କୁ ଡାକ୍ତରଖାନା ଯିବାକୁ କହି ବାଇକ୍‌ରେ ବସାଇ କିଛିବାଟ ନେବା ପରେ କାର୍‌ରେ ନେଇଯାଇଥିଲେ ବୋଲି ଉଦ୍ଧାର




ନାବାଳକ ପ୍ରତ୍ୟୁଷ ଗଣମାଧ୍ୟମକୁ କହିଛନ୍ତି । ତାଙ୍କ ମା'ଙ୍କ କହିବାନୁଯାୟୀ ପୁଅର ଜଣେ ସାଙ୍ଗ ପ୍ରତ୍ୟୁଷଙ୍କୁ ଟ୍ୟୁସନ ସାର୍ ନେବା ବେଳେ ସେ ପିଛାକରି ଯାଇଥିଲା । କିଛିବାଟ ଯିବା ପରେ ତାଙ୍କୁ ବନ୍ଧୁକ ଦେଖାଇ ଘଉଡାଇ ଦେଇଥିଲେ । ପୁଅର ସାଙ୍ଗଠାରୁ ଏହା ଶୁଣିଥିଲେ ମଧ ସେ ବିଶ୍ୱାସ କରିନଥିଲେ । ଗୋଟିଏ ମୋବାଇଲ ନମ୍ବରରୁ ତାଙ୍କ ମା'ଙ୍କ ପାଖକୁ ଫୋନ୍ ଆସିଥିଲା । ଫୋନ୍ ଯିଏ କରିଥିଲେ ସେ କହିଥିଲେ ଯେ, ମୁଁ ବନ୍ଧୁକ ଦେଖାଇ ତୁମ ପୁଅକୁ

**ଦୁଇ ମହିଳାଙ୍କ ସମେତ ୭ ଗିରଫ**
**ଟ୍ୟୁସନ ସାର୍ ମାଷ୍ଟର ମାଇଣ୍ଡ**

ଅପହରଣ କରିଆଣିଛି । କାରଣ ଜମି ବିକ୍ରି ଟଙ୍କା ତମ ପାଖରେ ଅଛି । ସେହି ଟଙ୍କାକୁ ନଦେଲେ ମୁଁ ପୁଅକୁ ଜୀବନରୁ ମାରିଦେବି । ଏହା କହୁଥିବା ବେଳେ ତାଙ୍କ ପୁଅ କାନ୍ଦୁଥିବା ସେ ଶୁଣିଥିଲେ । ଫୋନ୍ କରିଥିବା ବ୍ୟକ୍ତି ପ୍ରତ୍ୟୁଷଙ୍କ ମା'ଙ୍କୁ କହିଥିଲା ଯେ, ଏକଥା ପୋଲିସକୁ କିମ୍ବା ସାହି ପଡିଶାରେ କାହାରିକୁ ନକହିବା ପାଇଁ । ପୋଲିସକୁ କହିଲେ ପୁଅକୁ ମାରିଦିଆଯିବ । ଆମର ଟଙ୍କା ଦରକାର, ଟଙ୍କା ଦେଲେ ପୁଅକୁ ଛାଡିଦିଆଯିବ । କେତେଟଙ୍କା କ'ଣ କହିବା ପୂର୍ବରୁ ଫୋନ୍ କଟିଯାଇଥିଲା । ଏକଥା ପ୍ରତ୍ୟୁଷଙ୍କ ମା' ଗଣମାଧ୍ୟମକୁ କହିବା ସହ ପୋଲିସକୁ ମଧ କହିଛନ୍ତି । ୬ଘଣ୍ଟାରେ ପୁଅ ଉଦ୍ଧାର ହୋଇଥିବାରୁ ପୋଲିସ କାର୍ଯ୍ୟକୁ ଆପଣ କିଭଳି ଭାବୁଛନ୍ତି ବୋଲି ଗଣମାଧମ ପ୍ରତିନିଧିମାନେ ପଚାରିବାରୁ ସେ କହିଥିଲେ ଯେ, ପୋଲିସକୁ ଯେତେ ପ୍ରଶଂସା କଲେ କମ୍ ହେବ । ପୁଅକୁ ସୁରକ୍ଷିତ ଭାବେ ପୋଲିସ ଉଦ୍ଧାର କରିଥିବାରୁ ପ୍ରତ୍ୟୁଷଙ୍କ ପରିବାର ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଗିରଫ ହୋଇଥିବା ୭ ଅଭିଯୁକ୍ତମାନେ ହେଲେ ବାସୁନୀ ଓରଫ ଶୁଭ୍ରକାନ୍ତ ମହାପାତ୍ର (୨୨), ସୋମୁ ଓରଫ ସୋମନାଥ ଦାସ (୨୧), ବିକି ଓରଫ ଚିନ୍ମୟ କୁମାର ନାୟକ (୨୨), ସନ୍ଦିପ ରାଉତରାୟ ଓରଫ ରକି (୨୨), ସାଗର ନାୟକ (୨୧), ସୁଜାତା ଜେନା (୧୯) ଓ ନିବେଦିତା ଦାସ (୨୦) । ଏମାନଙ୍କ ନିକଟରୁ ଗୋଟିଏ ବାଇକ୍, ଗୋଟିଏ କାର୍, ୮ଟି ମୋବାଇଲ ଫୋନ୍ ଓ ଗୋଟିଏ ସିମ୍‌କାର୍ଡ ଜବତ ହୋଇଛି । ଅପହୃତ ଶିଶୁପୁତ୍ରକୁ ଉଦ୍ଧାର କରିବା ପାଇଁ କମିଶନରେଟ୍ ପୋଲିସ ଚାରୋଟି ଟିମ୍ ଗଠନ କରି ଅପରେସନ କରିଥିଲା । ଯେଉଁ ନମ୍ବରରୁ ଫୋନ୍ ଆସିଥିଲା ଓ ଟ୍ୟୁସନ ସାର୍‌ଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରି ପୋଲିସ ଖୋର୍ଦ୍ଧା ନିରାକାରପୁରରେ ପହଞ୍ଚିବାରେ ସମର୍ଥ ହେଲା । ଟ୍ୟୁସନ ସାର୍ ଓ ସହଯୋଗୀମାନେ ପ୍ରତ୍ୟୁଷକୁ ଅପହରଣ କରିବା ପରେ ନିରାକାରପୁରରେ ଘରଭଡା ନେଇ ରହୁଥିବା ପୋଲିସ କହିଛି । ପୋଲିସର ଏହି କାର୍ଯ୍ୟକୁ ସବୁ ମହଲରୁ ପ୍ରଶଂସା କରାଯାଉଛି । ପ୍ରତ୍ୟୁଷ ବାପାଙ୍କ ଏତଲା ଆଧାରରେ ତଦନ୍ତ ଜାରି ରହିଛି । ଗିରଫ ଅଭିଯୁକ୍ତମାନଙ୍କୁ ବିସ୍ତୃତ ଭାବେ ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଛି ।

### ଆଶୀର୍ବାଦ ସାହୁ ହତ୍ୟାକାଣ୍ଡ, ପର୍ଦ୍ଦାଫାସ କଲା ପୋଲିସ

# ନାବାଳକକୁ କୁକର୍ମ ଓ ହତ୍ୟା ଅଭିଯୋଗରେ ବନ୍ଧା ହେଲା ଯୁବକ

ପୁରୀ, (ସବ୍ୟୁ): ଗତ ୧୫ ତାରିଖ ଦିନ ସଂଧ୍ୟା ବେଳେ ଡେଲାଙ୍ଗ ଥାନା ଅନ୍ତର୍ଗତ ରତନପୁର ଗ୍ରାମର ନିଖୋଜ ନାବାଳକ ଆଶୀର୍ବାଦ ସାହୁର ହତ୍ୟାକାଣ୍ଡର ପର୍ଦ୍ଦା ଫାସ କରିଛି ପୋଲିସ । ପୋଲିସ ମୃତ ନାବାଳକର ଶବକୁ ଏକ ପାଇଖାନା ଟାଙ୍କିରୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ କରାଇଛି । ନାବାଳକକୁ କୁକର୍ମ ଓ ହତ୍ୟା ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ରତନପୁର ଗ୍ରାମର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ପରିଚୟ ହେଲା ରତନପୁର ଗ୍ରାମର ପ୍ରଭାକର ସାହୁ ଓରଫ ବାପି(୩୮ ) ଅଟେ ବୋଲି ମଙ୍ଗଳବାର ଅପରାହ୍ଣରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ପୁରୀ ଏସପି ବିନୀତ କୁମାର ଅଗ୍ରୱାଲ । ପୋଲିସ ସୂଚନା ମୁତାବକ ହତ୍ୟାକାରୀ ପ୍ରଭାକର ମୃତ ନାବାଳକର ପଡ଼ୋଶୀ ଅଟେ । ଗତ ୧୫ ତାରିଖ ସନ୍ଧ୍ୟା ୬ ଟା ୪୫ ମିନିଟ ସମୟରେ ହତ୍ୟାକାରୀ ପ୍ରଭାକର ଓ ମୃତ ନାବାଳକ ସେହି ଗ୍ରାମର ଏକ ଭଙ୍ଗା ଘର ନିକଟରେ ଦୁହେଁ ବସି ଥିଲେ । ହତ୍ୟାକାରୀ ପ୍ରଭାକର ନାବାଳକକୁ ଶହେ ଟଙ୍କା ମୂଲ୍ୟର ୪




ଗୋଟି କ୍ରିକେଟ ବଲ ଦେବାକୁ ପ୍ରଲୋଭନ ଦେଖାଇ ତାକୁ ଅପ୍ରାକୃତିକ ଯୌନ କ୍ରିୟା କରି ଥିଲା । ଯାହା ଫଳରେ ନାବାଳକ କ୍ରିକେଟ ବଲ ଲୋଭରେ ହତ୍ୟାକାରୀ କଥାରେ ରାଜି ହୋଇ ଥିଲା । କିନ୍ତୁ ହତ୍ୟାକାରୀ ପରବର୍ତ୍ତୀ ସମୟରେ ଆଉ ନାବାଳକକୁ କ୍ରିକେଟ ବଲ କିମ୍ବା ଶହେ ଟଙ୍କା ଦେଇ ନ ଥିଲା । ଫଳରେ ନାବାଳକ ଏ ସମ୍ପର୍କରେ ତାର ଘରେ କହି ଦେବ ବୋଲି କହି ଥିଲା । କାଳେ କଥା ଗାଁରେ ସମସ୍ତେ ଘଟଣା ସମ୍ପର୍କରେ ଜାଣି ଯିବେ । ଏହା ଭାବି ହତ୍ୟାକାରୀ ପ୍ରଭାକର ନାବାଳକର ମୁହଁକୁ ତାର ଗଞ୍ଜିରେ ଚିପି ଧରି ଥିଲା । ଫଳରେ ନାବାଳକର ଶ୍ୱାସ ରୁଦ୍ଧ ହୋଇ ଅଚେତ୍ ହୋଇପଡିଥିଲା । ଏହା ପରେ ଅଭିଯୁକ୍ତ ପ୍ରଭାକର ନାବାଳକକୁ କେଳୁ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘର ପଛ ପଟେ ଥିବା ପାଇଖାନା ଟାଙ୍କିରେ ପକାଇ ଦେଇ ଘୋଡାଇ ଦେଇ ଥିଲା । ଅନ୍ୟପକ୍ଷରେ ମୃତ ନାବାଳକ ରାତିରେ ଘରକୁ ନ ଫେରିବାରୁ ତାର ପରିବାର ଲୋକେ ଡେଲାଙ୍ଗ ଥାନାରେ ଏକ ଲିଖିତ ଏତଲା ଦାଏର କରି ଥିଲେ । ପୋଲିସ ଓ ଗାଁ ଲୋକ ମାନେ ବହୁ ଖୋଜା ଖୋଜି କରି ଥିଲେ ମଧ ନାବାଳକର ପତ୍ତା ପାଇ ନ ଥିଲେ । ଶେଷରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଖୋଜା ଖୋଜି କରି ଥିଲା । ସନ୍ଧାନୀ କୁକୁର ବାରମ୍ବାର ହତ୍ୟାକାରୀ ପ୍ରଭାକର ଘରକୁ ଯାଇ ଥିଲା । ପୋଲିସ ସନ୍ଦେହରେ ପ୍ରଭାକରକୁ ଥାନାକୁ ଆଣି ପଚରା ଉଚରା କରି ଥିଲା । ସେ ନାବାଳକୁ ହତ୍ୟା କରିବା ଥିବା ଦୋଷ ସ୍ୱୀକାର କରି ଥିଲା ।

# ଜୟପୁର ଛକରେ ବୋମାମାଡ଼

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ଜୟ ପୁର ଛକ ନିକଟରେ ଏକ ବୋମା ମାଡ଼ ହୋଇଛି। ଦୋକାନ ମାଲିକ ଆଶିଷ କୁମାର ଶତପଥୀ ସତ୍ୟବାଦୀ ଥାନାରେ ଦେଇଥିବା ଅଭିଯୋଗରୁ ଏହା ଜଣା ପଡ଼ିଛି। ସୋମବାର ବିଳମ୍ବିତ ରାତି ପ୍ରାୟ ସାଢେ ୨ଟାରୁ ୩ଟା ମଧ୍ୟରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଅଣ୍ଡର ପାସ ରାସ୍ତା ଉପରୁ କେହି ଦୁର୍ବୃତ୍ତ ଦୋକାନ ଉପରକୁ ୩ ଗୋଟି ବୋମା ମାଡ଼ କରିଥିଲେ । ୨ଟି ବୋମା ଫୁଟିଥିଲା। ଗୋଟିଏ ବୋମା ଅଫୁଟା ପଡିଥିଲା ।ଏହି ବୋମା ମାଡ଼ରେ ତାଙ୍କ ଦୋକାନ ଓ ପଡୋଶୀ ଦୋକାନ କ୍ଷତିଗ୍ରସ୍ତ ହୋଇଅଛି । ସତ୍ୟବାଦୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଫୁଟା ବୋମାଟିକୁ ନିଷ୍କ୍ରିୟ କରି ଜବତ କରିଥିଲେ । ଘଟଣା ସ୍ଥଳରୁ ସୁତୁଲି, କାଗଜ ଟୁକୁଡା ଓ ଅନ୍ୟ କିଛି ଜବତ କରିଥିଲେ । ସତ୍ୟବାଦୀ ଥାନାରେ ଏକ ମୋକଦ୍ଦମା ରୁଜୁ ହୋଇଛି।ଘଟଣାର ତଦନ୍ତ ଚାଲିଅଛି ଓ ଖୁବ ଶୀଘ୍ର ଅପରାଧୀ ମାନଙ୍କୁ ଗିରଫ କରାଯିବ ବୋଲି ସତ୍ୟବାଦୀ ଥାନା ଆଇ ଆଇ ସି ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଥିଲେ ।

## ଦେବ ପ୍ରସାଦ ଦାଶ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ



ଭୁବନେଶ୍ୱର(ସବ୍ୟୁ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ (ଓଏଏସ) ଦେବ ପ୍ରାସାଦ ଦାଶ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ସହ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ହୋଇଛନ୍ତି । ତେବେ ସଂସ୍କୃତି ବିଭାଗର ନିଜ ଦାୟିତ୍ୱ ସହ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ । ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସେ ଜଣେ ଦକ୍ଷ ଅଧିକାରୀ ଭାବେ ବିଡିଏ ଓ ବିଏମ୍‌ସି ସହିତ ବିଭିନ୍ନ ବିଭାଗରେ କାର୍ଯ୍ୟ ସମ୍ପାଦନ କରି ପ୍ରଶାସନିକ ଦକ୍ଷତାର ପ୍ରମାଣ ଦେଇଛନ୍ତି । କେବଳ ସେତିକି ନୁହେଁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀ ଦାଶଙ୍କର ଯଥେଷ୍ଟ ଅବଦାନ ରହିଛି । ସେ ଜଣେ ଜଣାଶୁଣା ଲେଖକ ଓ ଉଦ୍‌ଘୋଷକ ଭାବେ ସୁନାମଅର୍ଜନ କରିଛନ୍ତି ।

## ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ବିୟୋଗରେ

## ବରେନ୍ଦ୍ରକୃଷ୍ଣ ଧଳ ମେମୋରିଆଲ ଟ୍ରଷ୍ଟର ଶୋକ

ଭୁବନେଶ୍ୱର, (ସବ୍ୟୁ): ବରିଷ୍ଠ ସାମ୍ବାଦିକ ତଥା ବରେନ୍ଦ୍ରକୃଷ୍ଣ ଧଳ ମେମୋରିଆଲ ଟ୍ରଷ୍ଟ'ର ଅନ୍ୟତମ ସକ୍ରିୟ ସଦସ୍ୟ ରତିକାନ୍ତି ମହାନ୍ତିଙ୍କ ଅକାଳ ବିୟୋଗରେ ସୋମବାର ସନ୍ଧ୍ୟାରେ ଏକ ଶୋକସଭା ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହନ୍ତିଙ୍କ ନିର୍ଭୀକ ଓ ସଚ୍ଚୋଟ ସାମ୍ବାଦିକତା ଏବଂ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସ୍ୱର୍ଗତ ମହାନ୍ତିଙ୍କର ବଳିଷ୍ଠ ଭୂମିକା ସମ୍ପର୍କରେ ଏହି ଶୋକସଭାରେ ଆଲୋକପାତ କରାଯାଇଥିଲା । ଉଭୟ ସାମ୍ବାଦିକତା, ସମାଜସେବା, ସାମାଜିକ ସଂଗଠନ ଆଦି କ୍ଷେତ୍ରରେ ତାଙ୍କର ବଳିଷ୍ଠ ସାହାଯ୍ୟ ଓ ସହଯୋଗ ସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ଏବଂ ଟ୍ରଷ୍ଟ ପାଇଁ ଅପୂରଣୀୟ କ୍ଷତି ବୋଲି ଶୋକସଭାରେ ପ୍ରକାଶ ପାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଳି ଅର୍ପଣ କରାଯାଇଥିଲା । ଏହି ଶୋକସଭାରେ ଟ୍ରଷ୍ଟର ସଦସ୍ୟ ସୂର୍ଯ୍ୟ ମିଶ୍ର, ଶତୃଜିତ, ପ୍ରକାଶ ସେଠୀ, ବିବେକାନନ୍ଦ ଜେନା, ସିଦ୍ଧାର୍ଥ ଧଳ ଏବଂ ପ୍ରୀତିଛନ୍ଦା ଧଳ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କାଶ୍ମୀର ପହେଲଗାମ ଆତଙ୍କୀ ଆକ୍ରମଣକୁ ମୁଖ୍ୟମନ୍ତ୍ରୀଙ୍କ ନିନ୍ଦା

ଭୁବନେଶ୍ୱର, (ସବ୍ୟୁ): ଆଜି ଏକ ଜଘନ୍ୟ ଓ ବର୍ବର କାଣ୍ଡ ଘଟାଇ ଉଗ୍ରପନ୍ଥୀ ମାନେ କାଶ୍ମୀରର ପହେଲଗାମ ଠାରେ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର ଦୃଢ ନିନ୍ଦା କରିବା ସହିତ ମୃତ ପର୍ଯ୍ୟଟକ ମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣାରେ ଜଣେ ଓଡିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାର

**ମୃତକଙ୍କ ପାଇଁ ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**
**ମୃତ ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀରକୁ ତାଙ୍କ ବାସସ୍ଥାନରେ ପହଞ୍ଚାଇବା ବ୍ୟବସ୍ଥା କରାଇବାକୁ ନୂଆଦିଲ୍ଲୀ ସ୍ଥିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ**

ମଧ ସୂଚନା ମିଳିଛି । ସଂପୃକ୍ତ ଓଡିଆ ପର୍ଯ୍ୟଟକଙ୍କ ମର ଶରୀର କିପରି ତାଙ୍କର ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିବ, ସେ ସଂପର୍କରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଓଡିଶା କୃଷକ ସଭା ପକ୍ଷରୁ ୩ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା,(ସବ୍ୟୁ) :ଓଡିଶା କୃଷକ ସଭା (ଏ.ଆଇ.କେ.ଏସ) କେନ୍ଦ୍ରାପଡା ଶାଖା ତରଫରୁ ୨୦୨୪-୨୫ ସରକାରୀ ଧାନକ୍ରୟ ଅବ୍ୟବସ୍ଥା ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ୩ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ ସଂଗ୍ରହ ସମୟରେ ଚାଷୀର ଝୋଟ ବସ୍ତା ପ୍ୟାକେଟ ଫେରସ୍ତ ବା ତାର ମୂଲ୍ୟ ପ୍ରଦାନ କରିବା, ଧାର୍ଯ୍ୟ କୋଟାରେ ସଂଗ୍ରହ ହୋଇ ନଥିବା ଅବଶିଷ୍ଟ ପରିମାଣର ଧାନକୁ ଚାଷୀଙ୍କ ଠାରୁ ସରକାରୀ ଦର ରେ କ୍ରୟ କରାଯିବା, ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ କ୍ରୟ ସମୟରେ ହୋଇଥିବା ଦୁର୍ନିତିର ତଦ' କରାଯାଇ ଦୋଷୀକୁ ଦଣ୍ଡ ପ୍ରଦାନ କରିବା ଅଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ ଦାସ, ସହଦେବ ଦାସ, କଳ୍ପତରୁ ପଲାଇ, ଗୟାଧର ଧଳ, ଦାଶରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଅଜଣା ଗାଡ଼ି ଧକ୍କାରେ ୩ ବାଇକ୍ ଆରୋହୀ ମୃତ

# ମୃତକ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୪ଲକ୍ଷ ସହାୟତା ଘୋଷଣା

ଯୋଡା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଯୋଡା ସହରର ଫ୍ଲାଏ ଓଭର ଅପ୍ରୋଚ ରୋଡ ନିକଟରେ ସୋମବାର ବିଳମ୍ବିତ ରାତି ପ୍ରାୟ ୯ ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଟି ବାଇକ୍‌ରେ ବସିଥିବା ୬ ଜଣଙ୍କ ମଧ୍ୟରୁ ୩ ଜଣ ଜଣଙ୍କ ମୃତ୍ୟୁ ଘଟି ଥିବା ବେଳେ ୩ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଯୋଡା ସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲା। ତେବେ ୩ ଜଣଙ୍କ ମଧ୍ୟରୁ ଜଣେ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସମ୍ପର୍କରେ ଜଣାଇଛି ଯେ,ଦୁଇଟି ବାଇକ ନଂ ଓ ଡି ୦୯ ୫୬୮୯ ଓ ଓ ଡି ୦୯ ଜି ୭୬୨୦ ରେ ୩ଜଣ ଲେଖାଏଁ ବସି ଯୋଡା ରୁ ବଡ଼ବିଲ ଅଭିମୁଖେ ଯାଉଥିଲେ। ଯୋଡା ଫ୍ଲାଏ ଓଭରର ଆପ୍ରୋଚ୍ ରୋଡ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା । ଏହି ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ୩ମୃତକ ବାମେବାରି ଥାନା ହେସାବେଡ଼ା ଅଞ୍ଚଳର ବିଜୟ ମୁଣ୍ଡା (୨୬), ମୋହନ ମୁଣ୍ଡା (୪୫) ଓ ମାସି ନାଗ (୨୩)ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଆହତ ବ୍ୟକ୍ତି ମାନେ ବାମେବାରି ଥାନା ଅଞ୍ଚଳର ବୋଲି ଜଣାପଡିଛି ।ତେବେ ଘଟଣାସ୍ଥଳରେ ଯୋଡା ପୋଲିସ ପହଂଚି ଥିଲେ ହେଁ ଘଟଣାସ୍ଥଳରେ ଚପା ଉତ୍ତେଜନା ଦେଖା ଦେଇଥିଲା। ସୂଚନା ଯୋଗ୍ୟ ଯେ,କିଛି ମାସ ପୂର୍ବରୁ ବିଦ୍ୟାଳୟ କୁ ଯିବା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅଭିଭାବକଙ୍କ ସମେତ ଦୁଇ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା। ତେବେ ବିଳମ୍ବିତ ସୋମବାର ରାତିରେ ହୋଇଥିବା ଏହି ଦୁର୍ଘଟଣା ପରେ ଉତ୍ତେଜିତ ଲୋକ ଫ୍ଲାଏ ଓଭରରେ ଲାଇଟ୍ ଜଳୁ ନ ଥିବା ଏବଂ ଗତି ନିୟନ୍ତ୍ରକ ନ ଥିବାରୁ ଏହିପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଥିଲେ ।ଘଟଣାସ୍ଥଳରେ ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ,ଯୋଡା ଆଇ ଆଇ ସି ସୁଶାନ୍ତ ପ୍ରଧାନ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି କୁ ନିୟନ୍ତ୍ରଣ କରିଥିଲେ । ଏହି ଘଟଣାରେ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝି ଶୋକବ୍ୟକ୍ତ କରିବା ସହ ମୃତକ ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି ।ଏଥିସହ ମୃତ ବ୍ୟକ୍ତିମାନଙ୍କ ନିକଟମ ଆତ୍ମୀୟମାନଙ୍କୁ ୪ଲକ୍ଷ ଟଙ୍କା ସହାୟତା ରେଡ଼କ୍ରସରୁ ପ୍ରଦାନ ଲାଗି କେନ୍ଦୁଝର ଜିଲ୍ଲାପ୍ରଶାସନ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

### କୋଟିଆ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# କୋଟିଆ ଗ୍ରାମ ପଞ୍ଚାୟତର ସ୍ଥିତି ଅନୁଧାନ ପାଇଁ ଗଠିତ ହେବ 'କମିଟି'

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ପଞ୍ଚାୟତ ସଂପର୍କରେ ସମୀକ୍ଷା କରି ସାମ୍ପ୍ରତିକ ସ୍ଥିତି ଅନୁଧାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବୈଠକରେ ଏ ସଂପର୍କରେ ବିସ୍ତୃତ ଆଲୋଚନା ହେବା ପରେ ଏହାର ସମାଧାନ ପାଇଁ ଏକ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ । ଏହି କମିଟି ବର୍ତ୍ତମାନ ସ୍ଥିତି ଅନୁଧାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବେ ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ

**କମିଟିର ଅନୁଧାନ ପରେ କୋଟିଆବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବେ**

ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେଓରଂଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ସଚିବ, ପୋଲିସ ମହାନିର୍ଦ୍ଦେଶକ, ୱାଇ.ବି. ଖୁରାନିଆ ଏବଂ କୋରାପୁଟ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ । ନବରଂଗପୁର ଠାରୁ ଆଭାସୀ ଜରିଆରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଡି ହୋଇଥିଲେ ।

## ସଡ଼କ ସୁରକ୍ଷା ସଚେତନତା ଦିଗରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ 'ସୁରକ୍ଷିତ ଯାତ୍ରା'ର ଶୁଭାରମ୍ଭ

# ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସଡ଼କ ସୁରକ୍ଷାର ଗୁରୁତ୍ୱକୁ ଅଣଦେଖା କରିବା ଉଚିତ୍ ନୁହେଁ । ସଡ଼କ ସୁରକ୍ଷାକୁ କେବଳ ଆଇନ ବ୍ୟବସ୍ଥାରେ ନହେଁ ବରଂ ଜନଆନ୍ଦୋଳନ ରୂପରେ ଦେଖାଯିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କଳ୍ପନା ରହିଛି । ଏହି ପରିପ୍ରେକ୍ଷୀରେ ସ୍କୁଲ ସ୍ତରରେ ସୁରକ୍ଷିତ ଯାତ୍ରା ଶିକ୍ଷା କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ତୃଣମୂଳ ସ୍ତରରେ ସାକାର କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା ଏବଂ ଅନଲାଇନ ଶିକ୍ଷା କାର୍ଯ୍ୟକ୍ରମ 'ସୁରକ୍ଷିତ ଯାତ୍ରା' ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଆମର ଯୁବବର୍ଗମାନେ ବିଦ୍ୟାଳୟ ସ୍ତରରେ ହିଁ ସଡ଼କ ସୁରକ୍ଷା ପ୍ରତି ବ୍ୟବହାରିକ ସଚେତନତା ବିକଶିତ ହେବ । ସେ ଆହୁରି କହିଛନ୍ତି ଯେ ରାଷ୍ଟ୍ରୀୟ ସ୍କୁଲ ଶିକ୍ଷା ପାଠ୍ୟକ୍ରମ ଅନ୍ତର୍ଗତ ଏନସିଇଆରଟି ନୂଆ ପାଠ୍ୟପୁସ୍ତକ ପ୍ରସ୍ତୁତ କରୁଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ବିଭାଗ ତଥା ଏନସିଇଆରଟିକୁ ପରାମର୍ଶ ଦେଇ କହିଛନ୍ତି ଯେ ୨୦୨୫-୨୬ ଶିକ୍ଷା ବର୍ଷରୁ ହିଁ ସଡ଼କ ସୁରକ୍ଷା ବିଷୟ ଉପରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୟସ ଅନୁସାରେ ଉପଯୁକ୍ତ ଅଡ଼ିଓ-ଭିଡ଼ିଓ ମଡ୍ୟୁଲ୍ ପ୍ରସ୍ତୁତ କରାଯାଉ, ଯେଉଁଥିରେ ଏହି ବିଷୟକୁ କ୍ରେଡ଼ିଟ୍ ଆଧାରିତ ପ୍ରଣାଳି ଅନ୍ତର୍ଗତ ପଢ଼ାଯାଇପାରିବ । ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ ଅଟେ । ଏହାସହ ଆମକୁ ଶକ୍ତି ସଂଚୟ ଭଳି ବିଷୟ ଉପରେ ମଧ ଆମ ପିଲାମାନଙ୍କୁ ପ୍ରାଥମିକ ସ୍ତରରୁ ଶିକ୍ଷିତ କରିବାକୁ ପଡିବ । ଆତ୍ମନିର୍ଭର ଭାରତର ଦିଶାରେ ଆମେ ସେମାନଙ୍କୁ ଅକ୍ଷୟ ଉର୍ଜା ଭଳି ବିଭିନ୍ନ ସ୍ରୋତ ସହ ପରିଚିତ କରାଇବା ଆବଶ୍ୟକ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ



କହିଛନ୍ତି, ସଡ଼କ ସୁରକ୍ଷା ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକ ମଧ ଛ ସୋସାଇଟି ଅଫ୍ ଇଣ୍ଡିଆ ନ ଅଟୋମୋବାଇଲ ମ୍ୟାନୁଫ୍ୟାକଚର୍ସ (ଏସ୍ଆଇଏଏମ୍) ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ମିଳିତ ଉଦ୍ୟମରେ ପରିଚାଳିତ ଏହି ଅନଲାଇନ୍ ଶିକ୍ଷା କାର୍ଯ୍ୟକ୍ରମରେ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟରେ ସଡ଼କ ସୁରକ୍ଷା ଏବଂ ସୁରକ୍ଷିତ ସଡ଼କ ବ୍ୟବହାର ଭଳି ପଦକ୍ଷେପ ଗୁଡ଼ିକ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯିବ । ଏଥିପାଇଁ ଯେ ସୁରକ୍ଷା ଛାତ୍ରଛାତ୍ରୀଙ୍କ ଚିନ୍ତାଧାରର ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିବ । କେନ୍ଦ୍ରୀୟ ବିଦ୍ୟାଳୟ ସହ କରାଯାଉଥିବା ଏହି ଅଭିଯାନ ଆଧାରରେ ଏହି ବିଷୟକୁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ବିଦ୍ୟାଳୟରେ ସ୍ଥାନୀୟ ଭାରତୀୟ ଭାଷାରେ ବୁଝାଯିବ । ଏହାବ୍ୟତୀତ ଦିଲ୍ଲୀର କେନ୍ଦ୍ରୀୟ ବିଦ୍ୟାଳୟ- ୨ରେ ସଡ଼କ ସୁରକ୍ଷାର ସମସ୍ତ କାର୍ଯ୍ୟକ୍ରମକୁ ଶେଷ କରି ସେଠାରେ ହାଇଡ୍ରୋଜେନ ଇନ୍ଧନ ଉତ୍ପାଦନ ପ୍ଲାଣ୍ଟର ସ୍ଥାପନା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ବିଦ୍ୟାର୍ଥୀମାନେ ସଡ଼କ ସୁରକ୍ଷା ସହ ଉର୍ଜା ସୁରକ୍ଷାର ବିଷୟରେ ମଧ ବ୍ୟବହାରିକ ଜ୍ଞାନ ପାଇପାରିବେ ବୋଲି ସେ କହିଛନ୍ତି ।

## ରାସନ କାର୍ଡ ବଣ୍ଟନକୁ ନେଇ ତେଜିଲା ବିବାଦ

# ଯୋଗ୍ୟ ହିତାଧିକାରୀଙ୍କୁ ବାଦ ନଦେବାକୁ ଜିଲ୍ଲାପାଳଙ୍କୁ ଭେଟିଲେ ଜନ ପ୍ରତିନିଧି

ଖୋର୍ଦ୍ଧା (ସବ୍ୟୁ): ରାଜ୍ୟ ସରକାର ଆସନ୍ତା ୨୪ତାରିଖ ରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଂଟନ କରିବାକୁ ଯାଉଛନ୍ତି । ଏହା ପୂର୍ବରୁ ବିଭିନ୍ନ ସ୍ଥାନ ରେ ଏହି କାର୍ଡ ଚୟନ କୁ ନେଇ ଅସନ୍ତୋଷ ଦେଖାଦେଇଛି । ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ରେ ସରପଂଚ, ସମିତି ସଭ୍ୟ ମାନେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି । ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ର ୧୯ଟି ପଂଚାୟତ ରେ ୩୦୦୦ରୁ ଉର୍ଦ୍ଧ୍ୱ ଆବେଦନ ପତ୍ର ପଡ଼ିଛି । ସେଥିମଧ୍ୟରୁ ୧୪୦୦ ଦରଖାସ୍ତ ଯାଂଚ ପ୍ରକ୍ରିୟା ଚାଲିଛି। ଆସନ୍ତା ୨୪ ତାରିଖ ରେ ମାତ୍ର ୬ଜଣ ଙ୍କୁ ରାସନ କାର୍ଡ ବଂଟନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଏହାକୁ ନେଇ ସାରା ବ୍ଲକ ରେ ଅସନ୍ତୋଷ ଦେଖାଦେଇଛି। ସମସ୍ତ ପଂଚାୟତ ର ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଏକାଠି ହୋଇ ଏହା ବିରୁଦ୍ଧରେ ପ୍ରତିବାଦ କରିଛନ୍ତି। ସେମାନେ ବ୍ଲକ ସମ୍ମିଳନୀ କକ୍ଷ ରେ ସରକାରଙ୍କ ଏହି ନିଷ୍ପତି ବିରୁଦ୍ଧରେ ପ୍ରତିବାଦ କରିଥିଲେ । ତେଣୁ ବୋଲଗଡ଼ ବ୍ଲକ ରେ ସମସ୍ତ ପଂଚାୟତର ଲୋକ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓ ଙ୍କୁ ପ୍ରଦାନ କରିବା ସହ ବିଧାୟକ ପ୍ରଦୀପ କୁମାର ସାହୁ ଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାପାଳ ଙ୍କୁ ମଧ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଯାଂଚ ହୋଇନଥିବା ଦରଖାସ୍ତ କୁ ତୁରନ୍ତ ଯାଂଚ କରାଇ ଯୋଗ୍ୟ ହିତାଧିକାରୀ ଙ୍କୁ ରାସନ କାର୍ଡ ପ୍ରଦାନ କ୍ଷେତ୍ରରେ ପାତର ଅନ୍ତର ନୀତି



ପାଳନ କଲେ ଆଗାମୀ ଦିନରେ ରାଜ ରାସ୍ତାରେ ଆନ୍ଦୋଳନ ହେବ ବୋଲି ବିଜେଡ଼ି ବିଧାୟକ ପ୍ରଦୀପ କୁମାର ସାହୁ ଚେତାବନୀ ଦେଇଛନ୍ତି । ଏହି ମର୍ମରେ ଆଜି ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ଦେଇଛନ୍ତି ।

# ଆତଙ୍କୀ ଆକ୍ରମଣ ଘଟଣାକୁ ନବୀନଙ୍କ ନିନ୍ଦା

ଭୁବନେଶ୍ୱର (ସବ୍ୟୁ): ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କୀ ଆକ୍ରମଣକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି । ସୋସିଆଲ୍ ମିଡ଼ିଆରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ସଭ୍ୟ ସମାଜରେ ଆତଙ୍କବାଦୀଙ୍କର କୌଣସି ସ୍ଥାନ ନାହିଁ ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ । ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ଓ ଆହତମାନଙ୍କର ଆଶୁଆରୋଗ୍ୟ କାମନା କରୁଛି ।

# ପାଳନ ହେଲା ହମାରେ ହନୁମାନ ଉତ୍ସବ

କଟକ, (ସ୍ୱପ୍ର): ସ୍ଥାନୀୟ ବାଲୁବଜାର ଠାରେ ଥିବା ଶ୍ରୀ ଶ୍ୟାମ ବାବା ମନ୍ଦିରରେ ମାରୱାଡ଼ି ଯୁବାମଞ୍ଚ କଟକ ବିକାଶ ଦ୍ୱାରା ହମାରେ ହନୁମାନ ଉତ୍ସବ ଭକ୍ତିମୟ ପରିବେଶ ଭିତରେ ପାଳିତ ହୋଇଛି । ଭକ୍ତଙ୍କୁ ବିତରଣ କରାଯିବା ପାଇଁ ଅଯୋଧ୍ୟାରୁ ଆସିଥିବା ଗଦା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଉତ୍ସବ ଅଧିକାରୀ ଉମେଶ ସିକାରିଆ ସମସ୍ତ ଶ୍ରଦ୍ଧାଳୁଙ୍କୁ ହନୁମାନ ଉତ୍ସବକୁ ସ୍ୱାଗତ କରିଥିଲା। କଟକର ସୁପ୍ରସିଦ୍ଧ କଳାକାର ବଜରଙ୍ଗ ଚିମିନକା ଓ ଗୌରବ ଅଗ୍ରୱାଲ ହନୁମାନ ଚାଳିଶା ଓ ପରେ ଭଜନ ପରିବେଷଣ କରିଥିଲେ। ତାଙ୍କର ସୁମଧୁର ସ୍ୱର ଏବଂ ଭାବରେ ଭଜନ ପରିବେଷଣ ଶ୍ରଦ୍ଧାଳୁଙ୍କୁ ମନୋରଞ୍ଜନ କରାଇଥିଲା । ମୁଖ୍ୟ ଯଜମାନ କୈଳାସ କୁମାର ଅଗ୍ରୱାଲ ପ୍ରଥମେ ହନୁମାନଙ୍କ ପୂଜା କରିଥିଲେ। ପରେ ଗଣେଷ ବନ୍ଦନାରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା। ପରେ ସମସ୍ତ ଭକ୍ତ ହନୁମାନ ଚାଳିଶା ପାଠ କରିଥିଲେ । ଏହା ପରେ ହନୁମାନଙ୍କ ପାଖରେ ଛପନ ଭୋଗ ଲଗା ଯାଇଥିଲା । ସମସ୍ତ ଭକ୍ତଙ୍କ ପାଇଁ ଭଣ୍ଡାରା ଖୋଲାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା । ମଞ୍ଚର ସଭାପତି ଗୋପାଳ ଟିବଡେୱାଲ, ସଂଯୋଜକ ଉମେଶ ସିକାରିଆ, ସଚିବ ପ୍ରତୀକ ଜାଲାନ, କୋଷାଧ୍ୟକ୍ଷ ନିଶା ଝୁନ୍‌ଝୁନ୍ ୱାଲା ଏବଂ ମଞ୍ଚର ସମସ୍ତ ସଦସ୍ୟ ଏହି ଉତ୍ସର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଛାତ୍ର ନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲରେ ଭେଟିଲେ ଓଡ଼ିଶା ପ୍ରଭାରୀ ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ



ଭୁବନେଶ୍ୱର (ସବ୍ୟୁ): ଗତ ୨୭ ତାରିଖ ଦିନ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଘଟଣାରେ ଅଗଣତାନ୍ତ୍ରିକ ଭାବେ ପୋଲିସ ଦ୍ୱାରା ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସଲାମ ବେଗ, ଚନ୍ଦନ ସାହୁ, ଆସିଫ ଖାନ, ବିଜୟ ସାହୁ ଓ ପ୍ରତୀକ ଦାସଙ୍କୁ ଆଜି ଭେଟିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ। ଶ୍ରୀ ଲଲ୍ଲୁଙ୍କ ସହ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀଙ୍କ ବ୍ୟକ୍ତି ଗତ ସଚିବ ମନୋଜ ସିଂ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ସେମାନଙ୍କୁ ଜେଲ ଭିତରେ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ କହିଥିଲେ ଯେ ଜେଲରେ ଥିବା ଛାତ୍ର ନେତା ଓ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲୁ। ପୋଲିସ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ କେସ କରି ଅଗଣତାନ୍ତ୍ରିକ ଭାବେ ୫ ଜଣଙ୍କୁ ଗିରଫ କରି ଜେଲରେ ପୁରାଇଛି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଆମେ ଏବଂ ଆମର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଡରିଯିବା ଲୋକ ନୁହେଁ। ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବିରେ ଆମ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଲଲ୍ଲୁ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସୁଧାଂଶୁ ଦେଓ, ହିମାଂଶୁ ଲେଙ୍କା, ପ୍ରକାଶ ଜେନା, ପ୍ରଦୀପ ମହାପାତ୍ର, ମନୋଜ ବିଶ୍ୱାଳ, ପ୍ରଶାନ୍ତ ଶତପଥି, ବିଜୟାନନ୍ଦ ଚାଉଳିଆ, ନିରଞ୍ଜନ ନାୟକ, ଅମରେଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ତାରିଣୀଙ୍କ ତୃତୀୟ ଜନ୍ମବାର୍ଷିକୀ



ଭୁବନେଶ୍ୱର (ସବ୍ୟୁ): ମା'ତାରିଣୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୩ ନମ୍ବର ୟୁନିଟ୍‌ସ୍ଥିତ ଖାରବେଳ ନଗର ଅଞ୍ଚଳରେ ମା' ତାରିଣୀଙ୍କ ତୃତୀୟ ଜନ୍ମବାର୍ଷିକୀ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ ଭକ୍ତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସିଲାଇଶ୍ୱରମୂର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବରାଳ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମହାନ୍ତି, ସୁଚିସ୍ମିତା ରାଉତ, ଏସ୍. ଜୟଲକ୍ଷ୍ମୀ, ଉଷାମଣି ବରାଳ, କୁମୁଦିନୀ ନାୟକ, ବୀଣାପାଣି ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ଲକ୍ଷ୍ମଣରେଡ୍ଡୀ ଓ ଦିପ୍‌ସାସୁବୁଦ୍ଧି ପ୍ରମୁଖ ସହାୟତା କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୬ ଅଭିଯୋଗର ତ୍ୱରିତ ସମାଧାନ



କଟକ, (ସବ୍ୟୁ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ୍ କମିଶନରେଟ୍ ଦେବଦତ୍ତ କର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୬ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।


# ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲା ଆର.ଆଇ ସଂଘ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ଜିଲ୍ଲା ଆର.ଆଇ ସଂଘ ଭେଟି ସମ୍ବର୍ଦ୍ଧନା ଦେବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଆର.ଆଇ ସଂଘ ସଭାପତି ଜାନକୀ ବଲ୍ଲଭ ପଟ୍ଟାନାୟକଙ୍କ ନେତୃତ୍ୱରେ ସଂପାଦକ ରଂଜିତ ସାହୁ, ବିଶ୍ୱ ବିଜୟୀ ପରିଡା, ଅଜୟ କୁମାର ମଲିକ, ପ୍ରତ୍ୟୁଷ କୁମାର ଦିକ୍ଷିତ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଡିପିସି ଏବଂ ରାଜସ୍ୱ ବିଭାଗର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।

## ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ

# ଏକ ଲକ୍ଷ ମହିଳା ଚାଷୀଙ୍କୁ ସଶକ୍ତ କରିବ ବାଉଁଶ ଚାଷ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଅଡିଟୋରିଅମ ହଲରେ ଲକ୍ଷପତି ଦିଦିମାନଙ୍କୁ ଆହୁରି ସଶକ୍ତ କରିବା ନିମନ୍ତେ ବାଉଁଶ ଚାଷ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ଦୁଇ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ବାଉଁଶ ପ୍ରସ୍ତୁତ ଉତ୍ପାଦର ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ବାଉଁଶ ଚାଷ ଠାରୁ ଆରମ୍ଭ କରି ବାଉଁଶ ଶିଳ୍ପରେ ଲକ୍ଷପତି ଦିଦିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଛି ।



ମହିଳାମାନଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କୁ ବାଉଁଶ ଭଳି ଲାଭଜନକ ବ୍ୟବସାୟରେ ସାମିଲ କରି ସେମାନଙ୍କ ଉଦ୍ୟୋଗୀ ହେବାର ସ୍ୱପ୍ନ ପୂରଣ କରିବା ନିମନ୍ତେ ଏହିଭଳି କର୍ମଶାଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବାଉଁଶ ଚାଷ ଏକ ଲକ୍ଷ ମହିଳା ଚାଷୀଙ୍କୁ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ । ଓଡ଼ିଶା ଜୀବିକା ମିଶନ ତଥା ବିଭାଗୀୟ ଅଧିକାରୀମାନଙ୍କୁ ଓଡ଼ିଶାକୁ ଲକ୍ଷପତି ଦିଦି ଯୋଜନାରେ ଭାରତରେ ନଂ.୧ ସ୍ଥାନରେ ପହଞ୍ଚାଇବାରେ ସେମାନଙ୍କର ଉତ୍ସର୍ଗୀକୃତ ଏବଂ ଅକ୍ଳାନ୍ତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ, ଡୋମେନ୍ (କ୍ଷେତ୍ର) ବିଶେଷଜ୍ଞମାନେ, ମାଷ୍ଟର ପ୍ରଶିକ୍ଷକମାନେ ଏବଂ ଇଣ୍ଡଷ୍ଟ୍ରି ଫାଉଣ୍ଡେସନ୍ ପରି ଜାତୀୟ ଅଂଶୀଦାର ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବାଉଁଶ ରୋପଣ କୌଶଳ, ଅନ୍ତର୍ଭୁକ୍ତ ଫସଲ ଚାଷ, ମୂଲ୍ୟ ଯୋଗ, ଉତ୍ପାଦ ବିବିଧୀକରଣ, ମୂଲ୍ୟ ନିର୍ଦ୍ଧାରଣ, ଡିଜାଇନ୍ ନବୀକରଣ, ବିପଣନ ଏବଂ ରପ୍ତାନି ସମ୍ଭାବନା ଉପରେ ଅଧିବେଶନ ଆୟୋଜିତ ହେବ । ସମସ୍ତ ଜିଲ୍ଲାର ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର୍, ଜିଲ୍ଲା ପ୍ରୋଜେକ୍ଟ କୋଅର୍ଡିନେଟର୍, ଜୀବିକା ବିଶେଷଜ୍ଞ ଏବଂ କ୍ଲଷ୍ଟର୍ ସ୍ତରୀୟ ପ୍ରଶିକ୍ଷକମାନେ ସକ୍ରିୟ ଭାବରେ ଏହି କର୍ମଶାଳାରେ ଭାଗ ନେଇଥିଲେ ।

# ଦ୍ୱିତୀୟ ଜିଲ୍ଲାସ୍ତରୀୟ ୨୦୨୪-୨୫ବର୍ଷ ଧାନ ସଂଗ୍ରହଣ(ରବି ଧାନ) କମିଟି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳ ଚଂଚଳ ରାଣା ଙ୍କ ଅଧ୍ୟକ୍ଷତାରେ ୨୦୨୪-୨୫ କେଏମଏସ ବର୍ଷର ଦ୍ୱିତୀୟ ଧାନ ସଂଗ୍ରହଣ (ରବିଧାନ)କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସାଂସଦ ପ୍ରତିନିଧି ଦିଲ୍ଲୀପ କୁମାର ପଟ୍ଟନାୟକ, ବିଧାୟକ ମାନଙ୍କ ପ୍ରତିନିଧି ବୃନ୍ଦଙ୍କ ସମେତ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ଏବଂ ବିଭାଗୀୟ ଅଧିକାରୀ ତଥା କମିଟି ସଦସ୍ୟା ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଗତ ଖରିଫ ଧାନ ସଂଗ୍ରହଣ ସମୟରେ ସମସ୍ତ କର୍ମଚାରୀ, ମିଲର ମାଲିକ, ଚାଷୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଯେପରି ନିଷ୍ଠାପର ସେବା ପ୍ରଦାନ କରି ସଫଳ କରାଇଲେ ସେହିପରି ରବିଋତୁରେ ମଧ ନିଷ୍ଠାପର ସେବା ଯୋଗାଇ ଦେବେ । ସମବାୟ ସମିତି ସଭାପତି, ସମ୍ପାଦକ ମାନେ ତତ୍ପରତା ପ୍ରକାଶରେ ଅବହେଳା କଲେ ସେମାନଙ୍କ ଅଧୀନ ପ୍ୟାକ୍ସ ଗୁଡ଼ିକୁ ବନ୍ଦ କରାଯିବ ।

ଚାଷୀ ମାନଙ୍କ ହିତ ନିମନ୍ତେ ପ୍ରଶାସନ କାର୍ଯ୍ୟ କରୁଛି । ଯେଉଁ ସମବାୟ ସମିତି ଧାନ ସଂଗ୍ରହଣରେ ଦାୟିତ୍ୱ ନିର୍ବାହରେ ପକ୍ଷ ପାତିତା କରିବେ ସେମାନଙ୍କ ପ୍ୟାକ୍ସ ବନ୍ଦ କରାଯିବ । ବିଧାୟକ ଶ୍ରୀ ସାହୁ କହିଲେ ଜଳସେଚନକୁ ସଠିକ୍ ଭାବେ ସଂଚାଳନ କଲେ ଚାଷୀମାନେ ଭଲ ଉପକୃତ ହୋଇ ପାରିବେ । ପ୍ୟାକସ ଓ ଚାଷୀ ଧାନର ଗୁଣବତା ର ଦସ୍ତଖତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି ବୋରୱେଲ ଗୁଡ଼ିକୁ ସଚଳପାଇଁ ଉଠାଜଳସେଚନ ବିଭାଗ କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗମ୍ଭାରି ମୁଣ୍ଡା ନୂତନ ପ୍ୟାକସ ଖୋଲିବାକୁ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ନିୟନ୍ତ୍ରିତ ବଜାର କମିଟି ଗୁଡିକ ମଣ୍ଡିକୁ ଆବଶ୍ୟକ ସରଞ୍ଜାମ ଯୋଗାଇବା, ସଚେତନତା କାର୍ଯ୍ୟକ୍ରମ କରିବା, ଚାଷୀ ଆଶ୍ରୟସ୍ଥଳ, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ତାର୍ପୋଲିନ ଭଳି ଅତ୍ୟାବଶ୍ୟକ ଭିତିଭୂମି ଯୋଗାଇବା ଦିଗରେ ପ୍ରକାଶ କରିଥିଲେ ।ମଙ୍ଗୁଳିଆ ପଂଚାୟତ ସଅଁପୁର ଠାରେ ଥିବା ପୋଖରୀକୁ ପୁନରୁଦ୍ଧାର କରି ବର୍ଷାଜଳ ସଂଗ୍ରହ କରିବାକୁ ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ । ଏହିକ୍ରମେ ଜିଲ୍ଲାପାଳ ସମସ୍ତ ଜଳ ସେଚନ ବିଭାଗ ଅଧିକାରୀଙ୍କୁ ଏହି କମିଟିରେ ସଭ୍ୟ/ ସଭ୍ୟା କରିବାକୁ ସିଏସଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକ ଙ୍କ ପ୍ରତିନିଧି ଙ୍କ ରମନା କୁଦ ସମସ୍ୟାର ଧାନ ଉଠାଣ ଉପରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ ମିଲର ମାନେ ତାଙ୍କର ଟାର୍ଗେଟ ଅନୁଯାୟୀ ଧାନ ନିଶ୍ଚିତଭାବେ ଉଠାଇବେ । ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ମଇ ୨୮ତାରିଖରେ ଏବଂ ଅନ୍ୟ ସମସ୍ତ ବ୍ଲକ୍ ପାଇଁ ମଇ ୨୧ରେ ଧାନ ସଂଗ୍ରହ କରାଯିବ ।

ପ୍ରକାଶ ଥାଉକି ଏଫ୍ଏକ୍ୟୁ ଧାନ କୁଇଁଟାଲ ପିଛା ୨୩୦୦ଟଙ୍କା ଏବଂ ଗ୍ରେଡ ଏ ଧାନ କୁଇଁଟାଲ ପିଛା ୨୩୨୦ଟଙ୍କା ରହିଛି । ଧାନ ଦେବାର ୪୮ଘଂଟା ମଧ୍ୟରେ ଚାଷୀଙ୍କ ଆକାଉଁଟ କୁ ପଇସା ଯିବ । ୨୦୨୪-୨୫ ଖରିଫ ଋତୁରେ ଜିଲ୍ଲାରେ ୪୯୦୨୫ କୃଷକ ପଞ୍ଜୀକରଣ ହୋଇଥିବାବେଳେ ୪୮୫୫୪ ଜଣ କୃଷକ ଙ୍କ ପଞ୍ଜିକରଣ ଯାଂଚ କରାଯାଇଛି । ଜିଲ୍ଲାରେ ୧୩୯ପ୍ୟାକ୍ସ ୧୫ସବ ସେଂଟ ର କୁ ନେଇ ୧୫୪ ପ୍ୟାକ୍ସ ଅଛି । ସେହିପରି ୧୫ଗୋଟି ମିଲ ଅଛି । ଚଳିତ ରବି ଋତୁ ଧାନଚାଷରେ ୨୮ ପ୍ୟାକସ ଓ ୨ସବ ସେଂଟର ଦ୍ୱାରା ଧାନ ସଂଗ୍ରହ ହେବ । ଏଥି ନିମନ୍ତେ ୩୨୨୭ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି । ମିଲର ମାନେ ଚାଷୀ ମାନଙ୍କୁ ଅଖା ବ୍ୟାଗ୍ ଯୋଗାଇଦେବେ ।

## ଜିଲ୍ଲାସ୍ତରୀୟ ଡ଼ାଲିଶସ୍ୟ ଜାତୀୟ ଫସଲ ସଂଗ୍ରହ କମିଟି ବୈଠକ

# ବହୁଳ ଚାଷ କରୁଥିବା ଅଞ୍ଚଳରେ ମଣ୍ଡି ଖୋଲିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା, (ସବ୍ୟୁ): ରବିଚାଷ ଯଥା ମୁଗ, ବିରି, ଚିନାବାଦାମ ଏବଂ ସୂର୍ଯ୍ୟମୁଖି ବହୁଳ ଚାଷ ହେଉଥିବା ଅଞ୍ଚଳରେ ମଣ୍ଡି ଖୋଲିବାକୁ ଆଜି ଅପରାହ୍ନରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଂଚଳ ରାଣା ଅଧ୍ୟକ୍ଷତା କରି ରବି ଫସଲ ଅଧିକରୁ ଅଧିକ ହେଉଥିବା ଅଂଚଳରେ ମଣ୍ଡି ଖୋଲିବାକୁ ଗୁରୁତ୍ୱାରୋପ କରିବାସହ ଏ ଦିଗରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ତୃଣମୂଳ ସ୍ତରରେ କର୍ମଚାରୀ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଯେଉଁ ସମବାୟସମିତି ଓ ପ୍ୟାକ୍ସ ରେ ମେମ୍ବରମାନେ ଅଧିକ ଡ଼ାଲି ଜାତୀୟ ଫସଲ କରୁଛନ୍ତି, ସେହି ସ୍ଥାନ ଗୁଡିକରେ ମଧ ମଣ୍ଡି ଖୋଲିବାକୁ ଜିଲ୍ଲାପାଳ ଉପନିବନ୍ଧକ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଲେ ଯେ ଚାଷୀ ମାନଙ୍କୁ ଅନଲାଇନ୍ ମାଧ୍ୟମରେ ପେମେଂଟ ସଠିକ୍ ଭାବେ ହେବା ଜରୁରୀ । ଏ ଦିଗରେ ଜିଲ୍ଲାପାଳ କହିଲେ ଯେ ଏଫ୍‌ପିଓ ମାନଙ୍କୁ ତାଲିମ ଦେବା ଏବଂ ଚାଷୀଙ୍କୁ ସଚେତନତା କରାଇବା ବାଞ୍ଛନୀୟ ଅଟେ । ଚାଷୀମାନଙ୍କ ପଞ୍ଜିକରଣ ଆସନ୍ତା ଶୁକ୍ରବାର ମଧ୍ୟରେ ସାରିବାକୁ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେବାସହ ଦୈନନ୍ଦିନ ଭାବେ ଚାଷୀ ପଞ୍ଜିକରଣ ଅଗ୍ରଗତି ଜିଲ୍ଲାପାଳଙ୍କୁ ଡିଆରସିଏସ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜଣାଇବେ । ଆଇସି କାର୍ଯ୍ୟକ୍ରମ ବ୍ୟାପକବାବେ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଇ ୫ତାରିଖରୁ କ୍ରୟ ଆରମ୍ଭ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ଚଳିତ ୨୦୨୪-୨୫ବର୍ଷରେ ଜିଲ୍ଲାରେ ମୁଗ ୩୯୨୩ମେଟ୍ରିକ୍ ଟନ୍, ବିରି୩୦୮ମେଟ୍ରିକ ଟନ, ଚିନାବାଦାମ ୧୪୦ ମେଟ୍ରିକ୍ ଟନ୍ ଏବଂ ସୂର୍ଯ୍ୟ ମୁଖୀ ୨୫ମେଟ୍ରିକ୍ ଟନ୍ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ବ୍ଲକସ୍ତରୀୟ ଅଧିକାରୀ, ସମବାୟ ସମିତି ସଭାପତି, ସମ୍ପାଦକ ସମ୍ପୃକ୍ତ ବିଭାଗ ଅଧିକାରୀ ଯୋଗଦେଇଥିଲେ ।

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଏବଂ ଏସ୍.ଏ କଲିମଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର, (ସବ୍ୟୁ): ସତ୍ୟନୀଷ୍ଠ, ନିର୍ଭୀକ, ସଚ୍ଚୋଟ ତଥା ଉତ୍ସର୍ଗୀକୃତ ସାମ୍ବାଦିକ ଭାବେ ରାଜ୍ୟରେ ସୁପରିଚିତ ଦୁଇ ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଏବଂ ଏସ୍.ଏ କଲିମଙ୍କ ବିୟୋଗରେ ସୋମବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ସ୍ୱର୍ଗତ ଦୁଇ ସାମ୍ବାଦିକଙ୍କର ସାମ୍ବାଦିକତା କ୍ଷେତ୍ର ପ୍ରତି ସେମାନଙ୍କର ଅବଦାନ ଉପରେ ଆଲୋକପାତ କରାଯିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବିଶେଷକରି ରତିକାନ୍ତ ମହାନ୍ତିଙ୍କର ନିଷ୍ଠାପର ସାମ୍ବାଦିକତା ଏବଂ ବିଧାନସଭା ବିବରଣୀ ପ୍ରସ୍ତୁତିରେ ଉଲ୍ଲେଖନୀୟ ରିପୋର୍ଟିଂକୁ ଆଜି ମଧ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଉଥିବା ବେଳେ ସ୍ୱର୍ଗତ କଲିମଙ୍କ ଜ୍ଞାନଦୀପକ ଲେଖାମାନର ଗ୍ରହଣୀୟତା ସମ୍ପର୍କରେ ବରିଷ୍ଠ ସାମ୍ବାଦିକମାନେ ଆଲୋକପାତ କରିଥିଲେ । ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ହଳଧର ଧୀର, ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିବେକାନନ୍ଦ ଜେନା, ବିଜୟ କୁମାର ପଣ୍ଡା, ପାର୍ଥସାରଥୀ ଜେନା, ସନତ ମିଶ୍ର, ବିଭୂତି ଭୂଷଣ କର, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା, ରମେଶ ଚନ୍ଦ୍ର ସ୍ୱାଇଁ, କିଶୋର ମଙ୍ଗରାଜ, ମହେଶ୍ୱର ରଥ, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ପ୍ରିୟରଞ୍ଜନ ସାହୁ, ହୃଷିକେଶ ଗୌଡ଼, ଅବିନାଶ ମିଶ୍ର, ଗିରିଧାରୀଲାଲ ଷଡ଼ଙ୍ଗୀ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଞ୍ଜୟ ପ୍ରଧାନ, ସନାତନ ଦଳବେହେରା ପ୍ରମୁଖ ଯୋଗଦେଇ ଦୁଇ ଦିବଂଗତ ସାମ୍ବାଦିକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ବହଳଦା ଷ୍ଟେଟ୍‌ବ୍ୟାଙ୍କ ଡକାୟତି ଘଟଣାର ପର୍ଦ୍ଦାଫାସ

# ଦୁଇ ଆନ୍ତଃରାଜ୍ୟ ଡକାୟତ ଗିରଫ, ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ



ବାରିପଦା, (ସବ୍ୟୁ) : ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଏସପିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଏସପି ଭରୁଣ ଗୁଣ୍ଟୁପଲ୍ଲୀ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲା ବହଳଦା ଷ୍ଟେଟ୍ ବ୍ୟାଙ୍କ ଡକାୟତି ଘଟଣାର ପର୍ଦ୍ଦାଫାସ କରିବା ସହ ୨ ଆନ୍ତଃରାଜ୍ୟ ଡକାୟତିଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ଦେଇଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୨୫ ଫେବୃଆରୀ ୨୦ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ଏକ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ହଠାତ୍ ୫ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରକୁ ପଶି ଆସି ବ୍ୟାଙ୍କ କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ନଗଦ ୨୦ଲକ୍ଷଟଙ୍କା ଲୁଟ୍ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏନେଇ ବହଳଦା ଥାନାରେ ୨୮/୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା । ତେବେ ତଦନ୍ତରୁ ଜାଣିବାକୁ ମିଳିଥିଲା ଯେ, ପୂର୍ବରୁ ବାରିପଦା ଟାଉନ ଥାନାରେ ୭୯୭/୨୩ରେ ମାମଲାରେ ହୋଇଥିବା ଚୋରି ଘଟଣା ତଥା ୨୦୨୩ ଡିସେମ୍ବର ୨୭ତାରିଖ ବାରିପଦା ମଣିପୁରମ୍ ଚୋରି ମାମଲାରେ ଏହି ଚୋର ମାନେ ସମ୍ପୃକ୍ତ ଥିଲେ । ତେବେ ଏହି ଚୋରିର ସିସିଟିଭି ଫୁଟେଜ୍‌କୁ ଆଧାର କରି ଦୁଇଜଣ ଆନ୍ତଃରାଜ୍ୟ ଡକାୟତିଙ୍କୁ ଧରିବାରେ ସଫଳ ହୋଇଥିଲା ପୋଲିସ । ଏହି ଡକାୟତି ମାନେ ହେଲେ, ବିହାର ରାଜ୍ୟର ପପୁ ଓରଫ୍ ରାଜିବ୍ ରଞ୍ଜନ(୫୨) ଓ ସନ୍ତୋଷ ଓରଫ୍ ପ୍ରମୋଦ ବିନ୍ଦ(୩୩) । ରାଜିବ୍‌ଙ୍କ ଠାରୁ ନଗଦ ୧୪ଲକ୍ଷଟଙ୍କା ଜବତ କରାଯାଇଥିବାବେଳେ ପ୍ରମୋଦଙ୍କ ଠାରୁ ୧ଲକ୍ଷ ୧୯ହଜାର ୬ଶହ ଟଙ୍କା ଜବତ କରାଯିବା ସହ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଏହି ଡକାୟତିମାନେ ପୂର୍ବରୁ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବାବେଳେ ଏମାନଙ୍କ ସହିତ ଥିବା ଅନ୍ୟ ଅଭିଯକ୍ତମାନଙ୍କୁ ମଧ୍ୟ ଅତିଶୀଘ୍ର ଗିରଫ କରାଯିବା ନେଇ ଏସପି ଶ୍ରୀ ଗୁଣ୍ଟୁପଲ୍ଲୀ ସୂଚନା ଦେଇଥିଲେ ।

## କେନ୍ଦ୍ରୀୟ ସିଭିଲ ସେବା ସଂଶୋଧିତ ବିଲ ମାର୍ଚ୍ଚ ୨୫ ପ୍ରତ୍ୟାହାର ଦାବିରେ

# ବ୍ରହ୍ମପୁରରେ ପେନ୍‌ସନର୍ସଙ୍କ ଗଣଧାରଣା ଓ ବିକ୍ଷୋଭ




ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁର କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘ, ଗଂଜାମ ଜିଲ୍ଲା ଶାଖା ଡ଼ାକରାରେ ଏକ ବିରାଟ ପେନ୍ସନରମାନଙ୍କ ଗଣଧାରଣ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୩୦୦ ରୁ ଅଧିକ ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ। ସଙ୍ଗଠନର ସଭାପତି ଡି.ମୋହନ ରାଓ ଜଣାଇଥିଲେଯେ କେନ୍ଦ୍ରସରକାରଙ୍କ ଅର୍ଥମନ୍ତ୍ରୀ ଗତମାସ ୨୫.୦୩.୨୫ ତାରିଖରେ ଲୋକସଭାରେ ପେନସନ ସଂଶୋଧନ ବିଲ ଆଣି ଓ ଏହାକୁ ୨୭.୦୩.୨୦୨୫ ରେ ରାଜ୍ୟ ସଭାରେ ପାରିତ କରିବା ପରେ ତା ୨୯.୦୩.୨୦୨୫ ରେ ରାଷ୍ଟ୍ରପତିଙ୍କ ମୋହର ବାଜି ଏହାକୁ ଆଇନରେ ପରିଣତ କରାଇପାରିଛନ୍ତି । ଫଳରେ ଅଷ୍ଟମ ବେତନ କମିଶନର ଘୋଷଣା ତା ୩୧.୧୨.୨୦୨୫ ରିଖ ସୁଦ୍ଧା ଅବସର ନେଉଥିବା ପେନସନରର୍ସ ମାନଙ୍କୁ ଆର୍ଥିକ ସୁବିଧାରୁ ବଂଚିତ କରାଯିବାର ମସୁଧା ହୋଇଛି । କିନ୍ତୁ ତା ୦୧.୦୧.୨୦୨୬ ପରେ ଯେଉଁମାନେ ଅବସରନେବେ ସେମାନେ ଫିଟମେଣ୍ଟ କମିଟି ରିପୋର୍ଟ ଦେଲେ ମଧ୍ୟ ସରକାର ନିଜ ସୁବିଧାରେ କେତେବେଳେ ତାହାକୁ ଲାଗୁ କରିବେ। ଯାହାଦ୍ୱାରା ପେନ୍ସନର ମାନଙ୍କୁ ବିଭକ୍ତ କରିବା ଓ ଆନ୍ଦୋଳନକୁ ସଙ୍କୁଚିତ କରିବା ପାଇଁ ସରକାର ଚାହୁଁଛନ୍ତି। ଏହି କଳା ଆଇନକୁ ପ୍ରତ୍ୟାହାର କରିବା ପାଇଁ ସର୍ବଭାରତୀୟ କର୍ମଚାରୀ ଓ ପେନସନର୍ସ ମହାସଂଘ ଓ ଓଡିଶା ରାଜ୍ୟ କର୍ମଚାରୀ ମହାସଂଘ, ଗଂଜାମ ଜିଲ୍ଲା ଡ଼ାକରାରେ ବ୍ରହ୍ମପୁରରେ ଧାରଣା ଓ ବିକ୍ଷୋଭର ଆୟୋଜନ କରାଯାଇଛି । ପୋଷ୍ଟାଲ ପେନସନର୍ସ ସଂଘରୁ ବିଜୟ ଚନ୍ଦ୍ର ସାମନ୍ତରାୟ, ବ୍ୟାଙ୍କ ପେନ୍ସନର ସଂଘରୁ ପ୍ରତାପ ଚନ୍ଦ୍ର ଚୌଧୁରୀ, ବିଦ୍ୟୁତ ବିଭାଗର ପେନ୍‌ସନ୍ ସଂଘର ନେତା ପଞ୍ଚାନନ ଜେନା, ବିଜୟ କୁମାର ବେହେରା, ରଙ୍ଗେଇଲୁଣ୍ଡା ବ୍ଲକର କେ.କୃଷ୍ଣ ମୂର୍ତ୍ତି, ଚିକିଟି ବ୍ଲକର ବି.ଧର୍ମା ରାଓ, ସୋରଡା ବ୍ଲକର ଲଡୁକିଶୋର ସାହୁ, ପ୍ରଭାକର ବିଶୋଇ, ଡି.ସୋମେୟା ଚୌଧୁରୀ ,ଦିଗପହାଣ୍ଡି ବ୍ଲକର ଜୟନ୍ତୀ ବାଳା ମିଶ୍ର, ସଂଗଠନର ସମ୍ପାଦକ ଶଙ୍କର୍ଷଣ ପାତ୍ର, ଯୁଗ୍ମ ସମ୍ପାଦକ ମହର୍ଷି ସିଂ ସହସ୍ର ନାମ ପାଠୀ, ନଳିନୀ କାନ୍ତ ମିଶ୍ର ବକ୍ତବ୍ୟ ରଖି କେନ୍ଦ୍ର ସରକାର ଓ ଓଡିଶା ସରକାର ନିରୀହ ପେନସନ୍ ଭୋଗୀଙ୍କ ୯ ଦଫା ଦାବୀ ପୂରଣ ପାଇଁ ମଧ୍ୟ ଐକ୍ୟବଦ୍ଧ ସଂଗ୍ରାମର ଆବଶ୍ୟକତା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ ସଭାପତି କେ.ନନ୍ଦେଶ୍ବ ସେନାପତି ପ୍ରଚଣ୍ଡ ଖରାକୁ ଖାତିର ନକରି ନିଜର ଦାବୀ ପୂରାଣ ପାଇଁ ଏହି ପରିଣତ ବୟସରେ ସମସ୍ତେ ଏକାଠି ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସଭାପତି ରାଓଙ୍କ ନେତୃତ୍ୱରେ ଉପସଭାପତି ଏସଏନ ଗୁପ୍ତା, ରାଜ୍ୟ ଉପଦେଷ୍ଟା କେ.ନନ୍ଦେଶ୍ବ ସେନାପତି, ଜିଲ୍ଲା ଉପଦେଷ୍ଟା ସହସ୍ର ନାମ ପାଠୀ, କେ.କୃଷ୍ଣମୂର୍ତ୍ତି ରାଓ, ବି. ଧର୍ମା ରାଓ, ବିଜୟ କୁମାର ବେହେରା, ସମ୍ପାଦକ ଶଙ୍କର୍ଷଣ ପାତ୍ର, ନଳିନୀ କାନ୍ତ ମିଶ୍ର, ମହର୍ଷି ସିଂ ଯାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁପସ୍ଥିତିରେ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା : ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣା ସାହି ଛକରେ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଅଭିଯୋଗ ପରେ ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ଶଗଡ଼ିଆ ମାର୍ଥା ସାହିର ଏମ. ସାଇ ରେଡ୍ଡୀ (୨୧) ଓ ଶିବ ଶଙ୍କର ରେଡ୍ଡୀ(୨୦)। ପୋଲିସ ଘଟଣାରେ ବ୍ୟବହୃତ ହୋଇଥିବା ମାରଣାସ୍ତ୍ର ଅଭିଯୁକ୍ତଙ୍କ ନିକଟରୁ ଜବତ କରିଛି। ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପ୍ରକାଶଯେ, ଉକ୍ତ ଥାନା ଅନ୍ତର୍ଗତ ଜେନା ସାହିର ମିଳନ କୁମାର ବେହେରା (୨୭) ଠାକୁରାଣୀ ଯାତ୍ରାରେ ବାଘ ବେଷ ପକାଇବା ପାଇଁ ମାନସିକ କରିଥିଲେ। ସୋମବାର ବିଳମ୍ବିତ ରାତ୍ର ୩ଟା' ରେ ସେ ବାଘ ନାଚ ପ୍ରଦର୍ଶନ କରୁଥିବା ବେଳେ ବାଦ୍ୟ ବଜାଇବାକୁ କେନ୍ଦ୍ରକରି ସେଠାରେ ମିଳନ ଓ ତାଙ୍କ ସମର୍ଥକ ସହ ବାଦ୍ୟ ବଜାଉଥିବା ଯୁବକଙ୍କ ମଧ୍ୟରେ କଥା କଟାକଟି ହେବା ସହ ଠେଲାପେଲା ହୋଇଥିଲା। ବଡି ଭୋର ୬ଟା'ରେ ମିଳନ ଶାର୍ଗୁଣା ସାହି ଛକରେ ଠିଆ ହୋଇଥିବା ବେଳେ ଉକ୍ତ ଦୁଇ ଅଭିଯୁକ୍ତ ସେଠାରେ ପହଞ୍ଚି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆହତ ମିଳନଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ଚିକିତ୍ସିତ ହୋଇ ଫେରିବା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ଦାଦାବଟି ନଦେବାରୁ ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଜେନା ସାହିର ଯୁବକ ରମେଶ ଚନ୍ଦ୍ର ପାତ୍ର ଓରଫ କମଲଙ୍କୁ କିଛି ଯୁବକ ଦାଦାବଟି ମାଗିଥିଲେ। ସେ ପାଟି କରିବାରୁ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୬୪/୨୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି । ଘଟଣାରୁ ପ୍ରକାଶଯେ, ମଙ୍ଗଳବାର ୧୦ ରୁ ୧୫ ଜଣ ଯୁବକ ହାତରେ ବନ୍ଧୁକ ଓ ଠେଙ୍ଗା ଧରି କମଲଙ୍କ ନିକଟକୁ ଯାଇ ମାସକୁ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ । ଏପରିକି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ସେ ଦାଦାବଟି ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଏପରିକି କିଛି ରାଜନେତାଙ୍କ ନାମ ନେଇ ତାଙ୍କୁ ଧମକ ଦେଇଥିଲେ ବୋଲି କମଲ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।

# ଜେଇଇ ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଛାତ୍ରଛାତ୍ରୀଙ୍କ ସଫଳତା




ବ୍ରହ୍ମପୁର, (ସବ୍ୟୁ): ଗତ ୧୮ ତାରିଖ ମଧ୍ୟରାତ୍ରୀରେ ପ୍ରକାଶିତ ଜେ.ଇ.ଇ ମେଏନ୍ସ ଅନ୍ତିମ ପରୀକ୍ଷା ଫଳରେ ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର ଛାତ୍ରଛାତ୍ରୀମାନେ ଉତ୍କର୍ଷ ପରୀକ୍ଷାଫଳ ପ୍ରଦର୍ଶନ କରିଛନ୍ତି। ଅନୁଷ୍ଠାନରେ ୩୯ଜଣ ଜେ.ଇ.ଇ ପାଇଁ ପ୍ରଶିକ୍ଷଣ ନେଉଥିଲେ । ସେଥିରୁ ଶ୍ରୀଅଙ୍କା ପଟ୍ଟନାୟକ ଜେ.ଇ.ଇ ପ୍ରଥମ ପର୍ଯ୍ୟାୟ ବି.ଆର୍କରେ ସର୍ବଭାରତୀୟ ସ୍ତରରେ ୨୦ତମ ସ୍ଥାନ ଅଧିକାର କରିଥିଲାବେଳେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୁଇଜଣ ଛାତ୍ର ୯୮ ପର୍ ସେଣ୍ଟାଇଲରୁ ଊର୍ଦ୍ଧ୍ୱ ରଖିଥିଲା ବେଳେ ୧୪ ଜଣ ଛାତ୍ରଛାତ୍ରୀ ୯୫ ଊର୍ଦ୍ଧ୍ୱ ପର୍ ସେଣ୍ଟାଇଲ୍ ରୁ ଊର୍ଦ୍ଧ୍ୱ ରଖିଛନ୍ତି ଓ ୨୮ଜଣ ଛାତ୍ରଛାତ୍ରୀ ୯୦ରୁ ଊର୍ଦ୍ଧ୍ୱ ପର୍ ସେଣ୍ଟାଇଲ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ଅନୁଷ୍ଠାନର ଶିକ୍ଷକ କର୍ମକର୍ତ୍ତା ଓ ନିର୍ଦ୍ଦେଶକ କୃତି ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଆଡଭାନ୍ସ ପରୀକ୍ଷାରେ ସଫଳତା ପାଇଁ କାମନା କରିଛନ୍ତି। ପ୍ରକାଶ ଥାଉକି ଆର୍ଯ୍ୟଭଟ୍ଟ ବ୍ରହ୍ମପୁର ୨୦ ବର୍ଷ ଧରି ଜାତୀୟ ସ୍ତରର ପ୍ରବେଶିକା ପାଇଁ ପ୍ରଶିକ୍ଷଣ ଦେଇ ଆସୁଅଛି ଓ ଜିଲ୍ଲାରେ ତଥା ଦକ୍ଷିଣ ଓଡ଼ିଶାରେ ପ୍ରବେଶିକା ପରୀକ୍ଷା ଭିତ୍ତିକ ଶିକ୍ଷାଦାନରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ କରି ଆସିଅଛି । ଅନେକ ଛାତ୍ର ଓ ୨୦ ରୁ ୨୨ ଜଣ ଛାତ୍ରୀ ଏହି ଅନୁଷ୍ଠାନରୁ କୃତକାର୍ଯ୍ୟ ହୋଇ ଅନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ଅଛନ୍ତି କିମ୍ବା ଆନ୍ତର୍ଜ୍ୟାତୀୟ ସ୍ତରର ଖ୍ୟାତି ସମ୍ପର୍ଣ୍ଣ ଉଚ୍ଚତର ଅନୁଷ୍ଠାନ ଯଥା ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ, ଟେକ୍ସାସ୍ ୟୁନିଭର୍ସିଟି, ୱାରଓ୍ୱିକ୍ ୟୁନିଭରସିଟି, ୱାସିଙ୍ଗଟନ ୟୁନିଭରସିଟି ଇତ୍ୟାଦି ଉଚ୍ଚତର ଅନୁଷ୍ଠାନରେ ଗବେଷଣାରତ ଅଛନ୍ତି କିମ୍ବା ଗବେଷଣା ସମ୍ପୂର୍ଣ୍ଣ କରି ବୈଜ୍ଞାନିକ ହୋଇପାରିଛନ୍ତି।

# ୩୪ ନିଖୋଜ ଶିଶୁ ଉଦ୍ଧାର

ଛତ୍ରପୁର, (ସବ୍ୟୁ) : ଜିଲ୍ଲାରେ ଗଞ୍ଜାମ ପୋଲିସ ପକ୍ଷରୁ ୩୪ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ସେଥିମଧ୍ୟରୁ ୩୦ ଜଣ ନାବାଳିକା ଏବଂ ୪ ଜଣ ନାବାଳକ ରହିଥିବା ସୂଚନା ମିଳିଛି । ଗଞ୍ଜାମ ଜିଲ୍ଲାରେ ଚଳିତ ମାସ ୧୫ରୁ ଅଧିକ ପିଲାମାନେ ନିଖୋଜ ଥିବାର ଅଭିଯୋଗ ପରେ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଅପରେସନ୍ । ଗଞ୍ଜାମ ଏସିପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନାର ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ନିଖୋଜ ଥିବା ପିଲାମାନଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଶେଷରେ ପୋଲିସକୁ ମିଳିଛି ସଫଳତା । ପୋଲିସର ଉଦ୍ୟମ ବଳରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୪ ଶିଶୁଙ୍କୁ ଉଦ୍ଧାର କରିଛି । ଯେଉଁଥିରେ ୩୦ ଜଣ ନାବାଳିକ ଓ ୪ ଜଣ ନାବାଳକ ରହିଥିବା ଗଞ୍ଜାମ ଏସ୍ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଗଞ୍ଜାମ ଏସ୍ପି କହିଛନ୍ତି । ଏହାସହିତ ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ ।

# ମା'ଙ୍କ ଦର୍ଶନ ବେଳେ ଭ୍ୟାନିଟରୁ ସୁନା ମୁଦି ଚୋରି

ବ୍ରହ୍ମପୁର, (ସବ୍ୟୁ): ମା' ବୁଢୀ ଠାକୁରାଣୀଙ୍କ ଯାତ୍ରା ସ୍ଥଳ ଏବେ ଚୋରଙ୍କ ପେଣ୍ଠସ୍ଥଳୀ ପାଲଟିଛି। କିଛିଦିନ ହେଲା ସେଠାକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁ ଅସୁରକ୍ଷିତ ହୋଇଛନ୍ତି। ଦେଶିବେହେରା ସାହିରେ ଚୋରିହାର ବଢିବାରେ ଲାଗିଛି। ଏହି ଧାରାରେ ଦର୍ଶନ କରିବାକୁ ଯାଇଥିବା ଜଣେ ମହିଳାଙ୍କ ଭ୍ୟାନିଟ ବ୍ୟାଗରୁ ସୁନା ମୁଦି ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୋଲିସ ୧୫୯/୨୫ରେ ଏକ ମାମଲା ରୁଜୁ କରିଛି। ଯାତ୍ରା ସ୍ଥଳରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଗୋପାଳପୁରର ମହଲା କେ. ରୋଜାରାଣୀ ମା' ବୁଢୀ ଠାକୁରାଣୀଙ୍କ ଯାତ୍ରା ଦେଖିବାକୁ ବ୍ରହ୍ମପୁର ଆସିଥିଲେ। ମା'ଙ୍କୁ ଦର୍ଶନ କରିବା ପୂର୍ବରୁ ସେ ବଡବଜାର ସ୍ଥିତ ଏକ ସୁନା ଦୋକାନରୁ ୨.୭ ଗ୍ରାମ ଓଜନର ଏକ ସୁନା ମୁଦି କିଣିଥିଲେ । ସେହି ମୁଦିକୁ ନିଜ ଭ୍ୟାନିଟ ବ୍ୟାଗରେ ରଖି ଦର୍ଶନ କରିବାକୁ ଯାଇଥିଲେ। ସେ ଧାଡିରେ ଛିଡା ହୋଇ ଦର୍ଶନ କରୁଥିବା ବେଳେ ତାଙ୍କ ଭ୍ୟାନିଟରୁ ସୁନା ମୁଦିଟି ଗାୟବ ହୋଇଯାଇଥିଲା। କିଛି ସମୟ ପରେ ସେ ମୁଦି ଚୋରି ହୋଇଯାଇଥିବା ଜାଣିବା ପରେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ।

# ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରୀରେ ଆକ୍ରମଣ କରିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କୁଠାରୀ ମନ୍ଦିର ସାହିର କାଳିଆ ଗୌଡ। ପୋଲିସ ମାମଲା ନଂ୧୫୮/୨୫ ରେ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାପ୍ରକାରେ, କୁଠାରୀ ମନ୍ଦିର ସାହିର ନର୍ମଦା ନାୟକଙ୍କ ପୁଅ ତ୍ରିପତି ନାୟକଙ୍କ ସହ ଅଭିଯୁକ୍ତ କାଳିଆ ଗୌଡ ମଧ୍ୟରେ ବ୍ୟବସାୟକୁ ନେଇ ଶତ୍ରୁତା ଲାଗି ରହିଥିଲା । ୨ ଦିନ ତଳେ କାଳିଆ ଉତ୍କଳ ସିନେମା ହଲ ନିକଟ ରଙ୍ଗୁଣୀବନ୍ଧ ସାହିକୁ ତ୍ରିପତିଙ୍କୁ କଥା ହେବାକୁ ଡାକିଥିଲେ । ସେଠାରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଉତକ୍ଷିପ୍ତ ହୋଇ କାଳିଆ ଏକ ଛୁରୀ ବାହାର କରି ତ୍ରିପତିଙ୍କ ପେଟକୁ ଭୁଷିବାକୁ ଉଦ୍ୟମ କରିଥିଲେ। ତେବେ ଏହାର ପ୍ରତିବାଦ କରିବାରୁ ତ୍ରିପତିଙ୍କ ପେଟରେ ବାଜିବା ବଦଳରେ ହାତରେ ଛୁରୀ ବାଜି ସେ ଗଭୀର ଭାବେ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଆହତଙ୍କ ମା ଘଟଣାକୁ ନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ ।

# କବି ସମ୍ରାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ



କୁଲାଡ, (ସବ୍ୟୁ): ଭଞ୍ଜନଗର ବ୍ଲକ କୁଲାଡ କବି ସମ୍ରାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଚଳିତବର୍ଷର ପ୍ରଥମ ଅଭିଭାବକ ଓ ଶିକ୍ଷକ ସମ୍ମୀଳନୀ ବିଦ୍ୟାଳୟ ଉନ୍ନୟନ କମିଟିର ଅଧ୍ୟକ୍ଷ ଗୌରୀ ନନ୍ଦନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କମିଟିର ସଦସ୍ୟ ତଥା ସ୍ଥାନୀୟ ସରପଞ୍ଚ ଭି. ସଂଯୁକ୍ତା ରାଜୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଅଭିଭାବକ ମାନଙ୍କୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମଳିକ ସ୍ୱାଗତ ଜଣାଇ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ପ୍ରଦାନ, ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ସାମିଲ୍, ଅଧାରେ ପାଠ ଛାଡୁଥିବା କିମ୍ବା ନାମ ଲେଖାଇ ନଥିବା ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ ସହ ଅଂଶୁଘାତ ଉପରେ ସଚେତନତା ଓ ବିଭିନ୍ନ ବିଷୟକୁ ନେଇ ଅଧ୍ୟକ୍ଷ ଓ ଅନ୍ୟମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ଅଭିଭାବକଙ୍କ ତରଫରୁ ମଧ୍ୟ କେତେକ ପ୍ରସ୍ତାବ ଆସିଥିଲା। କାର୍ଯ୍ୟକ୍ରମରେ କେତେକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ନିଶାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ବିଦ୍ୟାଳୟ ଉନ୍ନୟନ କମିଟିର ସଭ୍ୟ, ସଭ୍ୟା ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦାନ କରିଥିଲେ ।


# ତାମିଲନାଡୁ ଚାଲାଣ ହେଉଥିଲା ଗଞ୍ଜେଇ ରେଲଷ୍ଟେସନ ନିକଟରୁ ଦୁଇଜଣଙ୍କୁ ମାଡିବସିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରରୁ ଟ୍ରେନ ଯୋଗେ ତାମିଲନାଡୁ ଗଞ୍ଜେଇ ଚାଲାଣ କରୁଥିବା ୨ ଜଣ ଯୁବକଙ୍କୁ ଅବକାରୀ ପୋଲିସ ଗିରଫ କରିଛି। ଉକ୍ତ ୨ ଯୁବକ ନିଜ ବ୍ୟାଗରେ ଗଞ୍ଜେଇ ଧରି ଷ୍ଟେସନ ଭିତରକୁ ପ୍ରବେଶ କରୁଥିବା ବେଳେ ଅବକାରୀ ସଦର ରେଞ୍ଜ ସେମାନଙ୍କୁ ମାଡିବସିଛି। ସେମାନଙ୍କ ନିକଟରୁ ୧୨ କେଜି ୪୧୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଗିରଫ ଯୁବକମାନେ ହେଲେ ତାଲିମଲନାଡୁ ତିରପୁର ଅଞ୍ଚଳର ଏମ ଶକ୍ତିକୁମାର(୨୧) ଓ ଏ. ରାହୁଲ କୁମାର(୨୮)। ସୂଚନାପ୍ରକାରେ, ତାଲମିଲନାଡୁର ୨ ଜଣ ଯୁବକ ଟ୍ରେନରେ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ସଦର ରେଞ୍ଜ ଟିମକୁ ଖବର ମିଳିବା ପରେ ବିଭାଗୀୟ ଅଧିକାରୀ ଅର୍ଜୁନ ମଲିକଙ୍କ ନେତୃତ୍ୱରେ ରେଲଷ୍ଟେସନ ନିକଟରେ ଯାଞ୍ଚ କରାଯାଇଥିଲା । ଏହି ସମୟରେ ଅଭିଯୁକ୍ତ ଶକ୍ତି ଓ ରାହୁଲ ନିଜ ଏୟାର ବ୍ୟାଗ ଧରି ରେଲଷ୍ଟେସନ ଭିତରକୁ ପ୍ରବେଶ କରୁଥିଲେ। ସେମାନଙ୍କ ଗତିବିଧି ଉପରେ ସନ୍ଦେହ ହେବାରୁ ପୋଲିସ ଉଭୟଙ୍କୁ ଅଟକାଇ ବ୍ୟାଗ ଯାଞ୍ଚ କରିବା ବେଳେ ଉକ୍ତ ଗଞ୍ଜେଇ ଜବତ ହୋଇଥିଲା।

# ରେଲଷ୍ଟେସନରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ ଟ୍ରେନରେ ଗଞ୍ଜେଇ ଚାଲାଣ ପାଇଁ ବ୍ରହ୍ମପୁର ରେଲଷ୍ଟେସନର ପ୍ଲାଟଫର୍ମ ୨ରେ ଟ୍ରେନକୁ ଅପେକ୍ଷା କରିଥିବା ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲା କୋଦଲା ଥାନା ଅନ୍ତର୍ଗତ ମଠ ବ୍ରହ୍ମପୁରର ଅକ୍ଷୟ କୁମାର ସାହୁ (୨୩) ଓ ରମ୍ଭା ଥାନା ଅନ୍ତର୍ଗତ ଡ଼ିଏନଟି କଲୋନୀର ଦିପକ ନାୟକ(୨୦)। ପୋଲିସ ସେମାନଙ୍କ ନିକଟରୁ ୨୯ କେଜି ୬୮୫ ଗ୍ରାମ ଗଞ୍ଜେଇ ଜବତ କରିଛି। ମାମଲା ନଂ୬୨/୨୫ ରେ ଉକ୍ତ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଉଭୟ ରେଳ ସୁରକ୍ଷା ବଳ (ଆରପିଏଫ)ଓ ରେଳବାଇ ପୋଲିସ (ଜିଆରପି) ମିଳିତ ଭାବେ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିଛି। ପ୍ରକାଶ ଯେ, ବ୍ରହ୍ମପୁର ରେଲଷ୍ଟେସନ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଉଭୟ ଆରପିଏଫ ଓ ଜିଆରପି ରେଲଷ୍ଟେସନରେ ପେଟ୍ରୋଲିଂ କରୁଥିଲେ। ଦୁଇ ଓ ତିନି ନଂ ପ୍ଲାଟଫର୍ମ ମଧ୍ୟରେ ସନ୍ଦେହ ଜନକ ଭାବେ ଠିଆ ହୋଇଥିବା ଦୁଇଜଣ ଯୁବକଙ୍କୁ ପୋଲିସ ଅଟକାଇ ସେମାନେ ଧରିଥିବା ଏୟାର ବ୍ୟାଗ ଗୁଡିକୁ ଯାଞ୍ଚ କରିଥିଲେ। ଦୁଇଟି ବ୍ୟାଗରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ ହୋଇଥିଲା ବୋଲି ପୋଲିସ କହିଛି।

# ଅମୃତ ଭାରତ



ଅମୃତ ଭାରତ ୨.୦ ଟ୍ରେନ୍ ଭାରତୀୟ ରେଳବାଇର ଏକ ଆଧୁନିକ ପଦକ୍ଷେପ, ଯାହା ସାଧାରଣ ଯାତ୍ରୀମାନଙ୍କୁ କମ ଭଡ଼ାରେ ଉନ୍ନତ ସୁବିଧା, ଆରାମ ଏବଂ ସ୍ୱଦେଶୀ ପ୍ରଯୁକ୍ତିର ଅଭିଜ୍ଞତା ପ୍ରଦାନ କରେ । ଏହି ଟ୍ରେନଟି ସ୍ୱତନ୍ତ୍ର ଭାବରେ ମଧ୍ୟବିତ୍ତ ବର୍ଗ ଏବଂ ଅନ୍ତ୍ୟୋଦୟ ପାଇଁ ଡିଜାଇନ୍ କରାଯାଇଛି । ଏହାର କୋଚ୍ ସମ୍ପୂର୍ଣ୍ଣ ଭାବରେ ଭାରତରେ ନିର୍ମିତ ଏବଂ ଆତ୍ମନିର୍ଭରଶୀଳ ଭାରତର ଭାବନାକୁ ଆହୁରି ସୁଦୃଢ଼ କରିଥାଏ ।

ଅମୃତ ଭାରତ ଟ୍ରେନ୍ ସୁବିଧାଜନକ । ଏହାର ଲୁକ୍ ଏବଂ ଡିଜାଇନ୍ ମଧ୍ୟ ବହୁତ ଆକର୍ଷଣୀୟ । ଏହା ଏକ ପ୍ରିମିୟମ୍ ଟ୍ରେନର ଅଭିଜ୍ଞତା ପ୍ରଦାନ କରେ । ସାଧାରଣ ଲୋକ ମଧ୍ୟ ସମ୍ମାନ ଏବଂ ଆରାମର ସହିତ ଯାତ୍ରା କରିପାରିବେ ବୋଲି ରେଳବାଇର ପ୍ରୟାସ ଏବଂ ଏହି ଚିନ୍ତାଧାରା ସହିତ ଏହି ଟ୍ରେନ୍ ଆରମ୍ଭ କରାଯାଇଛି । ପରିବେଶ ସଚେତନତା, ଶକ୍ତି ସଂରକ୍ଷଣ ଏବଂ ଯାତ୍ରୀ ସୁବିଧା – ଏହି ତିନୋଟି ଦିଗ ହେଉଛି ଏହି ଟ୍ରେନର ପରିଚୟ । ଏହି ଟ୍ରେନ୍ ଦେଶର ବିକାଶର ନୂତନ ଗତି ଏବଂ ପରିବର୍ତ୍ତିତ ଭାରତର ଏକ ଝଲକ ।

**ପ୍ରଯୁକ୍ତିବିଦ୍ୟା ସହିତ ଉନ୍ନତ ସୁରକ୍ଷା :** ସୁରକ୍ଷା ଏବଂ ବୈଷୟିକ ଦୃଷ୍ଟିକୋଣରୁ ଅମୃତ ଭାରତ ୨.୦ ଟ୍ରେନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି କରାଯାଇଛି । ସୁରକ୍ଷାକୁ ଧ୍ୟାନରେ ରଖି, କପଲରରେ ଏକ କ୍ରାସ୍ ଟ୍ୟୁବ୍ ଏବଂ ଇପି –ସହାୟିତ ବ୍ରେକ୍ ସିଷ୍ଟମ୍ ଦିଆଯାଇଛି, ଯାହା ଦ୍ରୁତ ବ୍ରେକ୍ କରିବା ପାଇଁ ସକ୍ଷମ ହେବ । ଏହା ସମ୍ପୂର୍ଣ୍ଣ ସିଲ୍ ହୋଇଥିବା ଗ୍ୟାଙ୍ଗୱେ ଏବଂ ଭାକ୍ୟୁମ୍ ଇଭାକ୍ୟୁଏସନ୍ ସିଷ୍ଟମ ସହିତ ସଜ୍ଜିତ ।ପ୍ରତ୍ୟେକ କୋଚରେ ଟକ୍ ବ୍ୟାକ୍ ୟୁନିଟ୍ ଏବଂ ଗାର୍ଡ ରୁମରେ ରେସପନ୍ସ ୟୁନିଟ୍ ସହିତ ଯାତ୍ରୀ ସୁରକ୍ଷାକୁ ଆହୁରି ସୁଦୃଢ଼ କରାଯାଇଛି । ନନ୍–ଏସି କୋଚରେ ପ୍ରଥମ ଥର ପାଇଁ ଅଗ୍ନି ଚିହ୍ନଟ ପ୍ରଣାଳୀର ସୁବିଧା ଯାତ୍ରୀ ସୁରକ୍ଷାରେ ଏକ ନୂତନ ବିପ୍ଳବ ।

**ସମସ୍ତ ପରିସ୍ଥିତିରେ ଆରାମଦାୟକ ଯାତ୍ରା :** ଅମୃତ ଭାରତ ୨.୦ ସହିତ, ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଏକ ଟ୍ରେନରେ ଅର୍ଦ୍ଧ–ସ୍ୱୟଂଚାଳିତ କପଲର ବ୍ୟବହାର କରାଯାଇଛି । ଯେତେବେଳେ ଟ୍ରେନଗୁଡ଼ିକ ସଂଲଗ୍ନ କିମ୍ବା ପୃଥକ କରାଯାଏ, କୌଣସି ଝଟକା କିମ୍ବା ଶବ୍ଦ ହୁଏ ନାହିଁ । ଏଥିରେ ସ୍ଥାପିତ ଡିଫର୍ମସନ ଟ୍ୟୁବ୍ ଧକ୍କା ହେଲେ ଆଘାତକୁ ହ୍ରାସ କରେ, ଯାହା ଫଳରେ ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି ପାଏ ।ଏହି ରେକ୍ ଲୋକୋମୋଟିଭ୍ ସହିତ କେବଳ ସ୍ଥିରତା ପ୍ରଦାନ କରେ ନାହିଁ ବରଂ ସର୍ବାଧିକ ଗତି ଏବଂ ଉତ୍ତମ ପରିଚାଳନା କ୍ଷମତା ମଧ୍ୟ ସୁନିଶ୍ଚିତ କରେ ।

**ସ୍ପିଡ୍ କେ ସାଥୀ ୨ ଇଞ୍ଜିନ୍ :** ଏହି ଟ୍ରେଡ଼ଟି ଏକ ଏଲଏଚବି ପୁସ୍–ପୁଲ୍ ଟ୍ରେନ୍ । ଭଲ ଗତି ପାଇଁ ଏହାର ଉଭୟ ପାର୍ଶ୍ୱରେ ଇଞ୍ଜିନ ଲଗାଯାଇଛି, ଯାହା ଶକ୍ତି ଖର୍ଚ୍ଚ ହ୍ରାସ କରେ । ଟ୍ରେନଟି ଶୀଘ୍ର ଗତି କରିପାରିବ ଏବଂ ବ୍ରେକ୍ କରିପାରିବଛ ଘଣ୍ଟା ପ୍ରତି ସର୍ବାଧିକ ୧୩୦ କିଲୋମିଟର ବେଗ ଏହାକୁ ଗତିର ସାରଥି କରିଥାଏ ।

**ଯାତ୍ରୀ ସୁବିଧା ଯୋଗାଇବା :** 'ସବକା ସାଥ, ସବକା ବିକାଶ' ଭାବନା ସହିତ ୨.୦ ଟ୍ରେନକୁ ଅପଡେଟ୍ କରାଯାଇଛି । ଏହାର କୋଚରେ ଫୋଲ୍ଡେବଲ୍ ସ୍ନାକ୍ସ ଟେବୁଲ୍, ମୋବାଇଲ୍ ହୋଲ୍ଡର୍, ଫୋଲ୍ଡେବଲ୍ ବୋତଲ ହୋଲ୍ଡର୍ ଭଳି ସୁବିଧା ରହିଛି । ଏହା ସହିତ, ରେଡିୟମ୍ ଇଲୁମିନେଟେଡ୍ ଫ୍ଲୋରିଂ ଷ୍ଟ୍ରିପ୍, ୧୬୦କେଏନ ଏୟାର ସ୍ପ୍ରିଙ୍ଗ ବଗି ଭଳି ବୈଶିଷ୍ଟ୍ୟଗୁଡ଼ିକ ଯାତ୍ରାକୁ ଆହୁରି ଆରାମଦାୟକ କରିଥାଏ । ପ୍ରତ୍ୟେକ ଶୌଚାଳୟରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଇଲେକ୍ଟ୍ରୋ–ନ୍ୟୁମାଟିକ୍ ଫ୍ଲସିଂ ସିଷ୍ଟମ, ସ୍ୱୟଂଚାଳିତ ସାବୁନ ବିତରକ ଏବଂ ଏରୋସୋଲ–ଆଧାରିତ ଅଗ୍ନି ଦମନ ବ୍ୟବସ୍ଥା ଭଳି ବୈଶିଷ୍ଟ୍ୟ ରହିଛି । ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଦ୍ରୁତ ମୋବାଇଲ୍ ଚାର୍ଜିଂ ପୋର୍ଟ, ପ୍ୟାଣ୍ଟ୍ରି କାର୍ ଏବଂ ଉନ୍ନତ ଏବଂ ଆରାମଦାୟକ ସିଟ୍ ଯୋଗାଇ ଦିଆଯାଇଛି ।ଏହା ବ୍ୟତୀତ, ସମସ୍ତ ଯାତ୍ରୀଙ୍କୁ ସମାନ ସୁବିଧା ପାଇବା ପାଇଁ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ମଧ୍ୟ ଯୋଗାଇ ଦିଆଯାଇଛି ।

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ




ବାରିପଦା, (ସବ୍ୟୁ) : ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ–୨୦୨୫ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ପୋଷଣ ପକ୍ଷ ପାଳନର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହ ଜିଲ୍ଲାର ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଜିଲ୍ଲାପାଳ ତା'ଙ୍କ ବକ୍ତବ୍ୟରେ କହିଥିଲେ କି, ସମୃଦ୍ଧ ଓଡିଶା ଗଠନ ପାଇଁ ରାଜ୍ୟକୁ କୁପୋଷଣ ମୁକ୍ତ କରିବା ପାଇଁ ସରକାରଙ୍କ ପ୍ରାଥମିକତା ରହିଥିବାରୁ ଏଥିପାଇଁ ବିଭିନ୍ନ ଫଳପ୍ରଦ ଯୋଜନା କରାଯାଇଛି। ଏହି ଯୋଜନା ଗୁଡିକ ଫଳପ୍ରଦ କରାଇବା ପାଇଁ ସାମୁହିକ ସଚେତନତାର ଆବଶ୍ୟକତା ରହିଛି। ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ଓ ଭବିଷ୍ୟତରେ ଏକ ସୁନାଗରିକ ହୋଇପାରିବ। ଶୈଶବ ଅବସ୍ଥାରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁଟିର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ତା'ର ସାମଗ୍ରିକ ବିକାଶ ଘଟିଥାଏ। ମାତ୍ର ଘରେ ପ୍ରସ୍ତୁତ ହେଉଥିବା ପାରମ୍ପରିକ ଉତ୍ତମ ଖାଦ୍ୟ ବଦଳରେ ଆଜିକାଲି ବଜାର ରେ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ଖାଇବା ହେତୁ ପିଲାମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ମେଦବହୁଳତା ଇତ୍ୟାଦି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ଅସ୍ୱାଭାବିକତା ଦେଖାଯାଉଛି। ଶିଶୁର ସ୍ୱାସ୍ଥ୍ୟ ରକ୍ଷା ଓ ଉନ୍ନତି ପାଇଁ ମାଆ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନ୍ମ ଠାରୁ ପରବର୍ତ୍ତୀ ୧୦୦୦ ଦିନ ଶିଶୁ ପାଇଁ ଗୁରୁତ୍ୱପୂର୍ଣ୍ଣ। ମାଆ ମାନେ ସେମାନଙ୍କ ପିଲାମାନଙ୍କୁ ଶୈଶବ ଅବସ୍ଥାରୁ ଉପଯୁକ୍ତ ଯତ୍ନ ନେବା ସହିତ ପୋଷଣଯୁକ୍ତ ଘରୁଆ ଖାଦ୍ୟ ଖୁଆଇବା ଅଭ୍ୟାସ କରାଇବା ଉଚିତ ଯଦ୍ୱାରା ଶିଶୁଟି ଆସ୍ତେ ଆସ୍ତେ ବଡ ହେବାପରେ ବଜାରରେ ମିଳୁଥିବା ଜଙ୍କ ଫୁଡ ପ୍ରତି ଆଗ୍ରହୀ ହେବ ନାହିଁ। ସେହିପରି ପିଲାମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଅଙ୍ଗନବାଡି କେନ୍ଦ୍ର ରେ ପିଲାମାନଙ୍କୁ ମୌଳିକ ଶିକ୍ଷା ଦାନ କରୁଥିବା ଅଙ୍ଗନବାଡି କର୍ମୀଙ୍କର ମଧ୍ୟ ଅନୁରୂପ ଦାୟିତ୍ୱ ରହିଛି। ସାମୁହିକ ଭାବେ ପୋଷଣ ଅଭିଯାନକୁ ସଫଳ କରିପାରିଲେ ଏବଂ ସୁସ୍ଥ ଜୀବନ ଶୈଳୀ ମାଧ୍ୟମରେ ଭବିଷ୍ୟତରେ ଆମେ ଏକ ସୁସ୍ଥ ମାନବ ସମ୍ବଳ ପାଇ ପାରିବା। ତେଣୁ ପ୍ରତ୍ୟେକ ସିଡିପିଓ, ସୁପର ଭାଇଜର, ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ର ଅଂଚଳର ସମସ୍ତ ମା ଓ ଶିଶୁ ମାନଙ୍କୁ ପଞ୍ଜିକୃତ କରିବା ସହିତ ପ୍ରତ୍ୟେକ ଯେମିତି ଛତୁଆ, ଅଣ୍ଡା ପାଇବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଜିଲ୍ଲାକୁ ପୋଷଣ କ୍ଷେତ୍ରରେ ପ୍ରଥମ ଭାବେ ପରିଚିତ କରିବା ପାଇଁ ଉତ୍ସାହିତ କରିଥିଲେ। ନିଜର ଦାୟିତ୍ୱକୁ ନିଜର ବୋଝ ବୋଲି ନଭାବି ଲୋକଙ୍କ ସେବା କରିବା ପାଇଁ ଏକ ସୁଯୋଗ ମିଳିଛି ବୋଲି ଭାବି ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଡଃ ପରିଡା ତାଙ୍କ ଅଭିଭାଷଣରେ ପୋଷଣଯୁକ୍ତ ଖାଦ୍ୟ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉତ୍ତମ ପ୍ରଦର୍ଶନ କରିଥିବା କିଛି ଅଙ୍ଗନବାଡି କେନ୍ଦ୍ରକୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ଏବଂ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଷ୍ଟଲ ବୁଲି ଦେଖିଥିଲେ। କୁପୋଷଣର ଶିକାର ନହେବା ଏବଂ କଣ କଣ ଖାଦ୍ୟ ଖାଇବା ଦ୍ୱାରା ଉପଯୁକ୍ତ ପୋଷଣ ମିଳିବ ତାହାକୁ ନେଇ ଏକ ବାର୍ତ୍ତା ସମ୍ବଳିତ ନୃତ୍ୟ ସଂଗୀତ ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ପାଣି ପାଇଁ ଗରା, ମାଠିଆ ଧରି ରାସ୍ତାରେ ମହିଳା



ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକ ବଡକୁଳ ପଂଚାୟତ ଆଇତିପୁର ଗାଁ ଲୋକେ ମାସ ମାସ ଧରି ପିଇବା ପାଣି ପାଇଁ ବହୁ ହୀନସ୍ତା ହେବା ପରେ ମହିଳାମାନେ ରାସ୍ତାକୁ ଓହ୍ଲାଇଥିବାର ଜଣାପଡିଛି । ମହାକାଳପଡ଼ା ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ଖରାଦିନେ ଉତ୍କଟ ରୂପ ନେଉଛି । ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାରେ ଢେର ବିଳମ୍ବ ହେଉଥିବାରୁ ଲୋକେ ଭରସା ଶୂନ୍ୟ ହୋଇପଡିଲେଣି ।

ଯେପରି ପାରାଦ୍ୱୀପ – ହରିଦାସପୁର ୫୩ନମ୍ବର ଜାତୀୟ ରାଜପଥ ଦେଇ ବଡକୁଳ ପଂଚାୟତକୁ ପାଇପ ଯୋଗେ ପାନୀୟ ଜଳ ଆସୁଥିଲା । ମାତ୍ର ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ କରିବା ସମୟରେ ନିର୍ବାହୀ ଏଜେନ୍ସି ନଷ୍ଟ କରି ଦେଇଛନ୍ତି ୧୦୦ଫୁଟ ରୁ ଊର୍ଦ୍ଧ୍ୱ ପାଇପ । ମାସାଧିକ ହେବ ନଷ୍ଟ ହୋଇଯିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ପାଣି ପାଇଁ ହୀନସ୍ତା ହେଉଛନ୍ତି । ଏନେଇ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ନିର୍ବାହୀ ଏଜେନ୍ସି ଙ୍କୁ ବହୁବାର ଅବଗତ କରିବା ପରେ ବି ସ୍ଥିତି ସୁଧୁରିନାହିଁ । ଆଇତିପୁର ଗାଁ ର ୧୫୦ରୁ ଊର୍ଦ୍ଧ୍ୱ ପରିବାରର ଶତାଧିକ ମହିଳା ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପିଇବା ପାଣି ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି । ଗରା, ମାଠିଆ ଧରି ଗାଁ ର ସବିତା ସୁତାର, ଉର୍ମିଳା ସାହୁ, କବିତା ପ୍ରଧାନ ମିନତୀ ସାମନ୍ତରାୟ ଗୀତାଞ୍ଜଳି ପ୍ରଧାନ, ସବିତା ଦଳାଇ, ନିରୁପମା ରାଉତ ସେବତୀ ନାୟକ ଆଦି ପଂଚାୟତ ର ପ୍ରମୁଖ ଚାରିଛକ ନିକଟରେ ରାସ୍ତା ଅବରୋଧ କରି ବସିରହିଥିବାର ଜଣାପଡିଛି । ଫଳରେ ଆଇତିପୁର, କରମକୁଳ ବଡକୁଳ ଓ ଗୋପୀନାଥ ପୁର ଗାଁ କୁ କିଛି ସମୟ ପାଇଁ ଯାତାୟତ ଠପ ହୋଇଯାଇଥିଲା । ଏ ନେଇ ପଚାରି ବାରୁ ପାନୀୟ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହନ୍ତି କମ୍ପାନୀ କାମ କଲା ବେଳେ ପାଇପ ନଷ୍ଟ କରି ଦେଇଛି । ମାତ୍ର ମରାମତି କରିବାରେ ବିଳମ୍ବ ହେବାରୁ ସମସ୍ୟା ଉପୁଜିଛି । ଆସୁ ସମାଧାନ ସୂତ୍ରେ ଟ୍ୟାଙ୍କର ଯୋଗେ ପ୍ରଭାବିତ ହେଉଥିବା ଗାଁ ଗୁଡିକୁ ପିଇବା ପାଣି ଯୋଗାଇ ଦିଆଯିବ ।

## ଗର୍ଭବତୀ ମହିଳା ମୃତ୍ୟୁ ଘଟଣା
# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ରାଜନଗର ,(ସବ୍ୟୁ) : ରାଜନଗର ବ୍ଲକ ବାଲିସାହିପାଟଣା ଗାଁରେ ଯୌତୁକ ପାଇଁ ୯ ମାସର ଗର୍ଭବତୀଙ୍କୁ ହତ୍ୟା କରାଯାଇଥିବା ନେଇ ଗତ ଶନିବାର ୧୯ ତାରିଖ ଦିନ ଅଭିଯୋଗ ହୋଇଥିଲା । ପରିବାର ଲୋକେ ବାହାରୁ ଖବର ପାଇ ଝିଅର ଶାଶୁଘରେ ପହଞ୍ଚିବା ବେଳକୁ ଝିଅ ମରି ପଡିଥିବା ଦେଖିଥିଲେ । ପୋଲିସ ପହଞ୍ଚି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ସେହିଦିନ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସ୍ୱାମୀ ଦୀପକ ଦାସ ,ପୁଅର ଦାଦା ଅଜୟ ଦାସଙ୍କୁ ପୋଲିସ ଧରିଥିଲେ ମଧ୍ୟ ଆଜିଯାଏଁ କୋର୍ଟ ଚାଲାଣ କରୁନି । ୪ ଦିନ ହେଲା ପୋଲିସ ତଦନ୍ତ ଚାଲିଛି କହି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁନଥିବାରୁ ଆଜି ସନ୍ଧ୍ୟାରେ ଆଳି ଥାନା ନଳପାହି ଗାଁର ମହିଳା ଓ ପୁରୁଷ ରାଜନଗର ଥାନା ଘେରାଉ କରିଛନ୍ତି । ସ୍ୱାମୀ ଓ ଦାଦା ଶଶୁରକୁ କୋର୍ଟ ଚାଲାଣ ସହିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନଳପାହି ଗ୍ରାମବାସୀ ଥାନା ଆଗରେ ବସି ରହିଛନ୍ତି । ପୋଲିସ ହତ୍ୟା ଓ ଯୌତୁକ ନିର୍ଯ୍ୟାତନା ଭଳି ସଙ୍ଗିନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୪ ଦିନ ଧରି କୋର୍ଟ ଚାଲାଣ ନକରି ଥାନାରେ କିପରି ଅଟକ ରଖିଛି ସେନେଇ ଉତ୍ୟକ୍ତ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶତାଧିକ ମହିଳା ତାଙ୍କ ଝିଅର ହତ୍ୟାକାରୀକୁ କୋର୍ଟ ଚାଲାଣ ଦାବିରେ ରାଜନଗର ଥାନାରେ ପହଞ୍ଚି ହୋହାଲ୍ଲା କରିଥିଲେ । ଆଜି ମୃତ ମହିଳାଙ୍କ ପରିବାରଲୋକଙ୍କୁ ଦାଦା ଶଶୁରଙ୍କୁ ଛାଡିଦେବେ ବୋଲି ପୋଲିସ କହିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଆଇଆଇସି ନରେଶ କୁମାର ସାହୁ ଉତ୍ୟକ୍ତ ଲୋକଙ୍କୁ ଅଭିଯୋଗ ଉପରେ ମାମଲା ହୋଇଛି , ଆମେ ପ୍ରାଥମିକ ତଦନ୍ତ ରିପୋର୍ଟରେ ହତ୍ୟା କରାଯାଇଥିବାର କୌଣସି ଲକ୍ଷଣ ପାଇଲୁ ନାହିଁ , ତାକୁ ହତ୍ୟା କରାଯାଇନାହିଁ କିମ୍ବା ସେ ଆତ୍ମହତ୍ୟା କରିନାହିଁ । ଶବ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟରେ ତାର ହାର୍ଟ ଓ ଲଙ୍ଗସରେ ପାଣି ଜମିଥିଲା । ସେଥିପାଇଁ ତାର ମୃତ୍ୟୁ ହୋଇପାରେ ବୋଲି ଉଲ୍ଲେଖ ରହିଛି । ପରବର୍ତ୍ତୀ ରିପୋର୍ଟକୁ ଅପେକ୍ଷା କରିଛୁ ଓ ତଦନ୍ତ ଜାରି ରଖିଛୁ । ତଦନ୍ତ ସରିନଥିବାରୁ ୪ ଦିନ କଣ ୫ ଦିନ ଅଟକ ରଖିହେବ ବୋଲି ଆଇଆଇସି ଉତ୍ୟକ୍ତ ଲୋକଙ୍କୁ କହିଛନ୍ତି । ପୋଲିସର ଉତ୍ତରରେ ସନ୍ତୁଷ୍ଟ ନହୋଇ ନଳପାହି ଗ୍ରାମର ମହିଳାମାନେ ଥାନା ଆଗରେ ନ୍ୟାୟ ପାଇଁ ବସିରହିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତ ଅଧିନସ୍ଥ ଗୌଡ଼ଗୋପ ସ୍ଥିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ମା' ସରସ୍ୱତୀ , ଭାରତ ମାତା, ଓଁକାର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସତ୍ୟବାନ ସିଅଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୌଡ଼ଗୋପ ରାଜସ୍ୱ ନିରୀକ୍ଷକ ଅଜିତ୍ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବାଦଲ ସ୍ୱାଇଁ, ରାଜକିଶୋର ସାହୁ, ପରିଚାଳନା ଟ୍ରଷ୍ଟର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ଶଶ୍ମୀତା ସାହୁ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ କିଭଳି ଭଲ ପାଠ ପଢି ବିଦ୍ୟାମନ୍ଦିରର ନାମ ରଖିବେ ସେ ସମ୍ପର୍କରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟୀ ସାହୁ, ଲୋପାମୁଦ୍ରା ବାରିକ, ଅମରେଶ ପ୍ରଧାନ, ହରପ୍ରିୟା ସାମଲ, ଉର୍ମିଳା ବାରିକ, ସୁଚିସ୍ମିତା ବାରିକ, ନଜ୍‌ମା ପରବିନ୍, ବର୍ଷାରାଣୀ ପୃଷ୍ଟି, ପୂଜାରାଣୀ ପ୍ରଧାନ, ଜ୍ୟୋତିପ୍ରଭା ବେହେରା, ବାହନ ଚାଳକ ଭାଗୀରଥି ମଲ, ଗଙ୍ଗାଧର ବେହେରା, ନୃତ୍ୟଗୁରୁ ଅନାଦି ଚରଣ ଓଝା ଓ ଭିକାରୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତ ରହିଥିଲେ।

# ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ କିଓସ୍କ ଉଦ୍‌ଘାଟନ



ବ୍ୟାସନଗର,(ଜିପ୍ର): ସମାଜ କଲ୍ୟାଣ ଏବଂ ସ୍ଥାୟୀତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଯାଜପୁରରେ ଏହାର ପ୍ଲାଣ୍ଟର ମୁଖ୍ୟ ଫାଟକ ବାହାରେ ଏକ ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ଉଦଘାଟନ କରିଥିଲା। ଏହି କିଓସ୍କ, ଯାହା ରେଫ୍ରିଜରେସନ ପ୍ରଯୁକ୍ତି ବିଦ୍ୟା ସହିତ ଏକ ଉନ୍ନତ ଆରଓ ଏବଂ ୟୁଭି ପ୍ୟୁରିଫିକେସନ୍ ସିଷ୍ଟମରେ ସଜ୍ଜିତ, ସାଧାରଣ ଲୋକ ତଥା ପଥଚାରୀମାନଙ୍କୁ, ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମ ମାସରେ, ସ୍ୱଚ୍ଛ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି।

ପାରମ୍ପରିକ ଭାବରେ, ଜିନ୍ଦଲ ଷ୍ଟେନଲେସ୍ ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେ, ସମାଜ ପାଇଁ ସ୍ୱଚ୍ଛ ଏବଂ ସତେଜ ପାନୀୟ ଜଳର ସୁବିଧାର ଆବଶ୍ୟକତାକୁ ପୂରଣ କରିବା ଏବଂ ଏକ ମହାନ ସେବା ପ୍ରଦାନ କରିବା ପାଇଁ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ସ୍ଥାପନ କରିଆସୁଛି। ଚଳିତ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, କମ୍ପାନୀ ବର୍ଷସାରା ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହି ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ସ୍ଥାପନ କରିଛି। ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ ଏବଂ ମାନବସମ୍ବଳ ଏବଂ ଆଇଆର ମୁଖ୍ୟ ରାକେଶ ପାଠକଙ୍କ ଉପସ୍ଥିତିରେ ବାହ୍ୟ ସମ୍ପର୍କ ମୁଖ୍ୟ ନୀଳମାଧବ ରଥ ଏହି କିଓସ୍କକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। କମ୍ପାନୀ ଏହି ଜନ ଉପଯୋଗୀ ପଦକ୍ଷେପର ପ୍ରସାରକୁ ଆହୁରି ବିସ୍ତାର କରି ବ୍ୟାସନଗର ଅଂଚଳରେ ଅତିରିକ୍ତ କିଓସ୍କ ସ୍ଥାପନ କରିବାର ଯୋଜନା ମଧ୍ୟ ଘୋଷଣା କରିଛି। ସମାନ୍ତରାଳ ପ୍ରୟାସରେ, ଜିନ୍ଦଲ ଷ୍ଟେନଲେସର ଖଣି ବିଭାଗ କାଳିଆପାଣି ଖଣି ଅଂଚଳରେ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଯାହା ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସ୍ଥାନୀୟ ସମ୍ପ୍ରଦାୟ ଏବଂ ଶ୍ରମିକମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧକୁ ସୁନିଶ୍ଚିତ କରାଉଛି।

# ହୃଦ୍‌ଘାତରେ କୃଷକ ନେତାଙ୍କ ପରଲୋକ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ଇମାମନଗର ଗ୍ରାମର କୃଷକ ନେତା ତଥା ବାରବାଟୀ ଆଂଚଳିକ କୃଷକ କମିଟିର ସଂଗଠକ ବିଦ୍ୟାଧର ରାଉତ (୭୩)ଙ୍କ ଆଜି ସକାଳେ ହୃଦଘାତରେ ପରାଲୋକ ହୋଇଛି । ସେ ଗ୍ରାମର ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ସାମାଜିକ, ସାଂସ୍କୃତିକ ଓ ଧାର୍ମୀୟ ଅନୁଷ୍ଠାନରେ ସକ୍ରିୟ ହୋଇ ସେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ,ସ୍ଥାନୀୟ ସରପଂଚ ତ୍ରିଲୋଚନ ଜେନା, ଯୁବ ସଂଗଠକ ଦେବବ୍ରତ ରାଉତ, ବାରବାଟୀ ଆ*ଳିକ କୃଷକ କମିଟି ସଭାପତି କାବୁଲି ରଥ, ସମ୍ପାଦକ ନିରଞ୍ଜନ ପଣ୍ଡା, ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ପରିଡା, ପଂଚାନନ ପରିଡା, ନାରାୟଣ ସାହୁ, ଶିକ୍ଷକ ନେତା ନାରାୟଣ ସ୍ୱାଇଁ, ପଦ୍ମନାଭ ଜେନା, ଶିକ୍ଷକ ରମେଶ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଦାମୋଦର ରାୟ, କୃଷକ ନେତା ବସନ୍ତ ପରିଡା, ପ୍ରଫୁଲ୍ଲ କୁମାର ରାୟ, ଦିଲ୍ଲୀପ ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିଥିଲେ । ବଡ଼ପୁଅ ପ୍ରଫୁଲ୍ଲ ମୁଖାଗ୍ନି ଦେଇଥିଲେ ।

# ରକ୍ତଦାନ ଶିବିର

କୁଆଖିଆ, (ସବ୍ୟୁ) : ଚଳିତ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ ରଖି ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲପିଙ୍ଗ ହାଣ୍ଡସ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ରକ୍ତଦାନ ଶିବିର ମାନ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି କୁଆଖିଆ ନିକଟସ୍ଥ ଲେଙ୍କାସାହି ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଚଣ୍ଡ ଖରା ଯୋଗୁଁ ବର୍ତ୍ତମାନ ପରିସ୍ଥିତିରେ ରକ୍ତ ଭଣ୍ଡାର ମାନଙ୍କରେ ରକ୍ତର ଘୋର ଅଭାବ ଦେଖା ଦେଇଛି । ଏହାକୁ ଲକ୍ଷ୍ୟ ରଖି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଗତ ବର୍ଷ ମାନଙ୍କରେ ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଅଗ୍ରଣୀ ହେଲପିଙ୍ଗ ହାଣ୍ଡସ ସମେତ କେତେକ ଅଗ୍ରଣୀ ଅନୁଷ୍ଠାନ ମାନଙ୍କୁ ରକ୍ତଦାନ ଶିବିର ଆୟୋଜନ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ । ଆଜି ଜନତା ଗ୍ୟାରେଜ ଏବଂ ହେଲପିଙ୍ଗ ହାଣ୍ଡସ ମିଳିତ ସହଯୋଗରେ ଲେଙ୍କା ସାହି ଠାରେ ରକ୍ତଦାନ ଶିବିରକୁ ଜନତା ଗ୍ୟାରେଜର ମୁଖ୍ୟ ପରିଚାଳକ ଚନ୍ଦନ ଲେଙ୍କା ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଦ୍ୟାଭୂଷଣ କର ,ବିକି ସ୍ୱାଇଁ,ଗୋପାଳ ସାମଲ, ରକି ସ୍ୱାଇଁ , ଦୀପକ ଜେନା ଏବଂ ହେଲପିଙ୍ଗ ହାଣ୍ଡସର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, ସଂଗୀତା ସାହୁ, ଶୁଭଲକ୍ଷ୍ମୀ ଦାସ, ଶୁଭଶ୍ରୀ ଦାସ,ଶୁଭମ ସାହୁ, ତାପସ ଲେଙ୍କା,ପ୍ରକାଶ ଲେଙ୍କା , ମନୋରଞ୍ଜନ ଲେଙ୍କା, ସଞ୍ଜୟ ଲେଙ୍କା,ସ୍ମୃତିରଂଞ୍ଜନ ଜେନା , ନିରଞ୍ଜନ ଜେନା, ସୁରେନ୍ଦ୍ର ସାହୁ,ରଞ୍ଜନ ଲେଙ୍କା ,ପ୍ରଶାନ୍ତ ସାହାଣୀ ,ସୁଶାନ୍ତ ସେନାପତି,ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା ରେ ସହଯୋଗ କରିଥିଲେ ।

# ପଞ୍ଚାୟତ ସମିତି ରାଜନୀତି ସରଗରମ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ୪୧ ଗୋଟି ପଂଚାୟତକୁ ନେଇ ଗଠିତ । ଏଥି ମଧ୍ୟରୁ ୨୭ ଗୋଟି ପଂଚାୟତ ମାହାଙ୍ଗା ବିଧାନସଭା କ୍ଷେତ୍ର ଅଧିନରେ ଆସୁଥିଲା ବେଳେ ୧୪ ଗୋଟି ପଂଚାୟତ କଟକ ସଦର ବିଧାନସଭା କ୍ଷେତ୍ର ଅଧିନରେ ରହିଛି । ଗତ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଏହି ପଂଚାୟତ ସମିତିର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଉଭୟେ ବିଜୁ ଜନତା ଦଳ ସମର୍ଥୀତ ପ୍ରାର୍ଥୀ ବିଜୟୀ ହୋଇ ପଦବୀ ଅଧିକୃତ କରିଥିଲେ । ସେତେବେଳେ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ପ୍ରତାପ ଜେନା ଓ କଟକ ସଦର ବିଧାନସଭା କ୍ଷେତ୍ରରୁ ଚନ୍ଦ୍ରସାରଥି ବେହେରା ପ୍ରତିନିଧିତ୍ୱ କରୁଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଉଭୟ ମାହାଙ୍ଗା ଓ କଟକ ସଦରର ରାଜନୈତିକ ପାଣିପାଗ ବଦଳିଗଲା ।

ମାହାଙ୍ଗାରୁ ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ ଓ କଟକ ସଦରରୁ ବିଜେପି ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପ୍ରତିନିଧିତ୍ୱ କରୁଛନ୍ତି । ଏହାରି ଭିତରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ରାଜନୀତିର ସମୀକରଣ ବଦଳିବାରେ ଲାଗିଛି । ବିଗତ କିଛି ଦିନ ତଳେ ପଂଚାୟତ ସମିତି ଉପାଧ୍ୟକ୍ଷ ତାଙ୍କ ପଦବୀରୁ ସ୍ୱେଚ୍ଛାକୃତ ଇସ୍ତଫା ଦେଇଥିଲେ । ପରେ ଉପାଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଲା । ସେଥିରେ ଦୁଇ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିଲେ । ଜଣେ କଟକ ସଦର ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀ ହୋଇଥିଲା ବେଳେ ଅନ୍ୟ ଜଣେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ସମର୍ଥନରେ ପ୍ରତିଦ୍ୱନ୍ଦିତା କରୁଥିଲେ । ଉପନିର୍ବାଚନରେ ସ୍ୱାଧୀନ ବିଧାୟକଙ୍କ ପ୍ରାର୍ଥୀ ଉପାଧ୍ୟକ୍ଷ ପଦବୀ ଅକ୍ତିଆର କରିଥିଲେ । ଏହାପରଠାରୁ ପଂଚାୟତ ସମିତିର ରାଜନୀତି ଅଧିକ ସରଗରମ ହୋଇଛି । ବିଧାୟକ ନିକଟରେ ସମସ୍ତ ସରପଂଚମାନଙ୍କୁ ଡାକି ସମୀକ୍ଷା ବୈଠକ କରିଛନ୍ତି । ଏହାରି ଭିତରେ ଏହି ସମୀକ୍ଷା ବୈଠକକୁ ନେଇ ରାଜନୈତିକ ବିଶାରଦମାନଙ୍କ ମଧ୍ୟରେ ଭିନ୍ନ କଥା ଶୁଣିବାକୁ ମିଳୁଛି ।

# ୨୪ରୁ ବିରୂପା ମହୋତ୍ସବ




ସାଲେପୁର,(ସବ୍ୟୁ) : ସାଲେପୁର ଆଞ୍ଚଳିକ ସମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଓ ବିଜୟାନନ୍ଦ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଗୋପୀନାଥପୁର ନିକଟସ୍ଥ ବିରୂପା ନଦୀ କୂଳରେ ରାଜ୍ୟସ୍ତରୀୟ ୧୩ତମ ବିରୂପା ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ଏହା ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇ ୨୮ରେ ଉଦ୍‌ଯାପିତ ହେବ। ଏହି ଉପଲକ୍ଷେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ପାଗା ଛକ ନିକଟସ୍ଥ ସୁହାନୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିରୂପା ମହୋତ୍ସବ କମିଟିର ସଭାପତି ଦିଲ୍ଲୀପ ଦାଶ,ସମ୍ପାଦକ ବିଶ୍ୱ ରଞ୍ଜନ ସାହୁ, ସହ ସମ୍ପାଦକ ସୁରେଶ କୁମାର ରାଉତ ଯୋଗଦେଇ ମହୋତ୍ସବର ପ୍ରତି ସନ୍ଧ୍ୟାରେ ରାଜ୍ୟର ବହୁ ବିଶିଷ୍ଟ ଅତିଥିଙ୍କ ଯୋଗଦାନ ସହ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯିବ। ସେହିପରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଉପରେ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ସହ ପ୍ରତି ସନ୍ଧ୍ୟାରେ ଓଡ଼ିଶାର ସିନେ କଳାକାରଙ୍କ ସମେତ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦେଇଥିଲେ। ପ୍ରସ୍ତୁତି ବୈଠକରେ ପ୍ରଶାନ୍ତ କୁମାର କର, ଅଜୟ କୁମାର ଲେଙ୍କା, ସୁରେଶ କୁମାର ରାଉତ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳି ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ ଓ ଦେବେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମରଣାନ୍ତକ ଆକ୍ରମଣରେ ଯୁବକଙ୍କ ଗୋଡ଼ କଟିଲା, ୫ଜଣଙ୍କ ନାମରେ ମାମଲା

କେନ୍ଦ୍ରାପଡ଼ା ,(ସ୍ୱପ୍ର): କେନ୍ଦ୍ରାପଡ଼ା ବ୍ଲକ କୋର ପଞ୍ଚାୟତ ତନାରଗ୍ରାମର ଗୌରାଙ୍ଗ ମଳିଙ୍କ ଉପରେ ମରନାତ୍ମକ ଆକ୍ରମଣ ହୋଇଛ । ଯାହାକୁ ନେଇ କେନ୍ଦ୍ରାପଡ଼ା ନିକିରାଇ ଥାନାରେ ଗୌରାଙ୍ଗ ଙ୍କ ଧର୍ମ ପତ୍ନୀ ଅଭିଯୋଗ କରିବା ସହ ଏତଲା ଦେଇଥିଲେ ।ଏତଲା ଆଧାର ରେ ୫ଜଣ ଙ୍କ ନାମରେ ମାମଲା ରୁଜୁ କରିଛି ନିକିରାଇ ପୋଲିସ । ଗତ ସୋମବାର ରାତ୍ର ୧୦:୩୦ ସମୟରେ ନିଜର କୌଣସି ଏକ କାର୍ଯ୍ୟ ସାରି ଘରକୁ ଫେରୁ ଥିବା ସମୟରେ ସେହି ଗ୍ରାମର କିଛି ଯୁବକ ଓ ସମିତିସଭ୍ୟ ମିଳିତ ଭାବେ ଆକ୍ରମଣ କରିଥିବା ଏତଲା ରେ ଦର୍ଶା ଯାଇଛି ।ଘଟଣା ର ସମ୍ପୃକ୍ତ ଥିବା ଯୁବକମାନଙ୍କ ଉପରେ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ କିମ୍ବା ପୋଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଉ ନଥିବା ଗଣମାଧ୍ୟମକୁ ଜଣାଇ ଛନ୍ତି ।

ଏ ଘଟଣାକୁ ଭିଆଇଥିବା ସମ୍ପୃକ୍ତ ମାନେ ଖୋଲମଖୁଲା ବୁଲୁ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତା ବରଣ ସୃଷ୍ଟି ହୋଇଛି । ପରିବାର ବର୍ଗ ଙ୍କୁ ଧମକ ମଧ୍ୟ ମିଳୁ ଅଛି ବୋଲି ଗୌରାଙ୍ଗ ଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ।ଅନ୍ୟ ପକ୍ଷ ରେ ଆକ୍ରମଣ ରେ ପୀଡିତ ଥିବା ଯୁବକ ଗୌରାଙ୍ଗ ମଳିକ ସାରା ଜୀବନ ପର୍ଯ୍ୟନ୍ତ ନିଜ ଗୋଡ଼ ହରାଇଛନ୍ତି ।ଏଭଳି ଘଟଣା ପରେ ବି ପୋଲିସ ମୌନ ରହୁଛି ନା ଆକ୍ରମଣ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟ ଅନୁଷ୍ଠାନ ନେଉଛି ତାହା ଦେଖିବା ବାକି ରହିଲା ।

# ମିଲେନିୟମ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ରାଜକନିକା ,(ସବ୍ୟୁ) ::ରାଜକନିକା ବ୍ଲକର ଅଗ୍ରଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଭାବେ ଜଣାଶୁଣା ମିଲେନିୟମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରାଜକନିକା ଆର. ଏନ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ପଙ୍କଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷା ବିଭାଗର ପୂର୍ବତନ ସଚିବ ଡକ୍ଟର ଶରତ କୁମାର ବିଶ୍ୱାଳ,ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡକ୍ଟର ଗୌତମ ମହାରଣା ଓ ସ୍କୁଲର ଉପାଧ୍ୟକ୍ଷ ସୁଷମା ଦାଶ ପ୍ରମୁଖ ଯୋଗଦେଇ କୁନି ସମାଜ ଗଠନରେ ଛାତ୍ରଛାତ୍ରୀ ମାନଙ୍କର ପ୍ରମୁଖ ଭୁମିକା ଅଛି ବୋଲି କହିଥିଲେ । କାର୍ଯ୍ୟକ୍ରମ ରେ ଶିକ୍ଷକ ସୁକାନ୍ତ କର ସ୍ୱାଗତ ଭାଷଣ ରଖିଥିବା ବେଳେ ଶିକ୍ଷୟିତ୍ରୀ ଆଲ୍ପନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ନ୍ୟାୟ ନପାଇ ଅଳକୁଣ୍ଡ ଥାନା ଆଗରେ ଧାରଣା

ବିଞ୍ଝାରପୁର,(ସବ୍ୟୁ) : ଥାନାରୁ ନ୍ୟାୟ ନ ପାଇ ଜଣେ ବୟୋଜ୍ୟେଷ୍ଠ ଶିକ୍ଷାବିତ୍ ଆଜି ଥାନା ସମ୍ମୁଖରେ ସପରିବାର ଧାରଣା ଦେଇଥିଲେ । ଘଟଣା ରୁ ପ୍ରକାଶ ଯେ. ବିଞ୍ଝାରପୁର ବ୍ଲକ ବିତନା ପଞ୍ଚାୟତ ଖଣ୍ଡହତା ବାସିନ୍ଦା ବାସୁଦେବ ମିଶ୍ର ଙ୍କ ପ୍ରିତିପୁର ମେଡିକାଲ ନିକଟରେ ନଜସ୍ ସ୍ଥିତିବାନ ଜମିରେ ଘର ଅଛି । ତାହାକୁ ସେ ଭଡ଼ା ସୂତ୍ରରେ ବିଭିନ୍ନ ଲୋକଙ୍କୁ ଦେଇଛନ୍ତି । ଚନ୍ଦ୍ରାବତୀ ନାଥ ସୁନା ଦୋକାନ କରିବା ପାଇଁ ଏକ ଘର ନେଇଛନ୍ତି ୨୦୧୨ ମସିହାରୁ । ଏଗ୍ରିମେଣ୍ଟ ମଧ୍ୟ କରିଛନ୍ତି । ଚନ୍ଦ୍ରାବତୀ ନାଥ ଘର ମାଲିକଙ୍କ ଅଜାଣତରେ ବିଜୁ ନାଥ ନାମକ ଜନେକ୍ ଯୁବକଙ୍କୁ ଦୋକାନ ଦେଇଥିଲେ । ସେ ମଧ୍ୟ ଠିକ୍ ସମୟ ରେ ଭଡ଼ା ଦେଉଥିଲେ । କିନ୍ତୁ ୨୦୨୦ ମସିହା ଠାରୁ ଘରଭଡ଼ା ଦେଲେ ନାହିଁ। ଏ ବିଷୟ ରେ ବାସୁଦେବ ମିଶ୍ର ପଚରିବାରେ ଦେବି ଦେବି କହି ସମୟ ଗଡ଼ାଇ ଚାଲିଲେ ।

ଘର ଛାଡ଼ିବା ଓ ବକେୟା ଭଡା ଦେବା ପାଇଁ କୋର୍ଟ ନୋଟିସ ଦେଇଥିଲେ ମଧ୍ୟ ଚନ୍ଦ୍ରବତି ନାଥ ଶୁଣି ନ ଥିଲେ । ବାସୁଦେବ ମିଶ୍ର ପରିବାର ଘର ଦଖଲ କରି ରହିଥିବା ଯୁବକ ବିଜୁ ନାଥ ଙ୍କୁ ଘରୁବହାର କରିବାକୁ କହିବାରୁ ଓ ଭଡା ମାଗିବାରୁ ବିଜୁ ନାଥ ଅଭୋଚିତ ବ୍ୟବହାର କରିଥିଲେ । ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବାରୁ କେତକ ଗୁଣ୍ଡା ଶ୍ରେଣୀୟ ଲୋକ କଙ୍ଗାରୁ କୋର୍ଟ ବସାଇ ତେର ଲକ୍ଷ ପଚାଶ ହଜାର ଟଙ୍କା ଦେଲେ ଘର ଛାଡ଼ିବ ବୋଲି ରାୟ ଦେଇଥିଲେ ।

ଏହାର ପ୍ରତିବାଦ କରିବାରୁ ବିଜୁ ନାଥର ପ୍ରରୋଚନାରେ କେତକ ଗୁଣ୍ଡା ଶ୍ରୀ ମିଶ୍ର ଙ୍କ ଦୋକାନରେ ପଶି ଶ୍ରୀ ମିଶ୍ର ଓ ତାଙ୍କ ପୁଅ ଙ୍କୁ ମରଣାନ୍ତକ ମାଡ ମାରି ଦୁଇଟି ମୋବାଇଲ ସହିତ ଲକ୍ଷାଧିକ ଟଙ୍କା ନେଇଯାଇଥିଲେ । ଏ ସମ୍ପର୍କରେ ଗତ ୧୮/୪/୨୫ ରିଖ ରେ ଲିଖିତ ଅଭିଯୋଗ କରିଥିଲେ। କୌଣସି ପଦକ୍ଷେପ ନ ନେବାରୁ ଶ୍ରୀ ମିଶ୍ର ଓ ତାଙ୍କ ପରିବାର ଥାନା ଆଗରେ ଧାରଣା ରେ ବସି ଥିଲେ । ଥାନା ଅଧିକାରୀ ପଦକ୍ଷେପ ନେବାକୁ ପ୍ରତିଶୃତି ଦେବାରୁ ଧାରଣରୁ ଉଠିଥିଲେ ।

# ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ବରଦାସ୍ତ କରାଯିବ ନାହିଁ : ବଡଚଣା ବିଜେପି




ଚଣ୍ଡିଖୋଲ, (ସବ୍ୟୁ) :ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହୋଇଥିବା ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟକୁ ବାଧା ଦେବାକୁ ଏବେ କୁଚକ୍ରି ଗୋଷ୍ଠୀଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମାତ୍ର ୧୦ମାସ ହେବ ବିଜେପି ସରକାରକୁ ଆସିବା ପରେ ଏଠାରେ ଲୋକମାନଙ୍କ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ବଡଚଣାର ବିକାଶ ପାଇଁ ଅହରହ କାର୍ଯ୍ୟ କରୁଥିଲା ବେଳେ ନିଜର ଅପକର୍ମକୁ ଘୋଡାଇବା ତଥା ବିକାଶ ପ୍ରକ୍ରିୟାକୁ ବାଧା ପହଞ୍ଚାଇବା ସହ ସରକାରକୁ ବଦନାମ କରିବା ପାଇଁ କୁଚକ୍ରି ଗୋଷ୍ଠୀଙ୍କ ପକ୍ଷରୁ ହେଉଥିବା ପ୍ରୟାହକୁ ବରଦାସ୍ତ କରାଯିବ ନାହିଁ ବୋଲି ବଡଚଣା ବିଜେପି ନେତୃବୃନ୍ଦମାନେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଙ୍ଗଳବାର ସଂନ୍ଧ୍ୟାରେ ଚଣ୍ଡିଖୋଲ ଠାରେ ବିଜେପିର ବଡଚଣା ମଣ୍ଡଳ ସଭାପତି ବିମଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଜିଲ୍ଲା ସମ୍ପାଦକ ପ୍ରମୋଦକୁମାର ଜେନା,ରାଜ୍ୟ ପରିଷଦ ସଭ୍ୟ ନାରାୟଣ ସାମଲ ପ୍ରାକ୍ତନ ଛତିଆ ମଣ୍ଡଳ ସଭାପତି ବିକାଶକୁମାର ମହାପାତ୍ର,ଛତିଆ ମଣ୍ଡଳ ସଭାପତି ବିଶ୍ୱଜିତ ସାମଲଙ୍କ ସହ ବହୁ ନେତୃବୃନ୍ଦ ଉପସ୍ଥିତ ହୋଇ ଗତ ଦୁଇଦିନ ତଳେ ବିଜେଡି ନେତା ରାଜନାରାୟଣ ମହାପାତ୍ରଙ୍କ ସହ କେତେକ ବିଜେଡି ନେତୃବୃନ୍ଦ ସାମ୍ବିଦିକ ସମ୍ମିଳନୀ କରିଆରେ ବଡଚଣାରେ ଏବେ ବେଆଇନ ଭାବେ ବ୍ୟାପକ ଲଘୁ ଗଣିଜ ଦ୍ରବ୍ୟର ଚୋରା ଚାଲିଣ ହେଉଥିବା ଅଭିଯୋଗ କରିଥିଲେ । ଏଠାରେ ବାଲି,ମୋରମ,ମାଟି ଓ ମାଙ୍କଡା ପଥର ଚୋରାଚାଲାଣ ହେଉଥିବା ବେଳେ ସେହି ବେଆଇନ କାର୍ଯ୍ୟକୁ ବିଜେପି ଓ ସ୍ଥାନୀୟ ବିଧାୟକ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରିବା ସହ ବଡଚଣାରେ ବିକାଶ ପ୍ରକ୍ରିୟା ସ୍ଥାଣୁ ପାଲଟିଥିବା ମଧ୍ୟ ଅଭିଯୋଗ କରିଥିଲେ। ବିଜେଡି ନେତାଙ୍କ ଏହି ଅଭିଯୋଗକୁ ବିଜେପି ପକ୍ଷରୁ ନିନ୍ଦା କରାଯିବା ସହ ଏହା କପୋଳକଳ୍ପିତ ଓ ମିଥ୍ୟା ଆରୋପ ବୋଲି କୁହାଯାଇଛି ବିଜେଡିର ୨୪ ବର୍ଷର ଶାସନ ବେଳେ ଚାଲିଆସିଥିବା ଲଘୁ ଖଣିଜ ଚୋରା କାରବାରକୁ ଏବେ ବନ୍ଦ କରାଯାଉଥିବାରୁ ତାହା ସଂପୃକ୍ତ କଥା କଥିତ ନେତା ମାନଙ୍କୁ ବାଧୁଛି ବୋଲି ଉପସ୍ଥିତ ବିଜେପି ନେତାମାନେ ପ୍ରତି ଆରୋପ କରାଥିଲେ। ଏବେ ବିଧାୟକ ଅମରକୁମାର ନାୟକଙ୍କ ନେତୃତ୍ୱରେ ଦୀର୍ଘ ବର୍ଷ ହେବ ଅସଜଡା ହୋଇ ପଡିଥିବା ଚଣ୍ଡିଖୋଲ ଛକର ବିକାଶ ପାଇଁ ମାଷ୍ଟରପ୍ଲାନ,ଚଣ୍ଡିଖୋଲରେ ପୋଲିସ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ,ବଜାର ମଝି ଜାତୀୟ ରାଜପଥରେ ଆହୁରି ଅଧିକ ୪ଟି ଗଳିପୋଲ ନିର୍ମାଣକରି ଲାଗିରହିଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ,ବନ୍ଧାଳରେ ଟ୍ରୋମାକେୟାର ସେଣ୍ଟର ସ୍ଥାପନ ସମେତ ଅନେକ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି! ତେବେ ଏହି କାର୍ଯ୍ୟ ପାଇଁ ଚଣ୍ଡିଖୋଲ ଛକରେ ଜମିର ଆବଶ୍ୟକତା ଥିଲାବେଳେ ବିଜେଡି ନେତା ରାଜନାରାୟଣ ବହୁ ପରିମାଣର ସରକାରୀ ଜମି ଜବର ଦଖଲ କରି ରିଜୀବ ମେମୋରିଆଲ ସେଣ୍ଟର ନାମରେ ସେଠାରେ ଦଳୀୟ କାର୍ଯ୍ୟାଳୟ ଚଳାଉଥିବା ଓ ଆରଟିଓ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ଜମି ଉପରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ଚଳାଇ ବିକାଶଧାରାକୁ ବାଧାଦେଉଥିବା ନେଇ ବିଜେପି ନେତାମାନେ ପାଲଟା ଅଭିଯୋଗ କରିଥିଲେ। ଏଥିସହ ଖଏରା ଫଞ୍ଚିୟତର ହାଟୂଆ ପୋଖରୀ ଖନନରେ ୬୩ ଲକ୍ଷ ଟଙ୍କା ବିନିଯୋଗରେ ବିଜେଡି ନେତାଏ ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ କରୀ ଏହାର ତଦନ୍ତ ହେବ ବୋଲି କହିଥିଲେ। ଏବେ ଚଣ୍ଡିଖୋଲ–ଡୁବୁରୀ ଓ ଚଣ୍ଡିଖୋଲ–ପାରାଦୀପ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ସେଥିପାଇଁ ମୋରମ, ମିଟି ଓ ।ଲିର ଆବଶ୍ୟକତା ରହିଛି। ସରକାରୀ ନୀୟମ ଅନୁଯାଇ ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ)ଙ୍କ ଠାରୁ ଅନୁମତି ଆଣି ବଡଚଣାର ଅସିହା,ଚଣ୍ଡିତଳ ଓ ରାମଦାସପୁର ମୌଜାରେ ।ଲି ଓ ମାଟି ଖନନ କରାଯାଇ ଜାତୀୟ କାର୍ଯ୍ୟରେ ବିନିଯୋଗ ହେଉଛି। ସେହିସବୁ ସୈରାତର ଲିଜ ଗତ ୨୦୨୧ ମସିହାରେ ବିଜେଡି ସରକାର ସମୟରେ ପ୍ରଦାନ କରିଯାଇଥିଲା ବୋଲି ଉପସ୍ଥିତ ବିଜେପି ନେତୃବୃନ୍ଦ ସଫେଇ ଦେବାସହ ଏଥିରେ ବିଧାୟକ ବା ସ୍ଥାନୀୟ ବିଜେପି ଦଳର କୌଣସି ପ୍ରକାର ସଂପୃକ୍ତି ନହିଁ ବୋଲି ସ୍ପଷ୍ଟ କରିଥିଲେ। ଯଦି ମିଥ୍ୟା ଆରୋପ କରି ବଡଚଣାର ବିକାଶ ଧାରାରେ ବାଧି ଦେବାକୁ ଅପଚେଷ୍ଟା କରାଯାଏ ତେବେ ଆଗକୁ ବିଜେପି ଏହାକୁ ବଳଦାସ୍ତ କରିବ ନାହିଁ ବୋଲି ଉପସ୍ଥିତ ନେତାମାନେ ଚେତେଇ ଦେଇଥିଲେ ।

# ୧୦୮ ସହ ବାଇକ ଦୁର୍ଘଟଣା, ୨ ଗୁରୁତର

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ଠାରେ ମଙ୍ଗଳବାର ଭୋରୁ ଏକ ଦୁର୍ଘଟଣାରେ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ବାହାବଳପୁର ଗ୍ରାମର ଭାସ୍କର ଜେନାଙ୍କ ପୁଅ ରବିନ୍ଦ୍ର(୪୦) ଓ ବେରୁଦା ଗ୍ରାମର ଗେଡ ମୁଣ୍ଡା (୩୫) ଦୁହେଁ ଏକ ବାଇକ(ଓଡି ୩୪ଏ୪୯୭୫) ଯୋଗେ ରଂଗରୁଟରେ ଯାଉଥିବା ବେଳେ କୁଆଖିଆ ପଟୁ ଆସୁଥିବା ୧୦୮ ସହିତ ସମ୍ନା ସାମ୍ନି ଧକ୍କା ହୋଇଥିଲ । ଫଳରେ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ସେହି ୧୦୮ରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ମାତ୍ର ସେଠାରେ ଅବସ୍ଥା ସଂଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି ।

# ମଧୁବୈଶ୍ୟ ସମାଜର ବାର୍ଷିକ ସାଧାରଣ ଅଧିବେଶନ

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡା ମଧୁବୈଶ୍ୟ ସମାଜର ବାର୍ଷିକ ସାଧାରଣ ଅଧିବେଶନ ଗଡିଆସାହି କଲ୍ୟାଣମଣ୍ଡପ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଖଣ୍ଡପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ ଓ ସମ୍ମାନୀତ ଅତିଥି ଭାବେ ଗଡିଆସାହି ସରପଞ୍ଚ ପ୍ରତିମାରାଣୀ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମାଜର ପୂର୍ବତନ ସଭାପତି ରବିନ୍ଦ୍ର କୁମାର ସାହୁ ମଧୁବୈଶ୍ୟ ସମାଜର ପତାକା ଉତୋଳନ କରିବା ଅବସରରେ ସମାଜର କୌଳିକ ସଙ୍ଗୀତ ଗାନ କରାଯାଇଥିଲା । ସମାଜର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ସମାଜର ସଭାପତି ଆନନ୍ଦଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ



ଆୟୋଜିତ ସାଧାରଣ ଅଧିବେଶନରେ ନୟାଗଡ, ଦଶପଲ୍ଲା ଓ ରଣପୁର ଅଂଚଳର କର୍ମକର୍ତାମାନେ ଉପସ୍ଥିତ ଥିଲେ । ମଧୁବୈଶ୍ୟ ସମାଜ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଖ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିମନ୍ତେ ନୀତି ନିର୍ଦ୍ଧାରଣ କରାଯାଇଥିଲା । ସମାଜର ବରିଷ୍ଠ ସଦସ୍ୟମାନେ ବିଭିନ୍ନ ଅଭାବ ଓ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ସର୍ବସମ୍ମତି ପ୍ରସ୍ତାବକ୍ରମେ ଖଣ୍ଡପଡା ରାଜ୍ୟ ମଧୁ ବୈଶ୍ୟ ସମାଜର ସଭାପତି ଭାବେ ଆନନ୍ଦ ଚନ୍ଦ୍ର ସାହୁ, ସଂପାଦକ ଭାବେ ରାମଚନ୍ଦ୍ର ସାହୁ ଓ କୋଷାଧକ୍ଷ ଭାବେ ପ୍ରମୋଦ କୁମାର ସାହୁଙ୍କ ସମେତ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତାମାନଙ୍କୁ ଚୟନ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । କା ଏ ଅବସରରେ ମଧୁବୈଶ୍ୟ ସମାଜର କୃତୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତି ବାବଦରେ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଖଣ୍ଡପଡା ବ୍ଲକ ଅଧିନ ବାହାଡା ଗ୍ରାମସ୍ଥିତ ମା ବାହାଡାଶୁଣୀ ପୀଠସ୍ଥିତ ପ୍ରଭୁ ଗଜାନନ ମନ୍ଦିରର ପରିଚାଳନା ଦାୟୀତ୍ୱ ଖଣ୍ଡପଡା ସହରର ଲକ୍ଷ୍ମୀଧର ସାହୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଯୁବକଙ୍କୁ ସଂଘବଦ୍ଧ ହତ୍ୟା

# ନାବାଳକ ସମେତ ୫ ଗିରଫ

ଓଡ଼ଗାଁ, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଥାନା ଅଂଚଳର ଚଡେୟାପଲି ଗ୍ରାମରେ ଗତ ଜାନୁଆରୀ ମାସ ୨୦ତାରିଖଦିନ ତାରିଣୀ ଯାତ୍ରା ଚାଲିଥିବା ବେଳେ, ପଞ୍ଚିରିଡା ମାନପୁର ଗ୍ରାମର ଯୁବକ ପରମାନନ୍ଦ ବାଘଙ୍କୁ ସଙ୍ଘ ବଦ୍ଧଭାବେ ଆକ୍ରମଣ କରାଯାଇଥିଲା । ଖବରପାଇ ପରିବାରର ଲୋକେ ଗୁରୁତର ଅବସ୍ଥାରେ ଶରଣକୁଳ ଡାକ୍ତରଖାନା ଓ ପରେ ନୟାଗଡ଼ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ଅବସ୍ଥା ଗୁରୁତର ହୋଇଯିବାକାରଣରୁ ପରେ ଭୁବନେଶ୍ୱର ଓ କଟକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମୃତ୍ୟୁ ବରଣ କରିଥିଲେ। ।ପୁଲିସ ସୂଚନାନୁଯାୟୀ ଜାନୁଆରୀ ୨୦ତାରିଖରେ ପରମାନନ୍ଦ ବାଘ୍ ତାଙ୍କ ଭଉଣୀ ଘରକୁ ସହିତ ସ୍କୁଟିନେଇ ଉକ୍ତଗ୍ରାମକୁ ଯାତ୍ରାଦେଖି ଯାଇଥିଲେ ।ଯାତ୍ରା ଦେଖୁଥିବାବେଳେ, ତାଙ୍କ ଉପରେ ସଂଘ୍ ବଦ୍ଧ ଆକ୍ରମଣ ହୋଇଥିଲା। ତାଙ୍କୁ ଟେକିନେଇ ପଞ୍ଚାୟତଅଫିସ୍ ସାମନାରେ ର୍ନିଧୁମ୍ ମାଡ଼ମାରିଥିଲେ। ଅଭିଯୋଗ ଆଧାରରେ ଶରଣକୁଳ ଥାନାରେ ଏକ ମାମଲାରୁଜୁ ହୋଇଥିଲା । ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏସ. ଡି. ପି. ଓ. ଜ୍ୟୋତିରଞ୍ଜନ ସାମନ୍ତରା ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତେବେ ଶ୍ରୀ ସାମନ୍ତରା ନୟାଗଡ଼ ଟାଉନଥାନା ପୁଲିସ ଓ ଶରଣକୁଳ ଥାନାପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ । ଜଣେ ନା, ବାଳକ ସମେତ ୪ଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲେ । ଏହି ସ୍ୱତନ୍ତ୍ରଟିମ୍ ଚଡେୟାପଲୀ ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ, ରତିକାନ୍ତ ମନ୍ତ୍ରୀ, ସୋନୁ ନିଗମ ଓ ଶଙ୍କର ଚୌଧୁରୀ ସମେତ ଜଣେ ନା, ବାଳକକୁ ଗିରଫ କରାଯାଇଛି ବୋଲି ପୋଲିସ ମୁଖ୍ୟାଳୟ ସୂତ୍ରରୁ ଜଣପଡିଛି ।

# ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲିପାଟଣା ,(ସବ୍ୟୁ) :ସୋମବାର ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ବାଲିପାଟଣା ବ୍ଲକ ଅନ୍ତର୍ଗତ ଆମଣାକୁଦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜନ ଶୁଣାଣି କରିଛନ୍ତି।ସମସ୍ତ ବିଭାଗୀୟ ଜିଲ୍ଲା ଓ ବ୍ଲକ ସ୍ତରରୁ ସାମିଲ ହୋଇ ଜିଲ୍ଲାପାଳ ଙ୍କୁ ସହଯୋଗ କରିଥିଲେ।କାର୍ଯ୍ୟକ୍ରମ ରେ ମୋଟ ୫୨୩ ଗୋଟି ଅଭିଯୋଗ ଶୁଣାଣି ପାଇଁ ଆସିଥିବା ବେଳେ ଏଥିରୁ ମାତ୍ର ୫ ଜଣ ଙ୍କ ଅଭିଯୋଗ ତତ୍କାଳ ବିଚାର କରାଯାଇ ନ୍ୟାୟ ଯୋଗାଇ ଦିଆ ଯାଇଥିଲା। ଅବଶିଷ୍ଟ ପଞ୍ଜୀକୃତ ଦରଖାସ୍ତ ମଧ୍ୟରୁ ୩୩ ଗୋଟି ସାମୁହିକ ସମସ୍ୟା ଥିବାରୁ ସେଗୁଡିକୁ ବିଚାର ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିଲା।ରେଡକ୍ରସ ପାଣ୍ଠି ରୁ ୧୦ ହଜାର ଓ ଅନ୍ୟ ୫ ଜଣଙ୍କୁ ୮୫ ହଜାର ତତକାଳ ସହାୟତା ପ୍ରଦାନ କରାଯାଇଛି।ଜନ ଶୁଣାଣି ରେ ଏ ଡି ଏମ୍ ରୁଦ୍ରପ୍ରସାଦ ମହାନ୍ତି,ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ,ପି ଡି ଜ୍ୟୋତି ଶଙ୍କର ସାହୁ ଙ୍କ ସହିତ ବିଡ଼ିଓ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ,ତହସିଲଦାର କଳ୍ପନା ଦାସ,ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ଜନସାଧାରଣ ଙ୍କ ସୁବିଧା ପାଇଁ ରାଜସ୍ୱ,ସମନ୍ୱିତ ଶିଶୁ ବିକାଶ, ମିଶନ ଶକ୍ତି,ସାମାଜିକ ସୁରକ୍ଷା,ଯୋଗାଣ,ସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଗୃହର୍ନିମାଣ ବିଭାଗ ତରଫରୁ ବିଭିନ୍ନ ଷ୍ଟଲ୍ ମାନ ଖୋଲାଯାଇଥିଲା।ବହୁ ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭାଗୀୟ ଅଧିକାରୀ ମାନଙ୍କୁ ସହଯୋଗ କରିଥିଲେ।ବିଧାୟକ ନବକିଶୋର ମଲ୍ଲିକ ଶିବିର ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।ପଞ୍ଚାୟତ ତରଫରୁ ସମସ୍ତ ଙ୍କ ପାଇ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା।ସମାଜସେବୀ ଲୁଲୁ ପଣ୍ଡା ସମସ୍ତ ବ୍ୟବସ୍ଥା ର ତଦାରଖ କରିଥିଲେ।ପୋଲିସ ବିଭାଗ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ମଳିପଡା: ଯୁବକଙ୍କ ଆତ୍ମହତ୍ୟା ପରେ ଯୁବତୀ ପିଇଲେ ବିଷ

ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମଳିପଡା ଗ୍ରାମରେ ସୋମବାର ଦିନ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବାବେଳେ ତାର ଅନ୍ତେଷ୍ଟିକ୍ରିୟା ସରୁ ସରୁ ଉକ୍ତ ଗ୍ରାମର ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଥିବା ଖବର ମିଳିଛି । ସୋମବାର ମଳିପଡା ମଝି ସାହିର ସଞ୍ଜୟ କୁମାର ମହାରଥୀ (୨୪) ତାଙ୍କ ମାମୁଁ ଘରେ କବାଟ ଦେଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ଶବ ବ୍ୟବଚ୍ଛେଦ ହୋଇ ସୋମବାର ରାତିରେ ଶବ ସଂସ୍କାର କରାଯାଇଥିଲା। ତେବେ ସେହି ସମୟରେ ମଳିପଡ଼ାଗ୍ରାମ ବଡ଼ଜେନା ସାହିର ଜଣେ ୨୨ବର୍ଷର ଯୁବତୀ କୌଣସି କାରଣରୁ ବିଷ ପିଇ ଦେଇଥିବାରୁ ତାଙ୍କୁ ପରିବାର ଲୋକେ ଖୋର୍ଦ୍ଧା ହସପିଟାଲକୁ ନେଇ ଯାଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ଚିକିତ୍ସା ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ କରାଯାଇ ଶବ ଗ୍ରାମକୁ ଆସିଥିବା ଜଣାପଡିଛି।

# କୋଟି କୋଟି ଟଙ୍କା ଠକି ନେଇଥିବା ଠକ ଭରତ ଗିରଫ

ଆଠଗଡ଼ ,(ସବ୍ୟୁ) : କଟକ ସମବାୟ ବ୍ୟାଙ୍କ ଆଠଗଡ଼ ଶାଖାର ଏଜେଣ୍ଟ , ଆଠଗଡ ଷ୍ଟେଟ ବ୍ୟାଙ୍କ, ବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ଲୋକଙ୍କୁ ୩ ବର୍ଷରେ ଟଙ୍କା ଡବଲ କରିବାର ପ୍ରତିଶୃତି ଦେଇ ମାର୍କେଟରୁ ପ୍ରାୟ କୋଟି କୋଟି ଟଙ୍କା ଆଦାୟ କରିଥିବା କୁହାଯାଉଛି। ଯେଉଁଥିରେ ଅବସର ଗ୍ରହଣ କରିଥିବା ବହୁ ବଳିଷ୍ଠ କର୍ମଚାରୀ ମଧ ଫସି ଯାଇଛନ୍ତି। ଲୋକଙ୍କ ଠାରୁ ଜମା ଟଙ୍କା ଆଦାୟର ସର୍ବାଧିକ ଟଙ୍କା ଆଦାୟ କରି ଆଠଗଡ ସହରରେ ଜଣେ ଏଜେଣ୍ଟ ଭାବେ ଶୀର୍ଷରେ ଥିବା ବେଳେ ଭରତ ଆଠଗଡ ସହର ଉତ୍ତରାଚଣ୍ଡୀ ନିକଟରେ ଏକ ବହୁତଳ କୋଠା ର୍ନିମାଣ କରି ପରିବାର ସହିତ ଆସି ରହିଥିଲେ। ଭରତ ଦେବତା ଷ୍ଟେଟ ବ୍ୟାଙ୍କ ଜୀବନ ବୀମା ଛାଡି କଟକ ଲିଙ୍କ ରୋଡ଼ ରେ ଖୋଲିଥିବା ବହୁ ରାଷ୍ଟ୍ରୀୟ ଆଭିଭା ଜୀବନ ବୀମାରେ ସହକାରୀ ଏସଏମ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହିଠାରେ ଥିବା ବେଳେ ପରିବାରକୁ ଆଠଗଡ଼ରୁ କଟକ ଓ ପରେ କେଉଁ ଆଡେ ଫେରାର ହୋଇଯାଇଥିଲେ। ଆଠଗଡ ବଜାରରେ ଆଉ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଜମା କାରି ମାନେ ତାଙ୍କ ଉତ୍ତରଚଣ୍ଡୀ ଘରୁ ଖୋଜି ନିରାଶ ହୋ ପରେ ଆଠଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଠାରୁ କୌଣସି ସହଯୋଗ ନ ମିଳିବାରୁ ଆଠଗଡ଼ କୋର୍ଟରେ ୨୦୧୭ ମସିହାରେ ୩ଟି ଓ ୨୦୧୮ ମସିହାରେ ୧ ଟି କେଶ ମାମଲା ରୁଜୁ ହୋଇ ୱରେଣ୍ଟ ହୋଇଥିଲା। ସେହି ଦିନ ଠାରୁ ଭାରତ ଅହମ୍ମଦାବାଦରେ ରହୁଥିଲା। ହଠାତ୍ ସୋମବାର ବିଳମ୍ବିତ ରାତିରେ ଭରତ ଆଠଗଡ ଉତ୍ତରାଚଣ୍ଡୀ ସ୍ଥିତ ବସଭାବନକୁ ଆସିଥିବା ଖବର ପାଇ ଆଠଗଡ ଥାନା ଅଧିକାରିଣୀ ସୁମନ୍ତୀ କୁମାରୀ ମହାନ୍ତି ଙ୍କ ନେତୃତ୍ୱରେ ଚଢ଼ାଉ କରି ଭରତକୁ ଗିରଫ କରି ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି।

# ପାଗଳ ବିଲୁଆ କାମୁଡ଼ାରେ ବୃଦ୍ଧା ଗୁରୁତର

ଗୋପ,(ସବ୍ୟୁ): ମଙ୍ଗଳବାର ଏକ ପାଗଳା ବିଲୁଆ କାମୁଡ଼ାରେ ଜଣେ ବୃଦ୍ଧା ଗୁରୁତର ହୋଇଥିବାବେଳେ ଆଉ ଜଣେ ନାବାଳକ ଆହତ ହୋଇଛି। ମଙ୍ଗଳବାର ସକାଳ ୯ଟା ବେଳେ ଜଣେ ୬୫ ବର୍ଷୀୟା ବୃଦ୍ଧା ଛେଳି ବାନ୍ଧିବାକୁ ଯାଉଥିବା ବେଳେ ପାଗଳ ବିଲୁଆ ଗୋଡେଇ ଗୋଡେଇ ବୃଦ୍ଧାଙ୍କୁ କାମୁଡି ରକ୍ତାକ୍ତ କରିଥିଲା। ସେହି ବାଟରେ ବନ୍ଧୁ ଘରକୁ ବୁଲିବାକୁ ଆସିଥିବା ୧୦ ବର୍ଷର ନାବାଳକ କୁ ମଧ ଅନୁରୂପ ଭାବରେ ପାଗଳ ବିଲୁଆ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ସଙ୍ଗେ ସଙ୍ଗେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ।ତେବେ ନିକଟସ୍ଥ ବେଣୀପୁର ଗ୍ରାମର ବୃଦ୍ଧା କୁନି ଦାସଙ୍କ ଅବସ୍ଥା ଗୁରୁତର ଥିବା ବେଳେ ନାବାଳକ ଶିଶୁ ଗୁଞ୍ଜନ ଦାଶ୍ ଆହତ ହୋଇ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।ତବେ ଏନେଇ ସ୍ଥାନୀୟ ଲୋକେ ଗୋପ ବନ ବିଭାଗକୁ ଜଣାଇବା ପରେ ଗୋପ ବନବିଭାଗ ଅଧିକାରୀ ସୁଦର୍ଶନ ଦେହୁରୀ ପାଗଳ ବିଲୁଆକୁ ଖୋଜା ଖୋଜି ଆରମ୍ଭ କରିଛନ୍ତି।ହେଲେ ଖବର ଲେଖାଯାଏ ବନ ବିଭାଗ ବିଲୁଆକୁ ଧରି ପାରିନଥିବା ଜଣାଯାଇଛି।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

ସାକ୍ଷୀଗୋପାଳ ,(ସବ୍ୟୁ) : ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀଠାରେ ଆଜି ଜାତୀୟ ସେବା ଯୋଜନା ଶାଖାର ଉଦ୍ଘାଟନ ଓ ପ୍ରଶିକ୍ଷଣ ଶିବିର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ସମାରୋହରେ ମୁଖ୍ୟ ଅତିଥି ରୂପେ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉପଶାସନ ସଚିବ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। କୁଳପତି ପ୍ରଫେସର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ନିଜ ଅଭିଭାଷଣରେ ନେତାଜୀ ସୁବାଷ ବୋଷଙ୍କ ଭଳି ରାଷ୍ଟ୍ର ପାଇଁ ଉତ୍ସର୍ଗୀକୃତ ସେବା କରିବାକୁ ପରାମର୍ଶ ଦେଇଥିଲେ। ଡକ୍ଟର ବେହେରା ପିପିଟି ମାଧ୍ୟମରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟକୁ ଛାତ୍ରଛାତ୍ରୀଙ୍କ ପାଖରେ ପର୍ଯ୍ୟାଲୋଚନା ସହିତ ସ୍ୱତଃ ସେବା ମନୋଭାବରେ ସର୍ବଦା ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ। କୁଳସଚିବ ରଶ୍ମିରେଖା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପାଖରେ ବିଭିନ୍ନ ପରାମର୍ଶ, ଉଦାହରଣ ମାଧ୍ୟମରେ ସେବା ମନୋଭାବ ଜାଗ୍ରତ କରାଇଥିଲେ। ବିଭିନ୍ନ ବିଭାଗର ଅଧ୍ୟାପକ, କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଜାତୀୟ ସେବା ଯୋଜନାର ସଫଳ ରୂପାୟନ ସହିତ ଆଗାମୀଦିନରେ ଏହି ସେବା ମନୋଭାବ ଜାରି ରଖିବେ ବୋଲି ଦୃଢ ସଂକଳ୍ପ ନେଇଥିଲେ।

## ଦିଲ୍ଲୀପ ଜେନା କେବିଇଏମ କିଡ୍ସ ସ୍କୁଲ ନିର୍ଦ୍ଦେଶକ

କାକଟପୁର,(ସବ୍ୟୁ) :କାକଟପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ପବ୍ଲିକ ସ୍କୁଲର ନୂତନ ନିର୍ଦ୍ଦେଶକ ଭାବେ କାକଟପୁରର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା ସୋମବାର ଦିନ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି । ଆଜି ସ୍କୁଲ ପରିସରରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ଦିଲ୍ଲୀପ ଜେନା ଓ ସହ –ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।ଅନୁଷ୍ଠାନର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳ,ସହ –ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି, ମଙ୍ଗଳା ମହାବିଦ୍ୟାଳୟ ଅବସର ପ୍ରାପ୍ତ ପ୍ରଧାପକ ଭ୍ରମରବର ପଡ଼ିଆରୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୁଇ ଅତିଥିଙ୍କର କାର୍ଯ୍ୟକାଳ ସମୟରେ ଦକ୍ଷତା ଓ ଶିକ୍ଷାବିଭାଗ ପ୍ରତି ଗୁରୁତ୍ୱ ଉପରେ ସ୍ମୃତି ଚାରଣ କରିଥିଲେ । ପରେ ଅନୁଷ୍ଠାନର ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ ନୂତନ ନିର୍ଦ୍ଦେଶକ ଭାବେ ଶ୍ରୀ ଜେନାଙ୍କୁ ସ୍ୱାଗତ କରିଥିବାବେଳେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିଜର ଅବସର ଜୀବନକୁ ଉତ୍ସର୍ଗୀକୃତ କରିବାସହିତ କେବିଇଏମ ସ୍କୁଲ ପ୍ରତି ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ପ୍ରେରଣା ସାଜିବ ବୋଲି ନୂତନ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଜେନା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ଜିଲ୍ଲାରେ ପଡ଼ି ରହିଥିବା ୪୫୮ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ କାମ ନ ହୋଇ ବର୍ଷ ବର୍ଷ ଧରି ପଡ଼ି ରହିଥିବା ସରକାରୀ ମଞ୍ଜୁର ପ୍ରକଳ୍ପର ଶୁଭାରମ୍ଭ ଅଭିଯାନ ଆରମ୍ଭ ହୋଇଛି। ଏନେଇ ଜିଲ୍ଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଭି.ସି ମାଧ୍ୟମରେ ଗୋଟିଏ ଦିନରେ ୪୫୮ ପ୍ଲକଳ୍ପ ର କାର୍ଯ୍ୟ ଆରମ୍ଭ ନିଷ୍ପତ୍ତି ନିଆଯାଇଛି। ଏଥି ନିମନ୍ତେ ୧୪ କୋଟି ୫୦ ଲକ୍ଷ ବ୍ୟୟ ବରାଦ ରହିଛି। ଏହାଛଡ଼ା ବଳକା ୩୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ମଧ୍ୟ ଖୁବ ଶିଘ୍ର ଆରମ୍ଭ କରାଯିବା ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଜନକଲ୍ୟାଣ ଲାଗି ରାଜ୍ୟ ୫ମ ଅର୍ଥ କମିଶନଙ୍କ ଦ୍ୱାରା ମଞ୍ଜୁର ପ୍ରକଳ୍ପ ମଧ୍ୟରୁ ଜିଲ୍ଲାର ବିଭିନ୍ନ ବ୍ଲକ ଅଚଂଳରେ ୫୦ କୋଟି ରୁ ଅଧିକ ଟଙ୍କା ବିନିଯୋଗ ନହୋଇ ପଡ଼ି ରହିଥିଲା। ଫଳରେ ଶତାଧିକ ଜନହିତକର ମଞ୍ଜୁର ପ୍ରକଳ୍ପ ଫାଇଲ ଭିତରେ ଚାପି ହୋଇ ରହିଥିଲା। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ହସ୍ତକ୍ଷେପ ରେ ପଡ଼ିରହି ଥିବା ପ୍ରକଳ୍ପ ର କାର୍ଯ୍ୟ ଆରମ୍ଭ କରାଯିବା ନିଷ୍ପତି ଜିଲ୍ଲାର ଉନ୍ନୟନ କାର୍ଯ୍ୟକୁ ଅଧିକ ଗତିଶୀଳ କରିଛି। ଏପରି ନିଷ୍ପତ୍ତିରେ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ୪୫୮ ଟି ପ୍ରକଳ୍ପ ମଧ୍ୟରେ ଗ୍ରାମାଚଂଳ ରାସ୍ତା , କଲ୍ୟାଣ ମଣ୍ଡପ ନିର୍ମାଣ, ପୋଖରୀ ଖନନ ଆଦି ବହୁ ଜନହିତକର ପ୍ରକଳ୍ପ ରହିଛି। ଉକ୍ତ ପ୍ରକଳ୍ପ ସହିତ ବଳକା ଥିବା ୩୫ କୋଟିର ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ଆସନ୍ତା ଜୁନ ମାସ ଶେଷ ସୁଦ୍ଧା ପଡ଼ି ରହିଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପାରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଜ୍ଜିତ ରାଉତ ଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ପଡ଼ି ରହିଥିବା ପ୍ରକଳ୍ପ କାର୍ଯ୍ୟକାରି କରିବା ଦିଗରେ ଜିଲ୍ଲାସ୍ତରୀୟ ଅଧିକାରୀ, ଲୋକ ପ୍ରତିନିଧିଙ୍କ ସହିତ ବ୍ଲକର ବିଡ଼ିଓ, ଏବଂ ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କ ସହଯୋଗ ପାଇଁ ଜିଲ୍ଲାପାଳ ଧନ୍ୟବାଦ ଜଣାଇଛନ୍ତି।



## ସାକ୍ଷୀଗୋପାଳ କଲେଜରେ ମହିଳା ସଶକ୍ତିକରଣ ପାଠଚକ୍ର

ସାକ୍ଷୀଗୋପାଳ ,(ସବ୍ୟୁ) :ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଆଜି ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ନାରୀ ସଶକ୍ତିକରଣ' ଶୀର୍ଷକ ଏକ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ତଥା ବଳଙ୍ଗା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନାରୀ ସଶକ୍ତିକରଣ ଓ ଏହାର ପୃଷ୍ଠଭୂମି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ନିଜର ସଭାପତିତ୍ୱ ଅଭିଭାଷଣରେ ନାରୀ ଓ ପୁରୁଷ ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଓ ସାମାଜିକ ପ୍ରଗତିରେ ପୁରୁଷ ସହିତ ନାରୀର ବଳିଷ୍ଠ ଯୋଗଦାନକୁ ପ୍ରତିପାଦିତ କରିଥିଲେ। ସଭାର ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ମହାପୁରୁଷ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧାପକ ରତ୍ନାକର ସାହୁ ଏହି ସଭାରେ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସେମିନାର ପେପର ଉପସ୍ଥାପନ ସହିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧାପକ ବୈକୁଣ୍ଠ ମେହେର ଆଗାମୀ ଦିନରେ ମହିଳାମାନଙ୍କର ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଦୃଢ଼ ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଥିଲେ।ସମ୍ମାନ କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରଛାତ୍ରୀମାନେ ମହିଳାମାନଙ୍କୁ ସୁରକ୍ଷା ଦେବାପାଇଁ ଏକ ସାମୁହିକ ଶପଥ ପାଠ କରିଥିଲେ। ଏହାପରେ ବିଭାଗର ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ । ଶେଷବର୍ଷର ଛାତ୍ର ବିଭୁତି, ଚିନ୍ମୟ, ବିକାଶ, ଶ୍ରୋତାଲିନ, ସୁଜାତା ପ୍ରଭୃତି ସେମାନଙ୍କର ମହାବିଦ୍ୟାଳୟର ଅଭିଜ୍ଞତା ବିଷୟରେ ସାନ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ।ସମସ୍ତ କାର୍ଯ୍ୟକ୍ରମକୁ ବିଭାଗର ଅନ୍ୟତମ ଅଧାପକ ଅମରନାଥ ପାଲ୍ ପରିଚାଳନା କରିଥିଲାବେଳେ କାର୍ଯ୍ୟକ୍ରମର ସଫଳତା ପାଇଁ ଅଧାପକ ବୈକୁଣ୍ଠ ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଚ ଗୀତ ସହିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରଜତ ଜୟନ୍ତୀ ଉତ୍ସବ

ଡେଲାଙ୍ଗ,(ସବ୍ୟୁ) : ମଙ୍ଗଳବାର ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ରେଞ୍ଚସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରଜତ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନ ସଭାରେ ମୁଖ୍ୟ ଅତିଥି ସ୍ୱାମୀ ଭାଗବତାନନ୍ଦଙ୍କ ସହ ଡେଲାଙ୍ଗ ମଣ୍ଡଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ଆଞ୍ଚଳିକ ସାଧନ ସଂଯୋଜକ ଦୁର୍ଯ୍ୟୋଧନ ପ୍ରଧାନ, ଉତ୍କଳ ଶିକ୍ଷା ବିକାଶ ସମିତି ସଭାପତି ମଙ୍ଗୁଳି ଚରଣ ମହାନ୍ତି, ସମ୍ପାଦକ ସୁରେନ୍ଦ୍ରନାଥ ଖୁଣ୍ଟିଆ, ସାମାଜିକ କର୍ମୀ ତଥା ସଫଳ ଉଦ୍ୟୋଗୀ କୃଷ୍ଣପ୍ରିୟା ଦାଶ ଆଚାର୍ଯ୍ୟ ପ୍ରମୁଖ ସଂସ୍କାରଧର୍ମୀ ଶିକ୍ଷାଦାନର ବିଭିନ୍ନ ଉପାଦାନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଗୁରୁଜୀ ଚିତ୍ତରଞ୍ଜନ ପରିଡା ଅତିଥି ପରିଚୟପ୍ରଦାନ, ସ୍ୱାଗତ ସହ ଉଲ୍ଲେଖନୀୟ ସଫଳତା ଆଧାରିତ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ ପୂର୍ବକ ଶିକ୍ଷାକେନ୍ଦ୍ରର ଗୌରବ ବୃଦ୍ଧି କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ପରିଚାଳନା ସମିତି ସଭାପତି ତ୍ରିଲୋଚନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ନିଜ ନିଜର କଳାତ୍ମକ ପ୍ରତିଭା ପ୍ରଦର୍ଶନ କରିଥିଲେ । ଶିକ୍ଷାକେନ୍ଦ୍ର ପରିସରରେ ସଂସ୍ଥାପିତ ସ୍ୱାମୀ ବିବେକାନନ୍ଦଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ପୂଜ୍ୟ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ ମହାରାଜ ଅନାବରଣ ପୂର୍ବକ ଉନ୍ମୋଚନ କରିଥିଲେ । ବିଭାଗର ଛାତ୍ରୀ ସ୍ମୃତିପ୍ରିୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପିର ସକ୍ରୀୟ ସଦସ୍ୟ ସମ୍ମିଳନୀ

# ପ୍ରବକ୍ତା ସମୀର ଦାଶ ଓ ବହୁ ସକ୍ରିୟ ସଦସ୍ୟଙ୍କ ଅନୁପସ୍ଥିତକୁ ନେଇ ଚର୍ଚ୍ଚା

ନିମାପଡା,(ସବ୍ୟୁ): ନିମାପଡା ନିର୍ବାଚନ ମଣ୍ଡଳୀ ବିଜେପିର ସକ୍ରୀୟ ସଦସ୍ୟ ସମ୍ମିଳନୀ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ବିଜେଡି ମୁଖପାତ୍ର ସମୀର ରଂଜନ ଦାଶଙ୍କ ସମତେ ବହୁ ସକ୍ରିୟ ସଦସ୍ୟଙ୍କ ଅନୁପସ୍ଥିତକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି । କୁଆଡେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ବିଜେପି ମୁଖପାତ୍ର ସମୀର ରଂଜନ ଦାଶଙ୍କ ଭିତରେ ମନୋମାଳିନ୍ୟ ଯୋଗୁଁ ନିମାପଡା ବିଜେପି ଦୁଇ ଫାଳ ବୋଲି ଶୁଣିବାକୁ ମିଳୁଛି । ପ୍ରଭାତୀ ଏବଂ ସମୀର ଗୋଷ୍ଠି ଅଲଗା ଅଲଗା ରାସ୍ତାରେ ଚାଲୁଥିବା ନେଇ ଆଲୋଚନା ହେଉଛି । ନେତାଙ୍କ କଳି ଭିତରେ କର୍ମୀ ବଳି ପଡୁଛନ୍ତି ବୋଲି କହୁଛନ୍ତି । ଲଗାତାର ପରାଜୟ ପରେ ଦୀର୍ଘବର୍ଷର ବ୍ୟବଧାନ ପରେ ନିମାପଡାରେ ପଦ୍ମ ଫୁଟିଛି । ବିଜେଡି ଟିକେଟରୁ ବଂଚିତ ହେବା ପରେ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ଏବଂ ତାଙ୍କର ବୃହତ ସଂଗଠନ ବିଜେପି ଦଳରେ ସାମିଲ ହୋଇଥିଲେ । ଏଥିରେ ବ୍ଲକ ଅଧକ୍ଷଙ୍କ ସମେତ ନିମାପଡା ନିର୍ବାଚନ ମଣ୍ଡଳୀର ବିଜେଡିର ଅନେକ ଟାଣୁଆ ନେତା ଓ କର୍ମୀମାନେ ସମୀରଙ୍କ ଇସାରାରେ ବିଜେପିରେ ମିଶିଥିଲେ । ଗତ ବିଧାନସଭା ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ହୋଇଥିବା ପ୍ରଭାତୀ ପରିଡା ବିଧାୟକ ଭାବେ ବିଜୟୀ ହୋଇଥିଲେ । ଶ୍ରୀମତୀ ପରିଡା ବିଜୟୀ ହୋଇ ଉପମୁଖ୍ୟମନ୍ତ୍ରୀ ହେବାର ମାତ୍ର କିଛିଦିନ ପରେ ସମୀର ଓ ପ୍ରଭାତୀଙ୍କ ମଧ୍ୟରେ କୁଆଡେ ସେଭଳି ସଂପର୍କ ଭଲ ନଥିବା ଶୁଣିବାକୁ ମିଳୁଛି । ଆଗକୁ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ଆସୁଥିବା ବେଳେ ବିଜେପି ଦୁଇ ଫାଳ ହେବା ଦଳପାଇଁ ଆଦୌଶୁଭଙ୍କର ନୁହେଁ ବୋଲି ରାଜନୀତି ବିଶାରଦ ମାନେ ମତ ପ୍ରକାଶ କରିଛନ୍ତି । ବିଜେପିରେ ମିଶିଥିବା ସମୀରଙ୍କ ବୃହତ ଗୋଷ୍ଠିର ଛାମୁଆ ନେତା ଏବଂ କର୍ମୀ ଯିଏକି ସକ୍ରିୟ ସଦସ୍ୟ ଅଛନ୍ତି ଆୟୋଜିତ ଏହି ସକ୍ରିୟ ସଦସ୍ୟତା ସମ୍ମିଳନୀରେ ସେମାନଙ୍କୁ ଦେଖିବାକୁ ମିଳିନଥିଲ । । ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ଗୋପବ୍ଲକ ଉପାଧକ୍ଷ ବନରଂଜନ ପଟ୍ଟନାୟକ,୧୧ନଂ ଜିଲ୍ଲା ପରିଷଦସଭ୍ୟ ପ୍ରମୋଦ ରାୟ,ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ଚନ୍ଦ୍ର ବେହେରା,ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ଚରଣ ପାଢୀ,ଗୋପ ପୂର୍ବତନ ସରପଞ୍ଚ ସୁଶାନ୍ତ ସ୍ୱାଇଁ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱର୍ଣ୍ଣଲତା ମାଝି ପ୍ରମୁଖ ଯୋଗଦେଇ ତୃଣ ମୂଳ ସ୍ତରରେ ଦଳର ସଂଗଠନକୁ ଅଧିକ ମଜବୁତ ପାଇଁ ଜଣେ ଜଣେ ସୈନିକ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ,ଯଚିନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ,ରାଜ କିଶୋର ନାୟକ,ଭକ୍ତବନ୍ଧୁ ବିଶ୍ୱାଳ,ଜ୍ୟୋତି ରଂଜନ ପାତ୍ର,ନାରୀନେତ୍ରୀ ଜୟନ୍ତୀ ସ୍ୱାଇଁ,ବାସନ୍ତୀ ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ସରକଣା ଫୋଡା ପାଟୁଆ ପଡିଆରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲକାଟି,(ସବ୍ୟୁ):ଓଡିଶା ପ୍ରସିଦ୍ଧ ସରକଣା ଫୋଡା ପାଟୁଆ ପଡିଆରେ ଆଜି ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ବାଲିଅନ୍ତା–ଧଉଳି–ପାହାଳ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ।ଫୋଡାପାଟୁଆ ଦିନ ଏହି ପଡିଆରେ ମନୋହାରୀ ଦୋକାନ ସାଙ୍ଗକୁ ବିଭିନ୍ନ ଖାଦ୍ୟପେୟ ଦୋକାନ ପଡିଥିଲା । ଏହା ଶେଷହେବା ପରେ ଏଠାରେ ଉକ୍ତ ଦୋକାନୀ ମାନଙ୍କ ବର୍ଜ୍ୟବସ୍ତୁ ପଡି ପରିବେଶକୁ ଦୂଷିତ କରୁଥିଲା । ଏହାକୁ ହୃଦୟଙ୍ଗମ କରି କାର୍ଯ୍ୟରତ ସାମ୍ବାଦିକ ମାନେ ରବିବାର ସକାଳ ସାଢେ ୬ ଟାରେ ସଫେଇ କାମରେ ଲାଗିଥିଲେ । ହାତରେ ଝାଡୁ, ଅଖା ଧରି ପଡିଆ ଚାରିପାଖ ସଫାସୁତରା କରିଥିଲେ । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସମିତିସଭ୍ୟ ନାରାୟଣ ସାହୁ, ପୂରଣପଧାନ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ତଥା ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବ ସ୍ୱେଚ୍ଛାସେବୀ ଲଲାଟେନ୍ଦୁ ଦୀକ୍ଷିତ ପ୍ରମୁଖ ସହଯୋଗ କରିଥିଲେ ।ସାମ୍ବାଦିକଙ୍କ ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଥିଲେ ।

## ଦଶପଲ୍ଲା ଐତିହାସିକ ଲଙ୍କାପୋଡି ଯାତ୍ରା

# ରାମ–ରାବଣ ଯୁଦ୍ଧ ଦେଖିଲେ ହଜାର ହଜାର ଦର୍ଶକ

ଦଶପଲ୍ଲା ,(ସବ୍ୟୁ) : ଚଳିତ ବର୍ଷ ଲଙ୍କାପୋଡି ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଂଚି ଥିବା ବେଳେ , ଶେଷ ହୋଇଛି ଲଙ୍କାପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ ରାବଣ ବଦ୍ଧ । ହଜାର ହଜାର ଦର୍ଶକ ଙ୍କ ମଧ୍ୟରେ ପ୍ରଭୁ ଶ୍ରୀରାମ ରାବଣ କୁ ବଦ୍ଧ କରିଥିଲେ । ସପ୍ତଦଶ ଦିବସରେ ଇନ୍ଦ୍ରଜିତ ଓ ରାବଣ ବଧ ନାଟକ ମୁଖ୍ୟ ମଞ୍ଚରେ ଓ ମୁଖ୍ୟ ମଞ୍ଚ ଠାରୁ ଏକ କିଲୋମିଟର ଦୂର ଗାନ୍ଧୀ ମୈଦାନ ଠାରେ ଅନୁଷ୍ଠିତ ହୋଇଥିଲା । ରାମାୟଣ କଥାବସ୍ତୁ ଅନୁସାରେ କୁମ୍ଭକର୍ଣ୍ଣ ବଦ୍ଧ ପରେ ରାବଣ ମର୍ମାହତ ହୋଇପଡେ । ଏହି ସମୟ ରେ ରାବଣ ପୁତ୍ର ଇନ୍ଦ୍ରଜିତ ରାମ ଓ ଲକ୍ଷ୍ମଣ ଙ୍କୁ ପରାସ୍ତ କରିବା ପାଇଁ ନିକୁମ୍ଭୀଳା ବଟ ଠାରେ ଯଜ୍ଞ ଆରମ୍ଭ କରେ । ବିଭିଷଣ ଏହା ଜାଣି ପାରି ରାମ ଲକ୍ଷଣ ସହ ବାନରସେନା ଙ୍କୁ ଧରି ସେଠାରେ ପହଂଚି ଇନ୍ଦ୍ରଜିତର ଯଜ୍ଞ ଭଙ୍ଗ କରନ୍ତ। ଉତକ୍ଷିପ୍ତ ଇନ୍ଦ୍ରଜିତ ଙ୍କ ସହ ଲକ୍ଷ୍ମଣ ଙ୍କ ଘମାଘୋଟ ଯୁଦ୍ଧ ହୁଏ ଓ ଶେଷରେ ଇନ୍ଦ୍ରଜିତର ବଧ ହୁଏ ।ଏହାପରେ ରାବଣ ଯୁଦ୍ଧ କରିବା କୁ ଆସି ଏକଘନୀ ଅସ୍ତ୍ର ରେ ଲକ୍ଷ୍ମଣ ଙ୍କ ଶକ୍ତି ଭେଦ କରେ । ଶ୍ରୀ ଲକ୍ଷମନ ଙ୍କୁ ଶକ୍ତି ଭେଦ ରୁ ମୁକ୍ତି କରିବା ପାଇଁ ହନୁମାନ ବିଶଲ୍ୟ କରଣୀ ଚିହ୍ନି ନପାରି ଗନ୍ଧମାର୍ଦ୍ଦନ ଶୃଙ୍ଗକୁ ଭାଙ୍ଗି ଉଠାଇ ନେଇ ଆଣନ୍ତି । ବୈଦ୍ୟ କରଣୀ ଗୁରୁ ସୁଷେଣ ଙ୍କ ବିଶଲ୍ୟ ଲେପନ ରେ ଲକ୍ଷ୍ମଣ ସୁସ୍ଥ ହୁଅନ୍ତି । ଏହି କଥା ଜାଣି ରାବଣ ର ଶେଷ ପୁତ୍ର ଠୁଳ ଜଙ୍ଘ ଯୁଦ୍ଧକୁ ଆସେ ଓ ରାମ ଙ୍କ ହାତରେ ନିହତ ହୁଏ ।ଶେଷରେ ରାବଣ ପୁଷ୍ପକ ଜାନରେ ଆସି ରାମ ଓ ଲକ୍ଷ୍ମଣଙ୍କ ସହ ଭୟଙ୍କର ମାୟା ଯୁଦ୍ଧ ଆରମ୍ଭ କରେ ଓ ଶେଷରେ ପ୍ରଭୁ ଶ୍ରୀରାମ ଙ୍କ ବ୍ରହ୍ମାସ୍ତ୍ର ରେ ରାବଣର ବଧ ହୁଏ । ପରେ ବିଭିଷଣଙ୍କ ରାଜ୍ୟାଭିଷେକ ଓ ସୀତାଙ୍କ ଅଗ୍ନି ପରୀକ୍ଷା ପରେ ଲକ୍ଷ୍ମଣ, ସୀତା ଓ ବାନରସେନାକୁ ଧରି ପ୍ରଭୁ ଶ୍ରୀ ରାମ ପୁଷ୍ପକ ଜାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି । ରାମ– ରାବଣ ଯୁଦ୍ଧ ବେଶ ମନ ମୁଗ୍ଧକର ହୋଇଥିବା ବେଳେ ହଜାର ହଜାର ଦର୍ଶକଙ୍କ ଗହଣରେ ରାମଙ୍କ ବ୍ରହ୍ମ ଅସ୍ତ୍ର ରାବଣ କୁ ବଧ କରି ପୁଣି ଫେରି ଆସିବା ଦୃଶ୍ୟ ବେଶ ମନମୁଗ୍ଧକର ହୋଇଥିଲା। ରଥ ଉପରେ ରାମ, ଲକ୍ଷ୍ମଣ ଓ କାଠରେ ର୍ନିମିତ ଚଳନ କ୍ଷମ ରାବଣ ମଧ୍ୟରେ ଏକ କିଲୋମିଟର ବ୍ୟାପି ଯୁଦ୍ଧ ଦେଖିବାକୁ ହଜାର ହଜାରସଂଖ୍ୟା ରେ ଲୋକଙ୍କ ଜନସମାଗମ ହୋଇଥିଲା । ରାବଣ ବଧ ପରେ ଆତସ ବାଜିରେ ପ୍ରକମ୍ପିତ ହୋଇ ଉଠିଥିଲା ଦଶପଲ୍ଲା ସହର । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

(ଶ୍ରୀମଭଗବଦ୍ ଗୀତା ୧୪/୨୩)
-କ୍ଷେତ୍ର-ଗୁଣତ୍ରୟ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ)

**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ।।୨୩।।**

ଯେଉଁ ବ୍ୟକ୍ତି ଉଦାସୀନ ପରି ଅବସ୍ଥାନ କରେ, ଗୁଣକାର୍ଯ୍ୟ ଦ୍ୱାରା ବିଚଳିତ ହୁଏ ନାହିଁ, ବରଂ ସତ୍ତ୍ୱାଦିଗୁଣ ସବୁ ନିଜ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି-ଏହିପରି ମନେକରି ଯେ ଅବସ୍ଥାନ କରେ ଏବଂ କାହିଁରେ ବିଚଳିତ ହୁଏ ନାହିଁ, ସେ ଗୁଣାତୀତ ବୋଲି ଅଭିହିତ ହୁଅନ୍ତି ।।୨୩।।

# କେତେ ସ୍ମାର୍ଟ ଆମ ରାଜଧାନୀ

ସମ୍ପାଦକୀୟ

ବିଗତ ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତିରେ ତତ୍‌କାଳୀନ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଯେତେବେଳେ ଶୁଭ ଦେଲେ ଐତିହାସିକ ଓ ଭୌଗୋଳିକ କାରଣରୁ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ ମଧ୍ୟ । ଏକ ସମୟରେ ପଞ୍ଜାବ ଓ ହରିୟାନାର ରାଜଧାନୀ 'ଚଣ୍ଡୀଗଡ଼' ମଧ୍ୟ ନିର୍ମିତ ହୋଇଥିଲା । ଭୁବନେଶ୍ୱରରେ ରାଜଧାନୀ କରିବା ପାଇଁ ସେତେବେଳେ ହରେକୃଷ୍ଣ ମହତାବ ଲାଗିପଡ଼ିଥିଲେ । ମାତ୍ର ଚାଳିଶ ବା ପଚାଶ ହଜାର ଲୋକଙ୍କୁ ଦୃଷ୍ଟିରେ ରଖି କୁଆଡ଼େ ରାଜଧାନୀ ଭୁବନେଶ୍ୱରର ନିର୍ମାଣ ଆରମ୍ଭ ହୋଇଥିଲା । ଏବେ ଏହାର ଜନସଂଖ୍ୟା ୧୩ ଲକ୍ଷ ୨୧ ହଜାର । ଗତ ୨୦୨୪ରେ ଏହି ଜନସଂଖ୍ୟା ୧୨ ଲକ୍ଷ ୮୯ ହଜାର ଥିଲା । ତେଣୁ ସେବର ଓ ଏବର ରାଜଧାନୀ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହେବା ସ୍ୱାଭାବିକ ।

କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ପ୍ରଥମ ପର୍ଯ୍ୟାୟରେ ଯେଉଁ ୧୦୦ଟି ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବାକୁ ଚାହିଁଥିଲେ, ତନ୍ମଧ୍ୟରେ ଭୁବନେଶ୍ୱର ସହର ରହିଥିଲା । ଅବଶ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ରାଉରକେଲା ସହରକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏବେ ଭୁବନେଶ୍ୱରକୁ ଦୈନିକ ହାରାହାରି ଆସି ଫେରି ଯାଉଥିବା ଲୋକଙ୍କ ସଂଖ୍ୟା (ଫ୍ଲୋଟିଙ୍ଗ ପପୁଲେସନ) ୨୫ ହଜାର ବୋଲି ଅନୁଧ୍ୟାନରୁ ଜଣାଯାଇଛି । ଭୁବନେଶ୍ୱରରେ ଏତେ କୋଠାବାଡ଼ି ଅଛି ଯେ ଏହାକୁ କଂକ୍ରିଟ ସହର ବୋଲି ମଧ୍ୟ କୁହାଯାଉଛି । ଏବେ ଭୁବନେଶ୍ୱରରେ ବସ୍ତି ବା ସ୍ଲମ୍‌ର ସଂଖ୍ୟା (ରେଜିଷ୍ଟ୍ରିଭୁକ୍ତ) ୪୩୬ ବୋଲି ଜଣାଯାଇଛି । କେବଳ ବେଆଇନ ବସ୍ତି ସଂଖ୍ୟା ୩୨୦ (୭୩ ପ୍ରତିଶତ) ବୋଲି କୁହାଯାଉଛି । ଭୁବନେଶ୍ୱର ମହାନଗର ନିଗମରେ ଏବେ ୬୭ଗୋଟି ୱାର୍ଡ଼ ରହିଛି । ମାତ୍ର ଭୁବନେଶ୍ୱର ନଗରର ଅଭିବୃଦ୍ଧି ହେଉଛି । ବିଗତ ସରକାରଙ୍କ ଅମଳରେ ଓ ତାଙ୍କ ପୂର୍ବ ସରକାରଙ୍କ ଅମଳରେ ଭୁବନେଶ୍ୱର ସମେତ ଯାଆଁଳା ସହର କଟକର ଉନ୍ନତି ପାଇଁ ମଧ୍ୟ ଉଦ୍ୟମ ହୋଇ ଆସିଛି । ଏବର ସରକାର ମଧ୍ୟ ଭୁବନେଶ୍ୱର ରାଜଧାନୀର ଉନ୍ନତି ପାଇଁ ବ୍ୟଗ୍ରତା ପ୍ରକାଶ କରିଛନ୍ତି ।

ଏସବୁ ସତ୍ତ୍ୱେ ରାଜଧାନୀ ଆମର ଯାବତୀୟ ସମସ୍ୟା ମଧ୍ୟରେ ବାଟବଣା ହୋଇଯାଉଛି । ଭୁବନେଶ୍ୱରରେ ଅପରାଧ ସଂଖ୍ୟା ବଢ଼ି ଚାଲିଛି । ଯଥେଷ୍ଟ ସଂଖ୍ୟାରେ ପୋଲିସ୍ କର୍ମଚାରୀ ଓ ଅଧିକାରୀ ନଥିଲେ ହେଁ, ଅପରାଧ ହ୍ରାସ ଦିଗରେ ସେମାନେ କିଛିଟା ସଫଳତା ହାସଲ କରିଛନ୍ତି । ଓଡ଼ିଶା ବାହାରୁ ଅପରାଧୀମାନେ ସଂଗଠିତ ହୋଇ ଏଠିକୁ ସୁବିଧାରେ ଆସି ଚୋରୀ ଓ ଡକାୟତି କରି ଖସି ପଳାଉଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନର ଉନ୍ନତି କାମ ଚାଲିଛି । କିନ୍ତୁ ନିର୍ମାଣାଧୀନ ଅବସ୍ଥାରେ ଥିବା ବେଳେ ମଧ୍ୟ ରେଳ ଯାତ୍ରୀଙ୍କ ପାଇଁ ସେପରି କିଛି ସୁବିଧା କରାଯାଇ ପାରୁନାହିଁ । ଷ୍ଟେସନକୁ ଯାଇଥିବା ଅଣ ଓସାରିଆ ରାସ୍ତାଗୁଡ଼ିକୁ ଅଟୋ ଓ ଭଡ଼ାଗାଡ଼ିଗୁଡ଼ିକ ଜବରଦଖଲ କରି ରଖିଛନ୍ତି । ରେଳ ଷ୍ଟେସନର ପ୍ଲାଟଫର୍ମମାନଙ୍କରେ ପରିଚ୍ଛନ୍ନତା ଆଉ ନାହିଁ । ସହରର ବଡ଼ ବଡ଼ ରାସ୍ତାଗୁଡ଼ିକରେ ଏତେ ସଂଖ୍ୟାରେ ଗାଡ଼ି ମୋଟର ଭର୍ତ୍ତି ହୋଇ ଯାଉଛି ଯେ ଅଯଥା ଟ୍ରାଫିକ୍ ଭିଡ଼ ପରିଲକ୍ଷିତ ହେଉଛି ଏବଂ ଗନ୍ତବ୍ୟସ୍ଥଳରେ ଯାତ୍ରୀମାନେ ଠିକ୍ ସମୟରେ ଓ ସହଜରେ ପହଞ୍ଚି ପାରନ୍ତି ନାହିଁ । ଫଳରେ ବିମାନ ଯାତ୍ରୀ ବା ବରମୁଣ୍ଡାର ବସ୍ ଯାତ୍ରୀ ବିଳମ୍ବରେ ପହଞ୍ଚିଥା'ନ୍ତି ।

ଭୁବନେଶ୍ୱରର ଏକାମ୍ରର ହାଟ ଓ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗାଡ଼ି ପାର୍କିଂ କରିବା ଏକ ମୁସ୍କିଲ କାମ । ଭୁବନେଶ୍ୱର ମହାନଗର ନିଗମ କର୍ମଚାରୀମାନେ ପାର୍କିଙ୍ଗ ପାଇଁ ରସିଦ ଦିଅନ୍ତି ନାହିଁ । ଯଦି ରସିଦ ଦିଅନ୍ତି, ତେବେ ଦୁଇଚକିଆ ବା ତିନି ଚକିଆ ଯାନ ରଖୁଥିବା ନୀରିହ ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ମୁଖ୍ୟ ରାସ୍ତାମାନଙ୍କରେ ଏପରି ଟ୍ରାଫିକ ଭିଡ଼ ହୋଇଯାଏ ଯେ ଜନସାଧାରଣ ସହଜରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି ନାହିଁ । ଏପରିକି ଆମ୍ବୁଲାନ୍ସରେ ଜରୁରୀ ଚିକିତ୍ସା ଲାଗି ନିଆଯାଉଥିବା ରୋଗୀକୁ ନେଇ ସାଇରନ ବଜାଇ ବଜାଇ ଗଲେ ମଧ୍ୟ ରାସ୍ତା ମଝିରେ ଆମ୍ବୁଲାନ୍ସ ଅଟକି ଯିବାକୁ ବାଧ୍ୟ ହେଉଛି ।

ତାପମାତ୍ରା ବୃଦ୍ଧି କାରଣରୁ ଜନସାଧାରଣ ରାସ୍ତା କଡ଼ରେ ସହଜରେ ପିଇବା ଲାଗି ପାଣି ଟିକେ ପାଇପାରୁ ନାହାନ୍ତି । ପ୍ରଚଣ୍ଡ ରୌଦ୍ରତାପରେ ରାସ୍ତା କଡ଼ରେ ଆଶ୍ରୟ ନେବାକୁ ପଥଚାରୀଙ୍କୁ ବା ଅପେକ୍ଷାରତ ଯାତ୍ରୀଙ୍କୁ ସ୍ଥାନ ଟିକେ ମିଳେ ନାହିଁ । ପୁଣି ପ୍ରବଳ ବର୍ଷାରେ ରାଜଧାନୀର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରିଥାଏ । ଷ୍ଟ୍ରିଟ୍ ଲାଇଟ୍ ନଥିଲେ ସହଜରେ ଅଭିଯୋଗ କରିହୁଏ ନାହିଁ । ମହା ନଗର ନିଗମର ମେୟର ବା ଅନ୍ୟାନ୍ୟ କର୍ପୋରେଟରମାନେ ନିଜ ନିଜ ୱାର୍ଡ଼ର ଲୋକଙ୍କ ସହିତ ମଝିରେ ମଝିରେ ମିଶି ସମ୍ପର୍କ ସ୍ଥାପନ କରନ୍ତି ନାହିଁ । ରାସ୍ତାମାନଙ୍କରେ ଯେଉଁ ସବୁ ଖାଦ୍ୟଦ୍ରବ୍ୟ ବିକ୍ରି କରାଯାଏ, ସେଗୁଡ଼ିକୁ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କ କର୍ମଚାରୀମାନେ ଯାଞ୍ଚ କରନ୍ତି କି ନାହିଁ କେଜାଣି ?

ରାଜଧାନୀ ସ୍ମାର୍ଟ ସିଟିରେ ଲୋକମାନେ ମଧ୍ୟ ସଚେତନ ହୁଅନ୍ତି ନାହିଁ । ସରକାର ଓ ନଗରବାସୀ ମିଳିତ ଭାବେ କାମ କରିଗଲେ ଅନେକ ସମସ୍ୟାର ସମାଧାନ ହୋଇ ପାରନ୍ତା ।

# ପରିବେଶ ପ୍ରଦୂଷଣର ଭୟାବହତା

## ହିମାଂଶୁ ଶେଖର ଆଚାର୍ଯ୍ୟ

ପରିବେଶ ପ୍ରଦୂଷଣ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଯାହା ଫଳରେ ବିଶ୍ୱ ତାପାୟନ ବୃଦ୍ଧି ସହ ପାଣିପାଗରେ ଅସ୍ୱାଭାବିକ୍ ପରିବର୍ତ୍ତନ ଘଟୁଛି । ଏପରିକି ଋତୁ ଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଚାଲିଛି । ଏଥିପାଇଁ ଶରତ, ହେମନ୍ତ, ବସନ୍ତ ହଜି ଯାଉଛି ଗ୍ରୀଷ୍ମର ପ୍ରକୋପ ଉପରେ । ବର୍ଷକରେ ଆଠ ମାସ ଯାଏଁ ତାତି ଲାଗି ରହୁଛି । ଏପରିକି ଫେବୃୟାରୀ ମାସରୁ ତାତି ଆରମ୍ଭ ହୋଇଯାଉଛି । ଆମେ ଜାଣିଛେ ଯେ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ଜୀବଜଗତର ସ୍ଥିତି ନିର୍ଭର କରୁଛି । ଏକ ଆକଳନ ଅନୁସାରେ ପୃଥିବୀରେ ପ୍ରାୟେ ୪୦୦୦ ନିୟୁତ ହେକ୍ଟର ଜଙ୍ଗଲ ରହିଛି । ଏହା ସମଗ୍ର ଭୂ-ଭାଗର ୩୦ ପ୍ରତିଶତ । ଏଥିରୁ ୬୨୫ ହେକ୍ଟର ବିଷୁବ ମଣ୍ଡଳୀୟ ଜଙ୍ଗଲ, ଯାହା ପୃଥିବୀରେ ବର୍ଷା କରାଇବାରେ ସାହାଯ୍ୟ କରେ । କିନ୍ତୁ ବର୍ତ୍ତମାନ ପ୍ରତି ବର୍ଷ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି । ଏହା ଆଗାମୀ ଦିନରେ ବିଶ୍ୱ ପାଇଁ ବଡ଼ ବିପଦକୁ ଡାକି ଆଣି ପାରେ ।

ନିକଟରେ ବାତ୍ୟା ଦାନାର ପ୍ରଭାବ ଟଳିଯାଇଛି । ତଥାପି ଏହା ଚାଷଜମି ଓ ଘରଦ୍ୱାର ନଷ୍ଟ କରିଦେଇଛି । ଅବଶ୍ୟ ଯାହା ଆଶଙ୍କା କରାଯାଉଥିଲା ଏହା ସେପରି ବିପର୍ଯ୍ୟୟ ସୃଷ୍ଟି କରିନଥିଲା । ହେନ୍ତାଳବନ ଯୋଗୁଁ ଏହାର ପ୍ରକୋପକୁ ପ୍ରତିହତ କରାଯାଇପାରିଛି । ତଥାପି କେଜାଣି କାହିଁକି ଅକ୍ଟୋବର ମାସ ଆସିଲେ ଓଡିଶାରେ ବାତ୍ୟାର ଭୟ ଆସେ । ସତେ ଯେମିତି ଲାଗୁଛି ବାତ୍ୟା ଓଡିଶାର ଚିର ସହଚର ପାଲଟିଛି । ବିଗତ ଦିନର ଘଟଣା ଗୁଡ଼ିକୁ ମନେ ପକାଇଲେ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରି ଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟର ସ୍ମୃତି ଏବେବି ମନରୁ ଲିଭିନି । ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି । ଫଳସ୍ୱରୂପ, ବିଶ୍ୱ ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି, ଉତ୍ପାଦନ ବ୍ୟାହତ ହେଉଛି ଓ ସର୍ବୋପରି ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଚକ୍ରରେ ପରିବର୍ତ୍ତନ ଦେଖାଦେଇଛି । ଛଅ ଋତୁ ଆଜି ସାତ ସପନ । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢ଼ି ବଢ଼ି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । ଘରେ ଗରମ ତ-ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତାର ପ୍ରାସଙ୍ଗିକତା ।

କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମିଯାଇ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅତୀତରେ ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବ । ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ! ସତରେ ଏକଥା ଆମେ କେବେ ବୁଝିବା କେଜାଣି ?

ବିଶ୍ୱ ପରିବେଶ ଏଭଳି ସଙ୍କଟଜନକ ପରିସ୍ଥିତିରେ ଗତି କରୁଥିବା ବେଳେ ଏହି କଥାକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ୧୯୭୨ ମସିହାରେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରି ଆସୁଅଛି । ସେହିପରି ୧୯୭୧ ମସିହାରୁ ମାର୍ଚ୍ଚ ୨୧ତାରିଖକୁ ବିର୍ଷ ଜଙ୍ଗଲ ଦିବସ ରୂପେ ପାଳନ କରାଯାଉଛି । ଏବେ ଏହି ପ୍ଲାଷ୍ଟିକ ପ୍ରଦୂଷଣ ଆମ ଚିନ୍ତାକୁ ବହୁଗୁଣିତ କରିଛି । ଏବେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ବିଶ୍ୱରେ ଆବର୍ଜନାର ପାହାଡ ସୃଷ୍ଟି କରିଛି । ପୃଥିବୀର ସବୁଠାରୁ ଧନଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ହେଉ ବା ଭାରତ ଓ ଚୀନପରି ଜନବହୁଳ ଦେଶ ହେଉ ସବୁଠି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର । ବିଶ୍ୱ ପରିବେଶ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟାବହତା ସହ ପ୍ଲାଷ୍ଟିକ୍ ପ୍ରଦୂଷଣ ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ସାରା ପୃଥିବୀରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି, ଏହାର ପ୍ରତିରୋଧ ପାଇଁ ଆଇନ୍ ପରେ ଆଇନ ତିଆରି ହେଉଛି । ମାତ୍ର ଏଥିରୁ ଆଶାଜନକ ସଫଳତା ମିଳୁନାହିଁ । ସେହିପରି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ ଅଧୀନରେ ଆଉ ଏକ ପରିଷଦ ଅଛି । ଜାତୀୟ ବନୀକରଣ ଓ ପରିବେଶ ବିକାଶ ପରିଷଦ । ମାତ୍ର ଏସବୁ ବ୍ୟବସ୍ଥା ସତ୍ତ୍ୱେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ନୁହେଁ ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେବଳ ଧନଜୀବନ ନୁହେଁ ପଶୁପକ୍ଷୀଙ୍କର ଅବସ୍ଥା ନକହିଲେ ଭଲ । ଏକ ଆକଳନ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ତାପମାତ୍ରା ପ୍ରାୟ ୫ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇପାରେ । ଯାହାର ପ୍ରତିକୂଳ ପ୍ରଭାବ ପୃଥିବୀର ଏକ ଚତୁର୍ଥାଂଶ ଜନସଂଖ୍ୟା ଉପରେ ପଡିବାର ସମ୍ଭାବନା ରହିଛି ।

ପରିବେଶ ପ୍ରଦୂଷଣର ନିରାକରଣ ପାଇଁ ବ୍ୟାପକ ଭାବରେ ବୃକ୍ଷରୋପଣ, ସାମାଜିକ ବନୀକରଣ, ନୂତନ ଜଙ୍ଗଲ ସୃଷ୍ଟି ଉପରେ ଅଗ୍ରାଧିକାର ଦେବାକୁ ହେବ । ପରିବେଶ ସୁରକ୍ଷା ପାଇଁ ବିଶ୍ୱ ସ୍ତରରେ ଯେଉଁ ପ୍ରଚେଷ୍ଟା ଆରମ୍ଭ ହୋଇଛି ତାହା କେବଳ କୌଣସି ସଂଗଠନ ବା ପ୍ରତିଷ୍ଠାନ ଜରିଆରେ ସଂପୂର୍ଣ୍ଣ ସଫଳ ହେବା ଅସମ୍ଭବ । ବ୍ୟକ୍ତିର ସଚେତନତା ହିଁ ଏହାର ସଫଳତାର ଅସଲ ଚାବିକାଠି । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ ।

**ସଭାପତି, ସାରସ୍ୱତ ପରିଷଦ,**
**ଜଗତସିଂହପୁର**
**ମୋ-୯୯୩୭୧୫୧୦୫୨**

# ଜୀବନ ତତ୍ତ୍ୱରେ ଶ୍ରୀ ରାଧାରାଣୀଙ୍କ ଅଷ୍ଟସଖୀ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବୈଷ୍ଣବ ଶାସ୍ତ୍ରମାନଙ୍କ ଅଧ୍ୟୟନରୁ ଜଣାଯାଏ ଯେ ଯେତେବେଳେ ଗୋଲୋକ ବିହାରୀ ଭଗବାନ ବିଷ୍ଣୁ କୃଷ୍ଣାବତାର ଗ୍ରହଣକଲେ ତାଙ୍କ ସହ ଗୋଲୋକରୁ ସମସ୍ତ ଗୋପୀମାନେ ମଧ୍ୟ ତାଙ୍କର ଲୀଳା ସଙ୍ଗିନୀ ଭାବେ ଧରାବତରଣ କରିଥିଲେ । ଗୋପପୁରୀରେ ଏହିମାନେ ହିଁ ହେଲେ ରାସରସିକ ଶ୍ରୀକୃଷ୍ଣଙ୍କ ରାସ ସଙ୍ଗିନୀ ରାସ ରସିକା ବ୍ରଜ ଗୋପୀ । ଏଣୁ ଶ୍ରୀମଦ୍ ଭାଗବତ କହିଲେ:- ଷୋଳ ସହସ୍ର ଗୋପ ନାରୀ / ମୋତେ ବରିଲେ ତପ କରି । ଶ୍ରୀକୃଷ୍ଣଙ୍କ ଲୀଳା ସଙ୍ଗିନୀ ଗୋପୀମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ଗୋଟିଏ ପାଖରେ ଶ୍ରୀରାଧା ଓ ଅନ୍ୟ ପଟେ ଚନ୍ଦ୍ରାବଳୀ । ଦୁହେଁ କୃଷ୍ଣଙ୍କୁ ମନ ପ୍ରାଣ ଦେଇ ଭଲପାଉଥିଲେ ମଧ୍ୟ ରସରାଜ ଶ୍ରୀକୃଷ୍ଣ ସେମାନଙ୍କୁ ପରସ୍ପର ବିରୋଧରେ ଲଗାଇ ଆନନ୍ଦ ପାଉଥିଲେ । ଅନ୍ୟ ସମସ୍ତ ଗୋପୀମାନେ ଥିଲେ ଶ୍ରୀରାଧାଙ୍କ ପ୍ରିୟ ସହଚରୀ ଓ ରାଧା କୃଷ୍ଣଙ୍କ ସହାୟିକା ସଖୀ ।

ରାଧାରାଣୀଙ୍କ ସଖୀଗଣଙ୍କୁ ପାଞ୍ଚ ଶ୍ରେଣୀରେ ବିଭକ୍ତ କରାଯାଏ, ଯଥା ନିତ୍ୟସଖୀ, ପ୍ରାଣସଖୀ, ପ୍ରିୟସଖୀ, ପରମା ଓ ଶ୍ରେଷ୍ଠାସଖୀ । କୁସୁମିତା, ଧନିଷ୍ଠା, ବିନ୍ଧ୍ୟା କୁନ୍ଦଲତା, କସ୍ତୁରୀ, ମଣିମଞ୍ଜରୀ ଆଦି ସଖୀ ଶ୍ରେଣୀ ହେଉଛନ୍ତି ଶ୍ରୀରାଧାଙ୍କ ନିତ୍ୟ ସଖୀ । ଷଷ୍ଠୀ ମଞ୍ଜରୀ, ବସନ୍ତ ଲତିକା, ଲାସିକା ଆଦି ସଖୀମାନେ ରାଧାଙ୍କ ପ୍ରାଣସଖୀ । ସୁମେଧା, ମହାମେଧା, ମଦନାଳଶା ଆଦି ସଖୀମାନେ ପ୍ରିୟସଖି ଶ୍ରେଣୀର । ଏହିପରି ରାଧା ରାଣୀଙ୍କ ଅସଂଖ୍ୟ ସଖୀଙ୍କ ମଧ୍ୟରେ ଆଠଜଣ ଥିଲେ ମୁଖ୍ୟ ସଖୀ ଯେଉଁମାନଙ୍କୁ ପରମ ଶ୍ରେଷ୍ଠ ସଖୀ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ । ଏହି ପ୍ରିୟ ସଖୀମାନେ ହେଲେ ଲଳିତା, ବିଶାଖା, ଚିତ୍ରା, ଇନ୍ଦୁରେଖା, ଚମ୍ପକଲତା, ରଙ୍ଗଦେବୀ, ତୁଙ୍ଗବିଦ୍ୟା ଓ ସୁଦେବୀ । ଏହି ସଖୀମାନେ ଶ୍ରୀରାଧା ରାଣୀଙ୍କ ଅଷ୍ଟ ସଖୀ ନାମରେ ମଧ୍ୟ ପ୍ରସିଦ୍ଧ । ସେହି ଅଷ୍ଟ ସଖୀଙ୍କ ବିଷୟରେ କିଛି କଥା ଆସନ୍ତୁ ଜାଣିବା ।

୧. ଲଳିତା :- ଲଳିତାସଖୀ ଅନୁରାଧା ନାମରେ ମଧ୍ୟ ପରିଚିତ ହୁଅନ୍ତି । ଲଳିତାଙ୍କ ଶରୀରର ରଙ୍ଗ ଉଜ୍ଜ୍ୱଳ ଗୋରଚନା ସଦୃଶ ପୀତ ବର୍ଣ୍ଣ । ତାଙ୍କ ବସ୍ତ୍ରର ରଙ୍ଗ ମୟୂରରଙ୍ଗର ଅତି ରମଣୀୟ । ତାଙ୍କ ପିତାଙ୍କ ନାମ ବିଶୋକ ଓ ମାଆଙ୍କ ନାମ ଶାରଦୀ । ରାଧାଙ୍କଠାରୁ ସେ ବୟସରେ ସପ୍ତବିଂଶ ଦିନ ବଡ଼ । ତାଙ୍କ ପତିଙ୍କ ନାମ ଭୈରବ । ଶ୍ରୀରାଧା କୃଷ୍ଣଙ୍କ ପାଇଁ ସେ ତାମ୍ବୁଳ ଓ କର୍ପୁର ସେବା ଯୋଗାଇ ଥାଆନ୍ତି । ବୃନ୍ଦାବନରେ ତାଙ୍କ କୁଞ୍ଜ ଲଳିତା ଆନନ୍ଦ କୁଞ୍ଜ ଭାବେ ପରିଚିତ । ଲଳିତାଙ୍କ ସହଯୋଗିନୀ ଭାବେ ଅଛନ୍ତି, ରତ୍ନପ୍ରଭା, ରତିକେଳି, ସୁଭଦ୍ରା, ଭଦ୍ରରେଖିକା, ସୁମୁଖି, ଧନିଷ୍ଠା କଳହଂସୀ ଓ କଳାପିନି ପ୍ରଭୃତି ସଖିମାନେ । ତାଙ୍କ ଜନ୍ମ ଦିବସ ଲଳିତାସପ୍ତମୀ ଭାବେ ପାଳିତ ହୋଇ ଥାଏ, ଯାହା, ରାଧାଷ୍ଟମୀର ଗୋଟିଏ ଦିନ ଆଗରୁ ପଡ଼ିଥାଏ । ୨.ବିଶାଖା :- ସଖୀ ବିଶାଖାଙ୍କ ଦେହର ବର୍ଣ୍ଣ ପୀତ ଲୋହିତ ମିଶା ନବନୀତ ରଙ୍ଗ । ତାଙ୍କ ବସ୍ତ୍ର ତାରକା ଖଚିତ ଶାଢୀ ଓ ଘାଗରା । ସେ ରାଧାରାଣୀଙ୍କ ଶାଶୁ ଜଟିଳାଙ୍କ ଝିଆରି । ବିଶାଖାଙ୍କ ପିତାଙ୍କ ନାମ ପବନ ଓ ମାଆଙ୍କ ନାମ ସୁଦକ୍ଷିଣା । ବହ୍ନିକଗୋପ ତାଙ୍କର ସ୍ୱାମୀ । ସେ ରାଧାଙ୍କ ଜନ୍ମ ସମୟରେ ଜନ୍ମ ହୋଇ ଥିବାରୁ ଦୁହେଁ ଏକା ବୟସର । ଗହଣା ଓ ବସ୍ତ୍ରରେ ଶୃଙ୍ଗାର କରିବା ତାଙ୍କର ରାଧାକୃଷ୍ଣଙ୍କ ପାଇଁ ସେବା । ତାଙ୍କ କୁଞ୍ଜ ବୃନ୍ଦାବନରେ ବିଶାଖାନନ୍ଦ କୁଞ୍ଜ ଭାବେ ଜଣା । ବିଶାଖା ସଖୀଙ୍କ ସହଚରୀମାନେ ହେଲେ ମାଧବୀ, ମାଳତୀ, ଚନ୍ଦ୍ରଲେଖା, ଶୁଭାନନା, ଚପଳା, କୁଞ୍ଜରୀ, ହରିଣୀ, ସୁରଭି ଆଦି ସଖୀ ସମୁଦାୟ । ୩. ଚିତ୍ରା:- ସଖୀ ଚିତ୍ରାଙ୍କ ଶରୀର ବର୍ଣ୍ଣ ଗେରୁ । ତାଙ୍କ ପରିଧାନ ସ୍ୱଚ୍ଛ ସ୍ଫଟିକ ବର୍ଣ୍ଣର ବସ୍ତ୍ର । ତାଙ୍କ ମାତାଙ୍କ ନାମ ଚର୍ବିକ । ପିତାଙ୍କ ନାମ ଚତୁର । ସେ ରାଧାଙ୍କ ପିତା ବୃଷଭାନୁଙ୍କ ଭଣଜା । ଚିତ୍ରାଙ୍କ ସ୍ୱାମୀଙ୍କ ନାମ ପିଥରା । ଶ୍ରୀରାଧାଙ୍କ ଠାରୁ ଚିତ୍ରା ବୟସରେ ଛବିଶ ଦିନ ସାନ । ରାଧା କୃଷ୍ଣଙ୍କୁ ସେ ଲବଙ୍ଗ ସେବା କରି ଥାନ୍ତି । ବୃନ୍ଦାବନରେ ଚିତ୍ରାଙ୍କ କୁଞ୍ଜ ଚିତ୍ରାନନ୍ଦ କୁଞ୍ଜ ନାମରେ ପରିଚିତ । ଚିତ୍ରାଙ୍କ ପାଖରେ ରସାଳିକା, ତିଳକିନି, ସୌରସେନି, ସୁଗନ୍ଧିକା, କାମ ନାଗରୀ, ନାଗରୀ, ନାଗ ବେଳିକା ଆଦି ସଖୀମାନେ ତାଙ୍କ ସହଚରୀ ଭାବେ ରହିଛନ୍ତି । ୪. ଇନ୍ଦୁରେଖା :- ତାଙ୍କ ଦେହର ରଙ୍ଗ ଡାଳିମ୍ବ ପୁଷ୍ପ ପରି ନୀଳାଭ ପୀତ ଓ ବସ୍ତ୍ରର ରଙ୍ଗ ମଧ୍ୟ ସେପରି । ତାଙ୍କ ପିତାମାତାଙ୍କ ନାମ ସାଗର ଓ ବେଳା । ତାଙ୍କ ସ୍ୱାମୀଙ୍କ ନାମ ଦୁର୍ବାଳ । ସେ ବୟସରେ ଶ୍ରୀରାଧାଙ୍କ ଠାରୁ ତିନିଦିନ ସାନ । ତାଙ୍କ ସେବା, ରାଧା କୃଷ୍ଣଙ୍କୁ ମଧୁ ପାନ କରାଇବା । ବୃନ୍ଦାବନରେ ଇନ୍ଦୁରେଖାଙ୍କ କୁଞ୍ଜ ପୂର୍ଣ୍ଣେନ୍ଦ୍ରକୁଞ୍ଜ ଭାବେ ଖ୍ୟାତ । ତାଙ୍କ ସହଚରୀ ମାନେ ହେଲେ, ତୁଙ୍ଗଭଦ୍ରା, ରସତୁଙ୍ଗା, ଚିତ୍ରଲେଖା, ସୁମଙ୍ଗଳା, ରଙ୍ଗବତୀ, ଚିତ୍ରାଙ୍ଗୀ, ମଦନାଳସା ଓ ମଦାନି । ୫. ଚମ୍ପକଲତା :- ସେ ଚମ୍ପକ ବର୍ଣ୍ଣ । ତେଣୁ ତାଙ୍କ ନାମ ହୋଇଛି ଚମ୍ପକଲତା । ସାରସ ପକ୍ଷୀ ସଦୃଶ ତାଙ୍କ ବସ୍ତ୍ରର ରଙ୍ଗ । ତାଙ୍କ ସ୍ୱାମୀଙ୍କ ନାମ ଚଣ୍ଡାକ୍ଷ । ସେ ରାଧାରାଣୀଙ୍କ ଠାରୁ ଦିନେମାତ୍ର ଛୋଟ । ତାଙ୍କ ପିତା ମାତା ହେଲେ ଅରାମ ଓ ବାଟିକା । ଅଳଙ୍କାର ଶୃଙ୍ଗାର ତାଙ୍କର ସେବା । ବୃନ୍ଦାବନରେ ଚମ୍ପକଲତା କୁଞ୍ଜ କାମଲତାକୁଞ୍ଜ ଭାବେ ପରିଚିତ । ତାଙ୍କ ପ୍ରିୟ ସଖୀଗଣ ହେଲେ, କୁରଙ୍ଗାକ୍ଷୀ, ମଞ୍ଜଳି, ସୁଚରିତା, ମଣିକୁଣ୍ଡଳା, ଚନ୍ଦ୍ରିକା, ଚନ୍ଦ୍ର ଲତିକା, କନ୍ଦୁକାକ୍ଷୀ ଓ ସୁମନ୍ଦିରା । ୬. ରଙ୍ଗଦେବୀ :- ପଦ୍ମଫୁଲ ପରି ତାଙ୍କର ଦେହର ରଙ୍ଗ । ସେ ପଦ୍ମିନୀ, ପଦ୍ମଗନ୍ଧା । ତାଙ୍କ ବେଷ ଭୂଷା ଜବା କୁସୁମ ପରି । ତାଙ୍କ ମାଆଙ୍କ ନାମ କରୁଣା ଓ ପିତାଙ୍କ ନାମ ରଙ୍ଗାସର । ବୟସରେ ରାଧାରାଣୀଙ୍କ ଠାରୁ ସେ ସପ୍ତଦଶଦିନ କନିଷ୍ଠ । ସେ ରାଧା କୃଷ୍ଣଙ୍କୁ ଚନ୍ଦନ ଶୃଙ୍ଗାର କରିଥାନ୍ତି । ବକ୍ରକ୍ଷଣ ତାଙ୍କ ପତିଙ୍କ ନାମ । ବୃନ୍ଦାବନରେ ତାଙ୍କ କୁଞ୍ଜ, ରଙ୍ଗଦେବୀ କୁଞ୍ଜ ନାମରେ ଖ୍ୟାତ । ରଙ୍ଗଦେବୀଙ୍କ ସଖୀଗଣ ହେଲେ କଳକଣ୍ଠି, ଶଶିକଳା, କନ୍ଦର୍ପା ସୁନ୍ଦରୀ, କାମଲତିକା, କମଳା, ମଧୁରା, ଇନ୍ଦିରା ଓ ପ୍ରେମମଞ୍ଜରୀ । ୭. ତୁଙ୍ଗବିଦ୍ୟା :- ସେ କୁଙ୍କୁମ ବର୍ଣ୍ଣ । ତାଙ୍କ ଦେହର ରଙ୍ଗ କୁଙ୍କୁମ, କର୍ପୁର ଓ ଚନ୍ଦନ ମିଶ୍ରିତ । ସେ ପୀତ ବସନା । ତାଙ୍କ ମାତାଙ୍କ ନାମ ମେଧା ଏବଂ ପିତାଙ୍କ ନାମ ପୌଷ୍କର । ସେ ଶ୍ରୀରାଧା ରାଣୀଙ୍କ ଠାରୁ ପାଞ୍ଚ ଦିନ କନିଷ୍ଠା । ବୃନ୍ଦାବନରେ ତାଙ୍କ କୁଞ୍ଜ ତୁଙ୍ଗବିଦ୍ୟା କୁଞ୍ଜ ବୋଲି ପ୍ରସିଦ୍ଧ । ତାଙ୍କ ପତିଙ୍କ ନାମ ବାଲୀଶ । ତାଙ୍କ ସଖୀମାନେ ହେଲେ, ମଞ୍ଜୁମେଧା, ସୁମଧୁରା, ସୁମେଧା, ମଧୁରେଖା, ତନୁମଧ୍ୟା, ମଧୁଛନ୍ଦା, ଗୁଣଚୂଡ଼ା ଓ ବରାଙ୍ଗଦା । ୮. ସୁଦେବୀ :- ସୁଦେବୀ ରଙ୍ଗ ଦେବୀଙ୍କ ଯାଆଁଳା ଭଉଣୀ । ତାଙ୍କର ବର୍ଣ୍ଣ ଓ ପରିଧାନ ରଙ୍ଗଦେବୀଙ୍କ ପରି । ତାଙ୍କ ପତି, ରଙ୍ଗଦେବୀଙ୍କ ପତି ବକ୍ରକ୍ଷଣଙ୍କ କନିଷ୍ଠ ଭାଇ । ତାଙ୍କ କୁଞ୍ଜର ନାମ ସୁଦେବୀ କୁଞ୍ଜ । ତାଙ୍କର ସଖୀମାନେ ହେଲେ, କାବେରୀ, ସୁକେଶୀ, ଚାରୁକେଶୀ, ହାରହୀରା, ମହାହୀରା, ମନୋହରା, ହାରକାନ୍ତି । ଏ ସମସ୍ତ ସଖୀମାନେ ଥିଲେ ଗୋଲୋକ ବାସିନୀ କୃଷ୍ଣପ୍ରେୟସୀ ଗୋପୀ । ଭଗବାନଙ୍କ ଧରାବତରଣ ସହ ଏମାନେ ମଧ୍ୟ ଧରାବତରଣ କରିଥିଲେ । ଏଣୁ ହରିପ୍ରେମୋନ୍ମତ୍ତ ବୈଷ୍ଣବ ମାନେ ଗାଇଥାନ୍ତି :- ଜୟ ଜୟ ଅଷ୍ଟ ସଖି ଜୟ ରାଧା ହରି / ଜୟ ମାଧବ ମୁକୁନ୍ଦ ଗୋବର୍ଦ୍ଧନ ଧାରୀ ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋ: ୯୯୩୮୯୦୬୦୭୦**

# ଓଡ଼ିଶାର ପ୍ରସିଦ୍ଧ ପାନୀୟ ପଣା

## ବୈଷ୍ଣବ ଚରଣ ଦାଶ

ପ୍ରପାନକ ଶବ୍ଦରୁ ପଣାର ସୃଷ୍ଟି । ଅତୀତରେ ଖରାଦିନେ ଘରକୁ ଅତିଥି ଆସିଲେ ମା', ଆଈ ବା ଜେଜେମା' ବାଢ଼ି ଦେଉଥିଲେ ଖାଣ୍ଟି ଓଡ଼ିଆ 'ସର୍ବତ' ବା 'ପଣା' । କେବେ ଲେମ୍ବୁ ମିଶ୍ରି ପଣା ତ କେବେ ପୁଣି ବେଲପଣା । ପର୍ବପର୍ବାଣି ଦିନରେ ଦହି ଗୁଡ଼ ପଣା ଏବଂ ନଡ଼ିଆ, କଦଳୀ ଆଦି ବିଭିନ୍ନ ଫଳ ସହ ଚିନି ଓ ଗୋଲମରିଚ ଗୁଣ୍ଡ ପଡ଼ି ପ୍ରସ୍ତୁତ ଖାଣ୍ଟି ଘରୋଇ ପଣା ଓଡ଼ିଆଙ୍କ ଖାଦ୍ୟ ପରମ୍ପରାର ନିଆରା ନିଦର୍ଶନ ।

ଏବେ ସମୟ ବଦଳିଗଲା ଓ ଅତିଥି ଅଭ୍ୟର୍ଥନା ପାଇଁ ଉଭା ହେଲା ଶସ୍ତା, ସୁନ୍ଦର ଓ ସୁସ୍ୱାଦୁ ମୃଦୁପାନୀୟ । ଏହା ଆମ ସମୟ ବଞ୍ଚାଇଲା ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଲା । ଏବେ ସ୍ୱାସ୍ଥ୍ୟ ସଚେତନ ଯୁଗରେ ଲୋକେ ପୁରୁଣା କଥାକୁ ଫେରୁଥିବା ବେଳେ ସବୁଆଡ଼େ ପାରମ୍ପରିକ ପାନୀୟର ଚାହିଦା ବଢ଼ିଛି । ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ 'ପଣା' ଭୋଗ ଅନ୍ୟତମ । ପଣା ଭୋଗ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମେତ ବିଶେଷ ପର୍ବମାନଙ୍କରେ ମଧ୍ୟ ଲାଗି ହୋଇଥାଏ । ସାଧାରଣତଃ ଶ୍ରୀମନ୍ଦିର ଭୋଗ ପରମ୍ପରା ମଧ୍ୟରେ ତିନିପ୍ରକାର ପଣା ଭୋଗ ହୋଇଥାଏ । ତାହା ହେଲା ଦୈନନ୍ଦିନର ପଣା, ଅଣସର ପଣା ଓ ଅଧରପଣା । ଏହା ଛଡା ମହାପ୍ରଭୁଙ୍କ ପାଖରେ ଟଙ୍କ ତୋରାଣି ମଧ୍ୟ ଏକ ପ୍ରକାର ପଣା । ତେବେ ରଥ ଉପରେ ଅନୁଷ୍ଠିତ ଅଧରପଣା ହେଉଛି ସର୍ବବୃହତ ପଣା ଭୋଗ । ଦୁଗ୍ଧ, ଜଳ, ସର, ଛେନା, କର୍ପୂର, ନବାତ, ଗୋଲମରିଚ, ଅଳେଇଚ ଓ ପାଚିଲାକଦଳୀ ଇତ୍ୟାଦି ସାମଗ୍ରୀରେ ଅଧରପଣା ପ୍ରସ୍ତୁତ ହୋଇଥାଏ । ଦୁଇଗୋଟି ମଠ ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅଧର ପଣା ନିମନ୍ତେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଏ । ପୂଜା ପରେ ସେହି ପଣା ଅଶରୀରୀ ମାନଙ୍କ ଉଦ୍ଦେଶ୍ୟରେ ବିତରଣ କରାଯାଇଥାଏ । ପଣା ହାଣ୍ଡିକୁ ରଥ ଉପରେ ଭାଙ୍ଗିଦିଆ ଯାଏ । ମହାପ୍ରଭୁ ମାନେ ରତ୍ନ ସିଂହାସନ, ଅଣସର ପିଣ୍ଡି, ଆଡପ ମଣ୍ଡପ, ସ୍ନାନ ମଣ୍ଡପ ଓ ପହଣ୍ଡି ବିଜେ ସମୟରେ ବିରାଜମାନ କରୁଥିବା ବେଳେ ମଧ୍ୟ ପଣା ଭୋଗ ହେବାର ବିଧି ରହିଛି । ସେହିପରି ଚୈତ୍ର ସଂକ୍ରାନ୍ତିରୁ ବୈଶାଖ ସଂକ୍ରାନ୍ତି ଯାଏଁ ପଣାର ଗୁରୁତ୍ୱ ରହିଆସିଛି । ଓଡ଼ିଶାରେ ପଣା ସଂକ୍ରାନ୍ତିରୁ ଗଛ ଉପରେ ଠେକିଟିଏ ବାନ୍ଧି ସେଥିରେ ଛୋଟ ଛିଦ୍ର କରାଯାଇ ପଣା ଭର୍ତ୍ତି କରାଯାଏ । ପଣାର ସଂସ୍କୃତ ନାମ ହେଉଛି 'ପ୍ରପାନକ' । ଏହି ନାମ ଅପଭ୍ରଂଶ ହୋଇ ପରେ ଓଡ଼ିଆମାନଙ୍କ ପାଖରେ 'ପଣା' ନାମରେ ପରିଚିତ ହୋଇଛି । ଗ୍ରୀଷ୍ମ ଉତ୍ତାପ ବଢୁଥିବାରୁ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ 'ପଣାପାନ' ହେଉଛି ଏକ ବୈଜ୍ଞାନିକ ଚିନ୍ତନ, ଯାହାକୁ ସାଂସ୍କୃତିକ ଜୀବନ ଭିତରେ ମିଶାଇ ଦିଆଯାଇଛି । ବିଶ୍ୱାସ କରାଯାଏ, ୮ମ ଓ ୯ମ ଶତାବ୍ଦୀ ଆଡ଼କୁ ବୌଦ୍ଧ ଧର୍ମର ବିଲୋପ ହୋଇ 'ଦେବୀ ଉପାସନା' ଜନଜୀବନକୁ ପ୍ରବେଶ କରିଥିଲା । ସେ ସମୟରେ ପ୍ରଥମେ 'ପଣା' ପ୍ରଚଳନ ହୋଇଥିଲା । ସେତେବେଳେ ରାଜାରାଜୁଡ଼ାମାନେ ଇଷ୍ଟଦେବୀ ମାନଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରୁଥିଲେ । ଏବେ ମଧ୍ୟ ଗାଆଁରେ ଠାକୁରାଣୀଙ୍କୁ ପଣା ଅର୍ପଣର ବିଧି ରହିଛି । ବିଶେଷ କରି ଚୈତ୍ର ମଙ୍ଗଳବାରରେ ପଣା ପୂଜା ଆମ ସଂସ୍କୃତିରେ ରହି ଆସିଛି । ଓଡ଼ିଶାରେ 'ଭୌମ' ରାଜବଂଶ'ଠାରୁ ପଣା ସଂସ୍କୃତି ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ ।

ମୂଳତଃ ଆମ ଓଡ଼ିଶାରେ ଅନେକ ପ୍ରକାର ପଣା ଦେଖିବାକୁ ମିଳେ । ବେଲ ପଣା, ମିଶ୍ରି ପଣା, ଆମ୍ବପଣା, ଦହି ପଣା, ଶାଗୁ ପଣା, ନବାତ ପଣା, ଆଖୁ ପଣା ଇତ୍ୟାଦି । ପଣା ପାଇଁ ଅଦା, ଗୋଲମରିଚ, ଚିନି, ଗୁଡ, କଦଳୀ, କ୍ଷୀର, ଛେନା, ନଡ଼ିଆ, ଦହି ଆଦିର ଆବଶ୍ୟକ ଥାଏ । ଏହି ଦ୍ରବ୍ୟ ଗୁଡିକ ମାନବ ଶରୀରରେ ଅନେକ ଉପକାର ସାଧିତ କରନ୍ତି । ଅଦା, ଗୋଲମରିଚ ଆଦି ହଜମ ଶକ୍ତିକୁ ବୃଦ୍ଧି କରିବା ସହ ଗ୍ୟାସରୁ ରକ୍ଷା କରିଥାଏ । ସେହିପରି କଦଳୀ, କ୍ଷୀର, ଛେନା ଶରୀରକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ । ବେଲ ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ବିଶେଷ କରି ଖରାଦିନେ ଜଳୀୟାଂଶ ହ୍ରାସ ପାଉଥିବାରୁ ପଣାର ଆବଶ୍ୟକ ରହିଛି । ଏହା କେବଳ ଜଳୀୟ ଅଂଶ ବୃଦ୍ଧି ଯେ କରେ ତାହା ନୁହେଁ ବରଂ ଶରୀରକୁ ସତେଜ ରଖିବାରେ ସହାୟକ ହୁଏ ।

ପଣା କେବଳ ଏକ ସୁସ୍ୱାଦୁ ପାନୀୟ ନୁହେଁ ବରଂ ଏହା ଆମ ସଂସ୍କୃତିର ଏକ ପରିଚୟ । ଔଷଧୀୟ ଗୁଣଯୁକ୍ତ ଏହି ପାନୀୟ ଆମ ଶରୀର ପାଇଁ ଯେତିକି ଉପକାରୀ, ସେତିକି ମଧୁର ସମ୍ପର୍କର ବାହକ । ବିଭିନ୍ନ ପର୍ବ ପର୍ବାଣୀରେ ନାନା ପ୍ରକାର ପିଠା ସହିତ ପଣା ପ୍ରସ୍ତୁତ କରି ପୂଜା କରାଯାଉଛି । ଆଜିର ଏହି ଫେସନ୍ ଦୁନିଆରେ ମଧ୍ୟ ଓଡ଼ିଆ ଘରର ପଣା ତାର ମହତ୍ତ୍ୱ ବଜାୟ ରଖିଛି ।

**ବୀରଧନଞ୍ଜୟ ପୁର, ବୁଗୁଡ଼ା, ଗଞ୍ଜାମ**
**ମୋ: ୯୭୭୬୫୩୪୯୩୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁଇ...

ଯାଆ ପ୍ରିୟଦର୍ଶନୀ ଓ ୯ ବର୍ଷ ର ପୁତୁରା ଗତ ୧୯ତାରିଖରେ ବାଲେଶ୍ୱରର ଈଶାଣି ଗ୍ରାମରୁ ଶ୍ରୀ ନଗର ଟ୍ରେନ ଯୋଗେ ଯାଇଥିଲେ । ପ୍ରଶାନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବାବେଳେ ତାଙ୍କ ପତ୍ନୀ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ମଧ୍ୟ ଭୟରେ କେହି ସାହାଯ୍ୟ କରିବାକୁ ଆସି ନଥିଲେ। ପ୍ରାୟ ଦୁଇ ଘଣ୍ଟାପରେ ସେନା ବାହିନୀର ଯବାନ ମାନେ ପହଞ୍ଚି ମୃତାହତମାନଙ୍କୁ ଶ୍ରୀ ନଗର ସେନା ବାହିନୀର ହସ୍ପିଟାଲକୁ ହେଲିକେପଟରରେ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ମୃତ ପ୍ରଶାନ୍ତ ଶତପଥି ହେଉଛନ୍ତି ଜନତା ଦଳର ନେତା ସ୍ୱର୍ଗତଃ ମୃତ୍ୟୁଞ୍ଜୟ ଶତପଥିଙ୍କ ମଧ୍ୟମ ପୁତ୍ର । ପ୍ରଶାନ୍ତ ନିଜ ପତ୍ନୀ ପ୍ରିୟଦର୍ଶନୀ ଶତପଥୀ ଓ ୮ ବର୍ଷର ପୁଅକୁ ଧରି ପହଲଗାମ୍‌କୁ ଯାଇଥିଲେ ।

ପହଲଗାମ ଏକ ହିଲ୍ ଷ୍ଟେସନ ହୋଇଥିବାରୁ ଏଠାରେ ଖରାଦିନେ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ । ଏହାକୁ ମିନି ସୁଇଜରଲ୍ୟାଣ୍ଡ ବୋଲି କୁହାଯାଇଥାଏ । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପହଲଗାମର ବାଇଶରଣରେ ପର୍ଯ୍ୟଟକମାନେ ବୁଲୁଥିଲେ । ଦୁଇରୁ ତିନି ଆତଙ୍କବାଦୀଙ୍କୁ ସେଠାରେ ଦେଖିବାକୁ ମିଳିଥିଲା । ପ୍ରାୟ ମଧ୍ୟାହ୍ନ ୨.୩୦ ମିନିଟ୍‌ରେ ହଠାତ ସେମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ରିପୋର୍ଟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୮ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଅବସ୍ଥା ଗୁରୁତର ଥିଲା । ସେଠାରେ ଯାତାୟାତର ସୁବିଧା ନଥିବାରୁ ପର୍ଯ୍ୟଟକମାନେ ଘୋଡ଼ାରେ ଯିବାଆସିବା କରୁଥିଲେ । ଘଟଣା ପରେ ତୁରନ୍ତ ପୋଲିସ, ସେନା ଓ ପାରା ମିଲିଟାରୀ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେମାନେ ଯେଉଁ ତିନି ଆତଙ୍କବାଦୀ ଆକ୍ରମଣ କରିଛନ୍ତି, ସେମାନଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି । ପତ୍ନୀ ସମ୍ମୁଖରେ ସ୍ୱାମୀ ପ୍ରାଣ ହରାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଆକ୍ରମଣରେ କର୍ଣ୍ଣାଟକର ଗୋଟିଏ ପରିବାରର ଦୁଇଜଣଙ୍କର ମୃତ୍ୟୁ ହୋଇଛି । ସ୍ୱାମୀ ଓ ପୁଅକୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଥିଲେ । ତାଙ୍କ ପତ୍ନୀ ପଲ୍ଲବୀ କାନ୍ଦିକାନ୍ଦି ଚିତ୍କାର କରି ମୋତେ ମାର ବୋଲି ଆତଙ୍କବାଦୀମାନଙ୍କୁ କହୁଥିଲେ । ମାତ୍ର ସେମାନେ ଘଟଣା ସମ୍ପର୍କରେ ଲୋକଙ୍କୁ ବଖାଣିବାକୁ ଛାଡି ଦିଆଯାଇଛି ବୋଲି କହିଥିଲେ । ପଲ୍ଲବୀଙ୍କୁ ସେଠାରେ ଥିବା ସ୍ଥାନୀୟ ନାଗରିକ ସାହାଯ୍ୟ କରି ଉଦ୍ଧାର କରିଥିଲେ । ଆତଙ୍କବାଦୀମାନେ ୪୦ରୁ ୫୦ ରାଉଣ୍ଡ ଗୁଳି ଚଳାଇଥିଲେ । ଆକ୍ରମଣ ଘଟଣାକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଯାଞ୍ଚ କରୁଛି । ଚଳିତବର୍ଷ ପ୍ରଥମ ଥର ପାଇଁ ପର୍ଯ୍ୟଟକଙ୍କ ଉପରେ ଏହି ଆତଙ୍କୀ ଆକ୍ରମଣ ହୋଇଛି । ଏହାପୂର୍ବରୁ ଗତବର୍ଷ ମେ'ରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ, ଯେଉଁଥିରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା । ଏହାମଧ୍ୟ ପହଲଗାମରେ ହୋଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଯେଉଁ ପରିବାର ନିଜର ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କୁ ସମବେଦନା ଜଣାଇଛନ୍ତି । ଆହତମାନଙ୍କର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି । ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ କରି ତୁରନ୍ତ ସେଠାକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅମିତ ଶାହା ଶ୍ରୀନଗର ଗସ୍ତରେ ଯାଇଛନ୍ତି । ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ ଯେଉଁମାନେ ତାଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି, ତାଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରୁଛି । ଯେଉଁମାନେ ଏଭଳି ଘୃଣ୍ୟ କାର୍ଯ୍ୟ ପଛରେ ଅଛନ୍ତି, ସେମାନଙ୍କୁ ଛଡ଼ାଯିବ ନାହିଁ । ସେମାନଙ୍କର ପୈଶାଚିକ ଏଜେଣ୍ଡାକୁ ସଫଳ ହେବାକୁ ଦିଆଯିବ ନାହିଁ । ଆତଙ୍କବାଦକୁ ବିଲୋପ କରିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ ବୋଲି ସେ କହିଛନ୍ତି । ସେହିଭଳି ପିଡିପି ସଭାନେତ୍ରୀ ମେହମୁବା ମୁଫ୍ତୀ ମଧ୍ୟ ଘଟଣାକୁ ନିନ୍ଦା କରିଛନ୍ତି ।

## ଆକାଶରୁ...

ସର୍ବକାଳୀନ ରେକର୍ଡ । ୧୯୫୩ ପର ଠାରୁ ରେକର୍ଡ ହୋଇଥିବା ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ପୂର୍ବରୁ ୪୬.୧ ଡିଗ୍ରୀ ରହିଥିଲା । ଯାହା ୨୦୧୦ ଏପ୍ରିଲ ୧୯ ରେ ରେକର୍ଡ ହୋଇଥିଲା । ଆଜି(ମଙ୍ଗଳବାର) ଏହି ରେକର୍ଡ ଭାଙ୍ଗି ୪୬.୨ ଡିଗ୍ରୀ ହୋଇଛି । ଝାରସୁଗୁଡ଼ାରେ ସ୍ୱାଭାବିକ ତାପମାତ୍ରା ଠାରୁ ୫ ଡିଗ୍ରୀ ଅଧିକ । ଏହା ପଛକୁ ରହିଛି ହୀରାକୁଦ । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪.୭ ଡିଗ୍ରୀ ଥିବା ବେଳେ ସ୍ୱାଭାବିକଠୁ ୪.୪ ଡିଗ୍ରୀ ଅଧିକ । ସେହିପରି ସମ୍ବଲପୁରରେ ୪୪.୬(୪.୧) ଡିଗ୍ରୀ, ବୌଦ୍ଧରେ ୪୪.୫ ଡିଗ୍ରୀ, ଟିଟିଲାଗଡ଼ରେ ୪୪(୨.୫) ଡିଗ୍ରୀ, ସୁନ୍ଦରଗଡ଼ରେ ୪୩.୮(୧.୫) ଡିଗ୍ରୀ, ବଲାଙ୍ଗୀରରେ ୪୩.୨ଡିଗ୍ରୀ ଓ ଭୁବନେଶ୍ୱରରେ ୩୬.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ପାଣିପାଗ ବିଭାଗର କହିବାନୁସାରେ, ଆସନ୍ତା ୨୬ ତାରିଖ ଯାଏ ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିବ । ଆସନ୍ତାକାଲି(ବୁଧବାର) ଝାରସୁଗୁଡ଼ାକୁ ଗ୍ରୀଷ୍ମ ଲହରୀ ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ୨୪ ତାରିଖ ଯାଏଁ ଝାରସୁଗୁଡ଼ା ରହିବ ସବୁଠାରୁ ଉତ୍ତପ୍ତ । ୨୬ ଯାଏଁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ପଶ୍ଚିମ ଓଡ଼ିଶାକୁ ନିସ୍ତାର ମିଳିବ ନାହିଁ । ଉପକୂଳ ଓଡ଼ିଶାରେ ଗୁଳୁଗୁଳି କଲବଲ କରିବ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତି ଅନୁଭୂତ ହେବ। ୨୬ ତାରିଖ ପର୍ଯ୍ୟନ୍ତ ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି, ସୋନପୁର ଜିଲ୍ଲାକୁ ତାତି ଲାଗି ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାରେ ଭୟଙ୍କର ତାତି ଅନୁଭୂତ ହୋଇପାରେ ।

## ଆଜିଠୁ...

ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ସମୟ ମଧ୍ୟରେ ଅଙ୍ଗନବାଡି ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଉଭୟ ସରକାରୀ ଓ ବେସରକାରୀ କଲେଜ ପିଲାମାନଙ୍କ ପାଇଁ ରାଜ୍ୟ ସରକାର ୨୩ ତାରିଖ ଅର୍ଥାତ ବୁଧବାର ଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି । ତେବେ ଏହି ସମୟରେ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷା ଗୁଡିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ହଷ୍ଟେଲ ପିଲାମାନେ ଚାହିଁଲେ, ଏହି ଛୁଟି ସମୟରେ ହଷ୍ଟେଲରେ ରହିପାରିବେ ।

ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଶକ୍ତି...

ସେହିପରି ୪୧୪ ର୍‍ୟାଙ୍କରେ ଓଡ଼ିଶାର ପଦ୍ମନାଭ ମିଶ୍ର, ୪୧୬ରେ ପ୍ରଶାନ୍ତ ମିଶ୍ର, ୪୨୮ରେ ଧ୍ରୁତିରାଜ ମିଶ୍ର, ୪୪୩ରେ ଅଙ୍କିତା ରଥ, ୫୩୫ରେ କୌଶିକ ମିଶ୍ର, ୫୩୬ରେ ସମରନ ସାହୁ, ୮୪୦ରେ ରସିତା ଦାସ, ୯୭୧ରେ ଗୋପୀନାଥ ସାହୁ, ୯୮୭ରେ ଆଦିତ୍ୟ ବେହେରା ଓ ୯୯୪ରେ ଅନ୍ନପୂର୍ଣ୍ଣା ମିଶ୍ର ଅଛନ୍ତି । ଏହାଛଡ଼ା ଆଇଏଏସ୍ ପରୀକ୍ଷାରେ ପ୍ରୟାଗରାଜର ଶକ୍ତି ଦୁବେ ଟପ୍ପର ହୋଇଥିଲାବେଳେ ତା' ପଛକୁ ହର୍ଷିତ ଗୋଏଲ୍, ଡି. ଅର୍ଚ୍ଚିତ ପରାଗ, ଶାହାମାର୍ଗି ଚୁରାଗ, ଆକାଶ ଗର୍ଗ, କୋମଲ ପୁନିଆ, ଆଉଷୀ ବଂଶଲ, ରାଜକ୍ରିଷ୍ଣା ଝା, ଆଦିତ୍ୟ ବିକ୍ରମ ଅଗ୍ରୱାଲ, ମୟଙ୍କ ତ୍ରିପାଠୀ ଟପ୍ ୧୦ ମଧ୍ୟରେ ସାମିଲ ହୋଇଛନ୍ତି । ସେହିଭଳି ୩୩୫ ଜଣ ସାଧାରଣ ବର୍ଗରୁ ମନୋନୀତ ହୋଇଥିଲାବେଳେ ଆର୍ଥିକ ଦୁର୍ବଳ ଶ୍ରେଣୀରୁ ୧୦୯, ପଛୁଆ ବର୍ଗରୁ ୩୧୮, ଏସ୍‌ସି ବର୍ଗରୁ ୧୬୦ ଓ ଏସ୍‌ଟି ବର୍ଗରୁ ୮୭ ଜଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସେହିଭଳି ଭିନ୍ନକ୍ଷମ ବର୍ଗରେ ୪୫ ଜଣ ମନୋନୀତ ହୋଇଛନ୍ତି । ୨୩୦ ଜଣ ପ୍ରାର୍ଥୀଙ୍କୁ ସଂରକ୍ଷିତ ତାଲିକାରେ ରଖାଯାଇଛି । ୟୁପିଏସ୍‌ସି ପରୀକ୍ଷାରେ ଟପ୍ପର ହୋଇଥିବା ଶକ୍ତି ଦୁବେ ପ୍ରଥମ ଥର ପରୀକ୍ଷା ଦେଇ ଏହା ପାଇବାରେ ସଫଳ ହୋଇଛନ୍ତି ।

## ପିସିଆର୍‌କୁ...

ସେଠାରେ କମିଶନରେଟ୍ ପୁଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଁଏ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ୨ପୁଲିସ କର୍ମଚାରୀଙ୍କ ଶବକୁ ସେମାନଙ୍କ ପୈତୃକ ଗ୍ରାମକୁ ପଠାଯାଇଥିବା ବେଳେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଛି ।

ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ୪ଟା ସମୟରେ ଏହି ବଡ଼ ଅଘଟଣ ଘଟିଥିଲା । ଗତିରାଉତପାଟଣା-ମହାନଦୀ ବନ୍ଧ ରାସ୍ତାରେ ଥିବା କେଶବଧାମ ଗଡା ନିକଟରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏହି ବାଲି ବୋଝେଇ ହାଇଓ୍ୱା ଧକ୍କା ଦେଇଥିଲା । ପୁଲିସ ଭ୍ୟାନକୁ ଉପରେ ବାଲି ବୋଝେଇ ହାଇଓ୍ୱାଟି ସମ୍ପୂର୍ଣ୍ଣ ଚିପିଯାଇଥିଲା । ପିସିଆର ଗାଡିକୁ ଚାପି ଦେଇ ହାଇଓ୍ୱାଟି ଓଲଟି ପଡିଥିଲା । ଫଳରେ ଘଟଣାସ୍ଥଳରେ ୨ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ମୃତ ଓ ଆହତ ପୁଲିସଙ୍କୁ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ । ଏହାପରେ ଗୁରୁତର ପୁଲିସ କର୍ମଚାରୀ ଏକ ଘରୋଇ ହସ୍ପିଟାଲ୍‌କୁ ନିଆଯାଇଥିଲା । ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ ଦୁର୍ଘଟଣାକୁ ଦୁଃଖଦ ଘଟଣା ବୋଲି କହିଛନ୍ତି । ସକାଳେ ପାଟ୍ରୋଲିଂ ବେଳେ ୨ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି । ଜଣେ ଆହତ ଅଛନ୍ତି । ସେମାନେ କାର୍ଯ୍ୟରତ ଥିବା ବେଳେ ସାମ୍ନାରୁ ଏକ ହାଇଓ୍ୱା ଆସି ଧକ୍କା ଦେଇଥିଲା । ସେ ରୋଡ୍ ଏତେ ଭିଡ ନଥିଲା । ହାଇଓ୍ୱା ଡ୍ରାଇଭର କିପରି ଦେଖିପାରିଲା ନାହିଁ ? ସେ ଅନିଦ୍ରା ଥିଲା କି ମଦ୍ୟପାନ କରିଥିଲା, ସେନେଇ ତଦନ୍ତ ଚାଲିବ । ପିସିଆର୍ ଭ୍ୟାନ୍‌କୁ ଗାଡିକୁ କାଟି ମୃତକ ପୁଲିସଙ୍କୁ ସେଥିରୁ ବାହାର କରାଯାଇଥିଲା । ଏହି ଦୁର୍ଘଟଣାକୁ ନେଇ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାସ୍ତା ସଂକୀର୍ଣ୍ଣ ଥିବାରୁ ଏହି ଅଘଟଣ ଘଟିଛି । ହାଇଓ୍ୱା ଡ୍ରାଇଭରଙ୍କୁ ଅଟକ ରଖାଯାଇଛି । ଡ୍ରାଇଭର ମଦ୍ୟପାନ କରିଥିଲେ କି ନାହିଁ ସେନେଇ ଅନୁଧ୍ୟାନ କରାଯାଉଛି । ସେହିପରି ପୁଲିସଙ୍କ ମୃତ୍ୟୁ ପଛରେ କାହାର ଷଡ଼ଯନ୍ତ୍ର ଥିଲା କି ନାହିଁ ତାହାର ତଦନ୍ତ କରାଯାଉଥିବା ବେଳେ ପ୍ରାଥମିକ ତଦନ୍ତରୁ ସେହିପରି କିଛି ନଥିବା ଜଣାପଡ଼ିଛି । ଅନ୍ୟପଟେ ବାଲି ମାଫିଆମାନେ ଜାଣିଶୁଣି ପୁଲିସ ଉପରେ ଏଭଳି ଷଡ଼ଯନ୍ତ୍ର ରଚୁଥିବା ଅଭିଯୋଗ ହୋଇଛି । ଏହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଥିବା ଜଣାପଡ଼ିଛି ।

## ୧ ଲକ୍ଷ...

କ୍ଷେତ୍ରରେ ଚଡ଼କ ସୃଷ୍ଟି କରିଛି । ସୁନା କିଣିବାକୁ ଆଗ୍ରହୀ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏବେ ବଡ଼ ସମସ୍ୟା ସୃଷ୍ଟି ହୋଇଛି । ତେବେ ଅକ୍ଷୟ ତୃତୀୟା ଉପଲକ୍ଷେ ଗ୍ରାହକମାନଙ୍କ ଲାଗି ସୁନା ଦୋକାନୀ କିଛି ଆକର୍ଷଣୀୟ ଉପହାର ମଧ୍ୟ ଆଣୁଛନ୍ତି ।

# ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ

ଭୁବେନଶ୍ୱର (ସବ୍ୟୁ) : ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ୍ ପକ୍ଷରୁ ସାଲେପୁର ଅଞ୍ଚଳର ନୂତନ ୧୩୨/୩୩ କେଭି ବହୁଗ୍ରାମ (ଆତୋଡା) ଗ୍ରୀଡରୁ ୩୩ କେଭି (ସିକେଟି-୨)ଫିଡରକୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଯାଇଛି। ଗ୍ରୀଡର ତିନୋଟି ବେ ବର୍ତ୍ତମାନ କାର୍ଯ୍ୟକ୍ଷମ ହେବା ସହିତ ଏହି ଭିତ୍ତିଭୂମି ବିକାଶବହୁଗ୍ରାମ ପ୍ରାଇମେରୀ ସବଷ୍ଟେସନ୍ ଅଧୀନରେ ୧୦,୦୦୦ ରୁ ଅଧିକ ଉପଭୋକ୍ତା ଉପକୃତ ହେବେ। ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଦ୍ୟୁତ୍‌ଚାହିଦା ପୂରଣ କରିବା ସହ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ । ସେହିପରି ସ୍ଥାନୀୟ ଅଞ୍ଚଳରେ ଉମ ବିଦ୍ୟୁତ୍ ଲୋଡ୍ ପରିଚାଳନାସୁନିଶ୍ଚିତ କରିବା।ଏହି ଭିତ୍ତିଭୂମିର ବିକାଶ ଟିପିସିଓଡିଏଲ୍ ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ବିଦ୍ୟୁତ୍ ବିତରଣ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଏକଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଫିଡରର ସଫଳ କାର୍ଯ୍ୟାନ୍ୱୟନ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ସମାଧାନ କରିବା ସହ ଅଞ୍ଚଳର ଘରୋଇ,ବାଣିଜ୍ୟିକ ଏବଂ କୃଷି ପାଇଁ ନିରନ୍ତର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ।ଟିପିସିଓଡିଏଲ୍ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ କରିବା ସହ ଉପଭୋକ୍ତାଙ୍କ ସନ୍ତୁଷ୍ଟିକୁ ଉନ୍ନତ କରିବା ଏବଂ ଆଞ୍ଚଳିକ ବିକାଶକୁ ଆଗେଇନେବା ପାଇଁ ସ୍ମାର୍ଟ ଏବଂ ସ୍ଥାୟୀ ସମାଧାନ ଦିଗରେ ପ୍ରତିବଦ୍ଧ ରହିଛି।

# ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗୀତାରେ ବାଲେଶ୍ୱରର ନାଟ୍ୟପ୍ରଭା ପ୍ରଶଂସିତ

ବାଲେଶ୍ୱର (ସବ୍ୟୁ) : ନାଟ୍ୟକାର ସୁଶାନ୍ତ କୁମାର ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ମହାମହିମ କୋରାପୁଟ ଜିଲ୍ଲା ଦାମନ ଯୋଡିରେ ଚାଲିଥିବା ରାଜ୍ୟସ୍ତରୀୟ ପଞ୍ଚପଟ ମାଳି ନାଟ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରଣ କରି ଉଚ୍ଚପ୍ରଶଂସିତ ହୋଇଛି । ବାଲେଶ୍ୱର ଜିଲ୍ଲାର ଅଂଶଗ୍ରହଣ କରିଥିବା ନାଟ୍ୟ ଅନୁଷ୍ଠାନ ନାଟ୍ୟ ପ୍ରଭା ତରଫରୁ ମଞ୍ଚସ୍ଥ ହୋଇଥିବା ନାଟକ ମହା ମହିମରେ ମୁଖ୍ୟ କୃଷ୍ଣ ଭୂମିକାରେ ଥିବା ଚନ୍ଦନ ବେହେରା ଓ ଭୀଷ୍ମ ଭୂମିକାରେ ପ୍ରାଣବନ୍ଧୁ ଦାସ, ଭୀମ ଭୂମିକାରେ ଶ୍ୟାମପଦ ଗିରି, ସହଦେବ ଭୂମିକାରେ ଜ୍ୟୋତିପ୍ରକାଶ ବେହେରା, ନକୁଳ ଭୂମିକାରେ ପ୍ରମୋଦ ଦାସ ଓ ଦ୍ରୌପଦୀ ଭୂମିକାରେ ସ୍ୱପ୍ନଶ୍ରୀ ମହାନ୍ତି ଓ ଏଥିରେ ଯୁଧିଷ୍ଠିର ଭୂମିକାରେ ଥିବା ଲକ୍ଷ୍ମୀଧର ରାଉତ, ଅର୍ଜୁନ ଭୂମିକାରେ ଅନୀଲ ମହାକୁଡ ଏହି ନାଟକର ଯିଏକି ହାସ୍ୟ ଚରିତ୍ର ବା ମୁଖ୍ୟ ମହାଭାରତ ଉପରେ ରଚିତ ନାଟକ ମହା ମହିମ ଭୀଷ୍ମ ଯାହା ପାଇଁ ଅସ୍ତ୍ର ତ୍ୟାଗ କରିଥିଲେ । ଶ୍ରୀଖଣ୍ଡିନୀ ଭୂମିକାରେ ଅଭିନୀୟ କରିଛନ୍ତି ବାଲେଶ୍ୱର ଜିଲ୍ଲାର ଗର୍ବ ଓ ଗୌରବ ସୁନାମ ଧନ୍ୟ କଳାକାର ଯିଏକି ତାଙ୍କର ଜୀବନରୁ ଆରମ୍ଭ କରି ଅନେକ ରିୟାଲିଟି ସୋ ୨୦୧୭ ମସିହା ବେଷ୍ଟ ଡ୍ରାମେବାଜ ରିୟାଲିଟି ସୋର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗର୍ବ ଓ ଗୌରବର କଥା ଓଡିଆ ସିରିଏଲ ମାୟା ନାମକରେ ନଜର ଆସିଥିଲେ ।

# ନଳକୂପ ଅଚଳ : ରାସ୍ତା ଉପରେ ମହିଳା



ଆନନ୍ଦପୁର ,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ ମହିସାବାହାଳି ଗ୍ରାମରେ ଦୀର୍ଘ ଦିନ ଧରି ନଳକୂପ ଅଚଳ ଥିବା ନେଇ ଲୋକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ତାହା ଆଜି ପଯ୍ୟନ୍ତ କୌଣସି କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ମଙ୍ଗଳବାର ଦିନ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ରାସ୍ତା ଉପରକୁ କାଖରେ ଗରା କଳସି ଧରି ବିରୋଧ କରି ଆନ୍ଦୋଳନ କରିଥିଲେ । ଖବର ପାଇ ପ୍ରଶାସନି ତତ୍ପର ହୋଇ ଗ୍ରାମରେ ଅଚଳ ହୋଇଥିବା ନଳକୂପ ଟିକୁ ମରାମତି କରିଥିଲେ ।ଯାହାକୁ ନେଇ ଗ୍ରାମର ମହିଳା ମାନେ ଆନ୍ଦୋଳନରୁ ଓହରି ଆସିଥିଲେ ।କିନ୍ତୁ ଦୁଃଖର ବିଷୟ ଏହି ଗ୍ରାମରେ ତିନିସହ ପରିବାର ବାସ କରୁଥିବା ବେଳେ ଦୁଇଟି ପୁରୁଣା ନଳକୂପରହିଛି ।ଗୋଟିଏ ଭଲ ଥିବା ବେଳେ ଅନ୍ୟ ନଳକୂପଟି ପାଣି କମ ବାହାରୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଆଉ ଗୋଟିଏ ନୂଆ ନଳକୂପ ବସେଇବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧକ୍ଷ ସମ୍ମିଳନୀ




ବାଲେଶ୍ୱର (ସବ୍ୟୁ) :ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ (ପ୍ରିନସିପାଲ) ମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମ୍ମିଳନୀକକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼କ୍ଟର ହେମନ୍ତ କୁମାର ଘଡେଇ ଓ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ବିଶିଷ୍ଟ ସଦସ୍ୟ ପ୍ରଫେସର ଡ଼କ୍ଟର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇଥିଲେ।ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ, ଜାତୀୟ ଶିକ୍ଷା ନୀତି -୨୦୨୦ ଉପରେ ଆଲୋଚନା ସହ ଏହାର କାର୍ଯ୍ୟକାରିତା ଓ ପ୍ରଣାଳୀଗତ ନୀତିନିୟମ ସଂପର୍କରେ ଅବଗତ କରିବା, ସ୍ୱୟଂମ, ଏବିସି ଆଇ.ଡି, ଏପିଏଆର ଆଇ.ଡି, ଅନଲାଇନ ମାଇଗ୍ରେସନ, ଇ-ଆଫିଲିଏସନ ଇତ୍ୟାଦି କାର୍ଯ୍ୟକ୍ରମ ଓ ଏଥିରେ ଆସୁଥିବା ପ୍ରତିବନ୍ଧକ ନେଇ ସବିଶେଷ ଆଲୋଚନା କରାଯାଇଥିଲା। କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦବୋଧନରେ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ ମାନଙ୍କୁ ନାକ୍ ଓ ଏନଆଇଆରଏଫ ର ମାନ୍ୟତା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ ନିଜନିଜ ମହାବିଦ୍ୟାଳୟକୁ ସାମିଲ କରିବାକୁ ଅନୁରୋଧ କରିଥିଲେ। ଏଥିସହ ଜାତୀୟ ଶିକ୍ଷାନୀତି-୨୦୨୦ କୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରାଯିବାକୁ ନେଇ ଦୃଢ ସମର୍ଥନ କରିଥିଲେ। ପ୍ରଫେସର ଡ଼କ୍ଟର ସୁସ୍ମିତ ପ୍ରସାଦ ପାଣି ନିଜ ଅଭିଭାଷଣରେ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ପୂରଣ ଓ ଆଗାମୀବର୍ଷ ମାନଙ୍କରେ ଶିକ୍ଷାର ଗୁଣାତ୍ମକମାନ ଆସିବାକୁ ଥିବା ପରିବର୍ତ୍ତନ ପ୍ରତି ସକରାତ୍ମକ ମନୋଭାବ ପୋଷଣ କରିଥିଲେ। ଏହି ଅବସରରେ ଡ଼କ୍ଟର ହେମନ୍ତ କୁମାର ଘଡେଇ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ।ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟ, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ହୋଇ ଏହି ସମ୍ମିଳନୀରେ ନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ।ଏଥିସହିତ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ ଓ ଅଧକ୍ଷ ମାନଙ୍କ ପ୍ରତିନିଧିଙ୍କ ସକ୍ରିୟ ସହଭାଗୀତା କରି ନିଜର ସମସ୍ୟା ବିଷୟରେ ଆଲୋଚନା କରିବା ସହ ବିଭିନ୍ନ ପ୍ରସଙ୍ଗରେ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ଼କ୍ଟର ରାଜଶ୍ରୀ ଦତ୍ତ ପରିଚାଳନା କରିଥିଲେ ଓ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରୱାଡ଼ି ଯୁବାମଞ୍ଚର ବାର୍ଷିକ ସାଧାରଣ ପରିଷଦ

# ସଭାନେତ୍ରୀ ଭାବେ ଗୀତାଞ୍ଜଳିଙ୍କ ଶପଥ ଗ୍ରହଣ



ଭୁବନେଶ୍ୱର (ସବ୍ୟୁ) : ମାରଓ୍ୱାଡ଼ି ଯୁବା ମଞ୍ଚ, ଭୁବନେଶ୍ୱର ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଶାଖାର ନୂତନ ସଭାପେତ୍ରୀ ଭାବେ ଶପଥ ନେଲେ ସମାଜସେବୀ ଗୀତାଞ୍ଜଳୀ କେଜରିଓ୍ୱାଲ । ଗୀତାଞ୍ଜଳୀ ୨୬ ତମ ସଭାନେତ୍ରୀ ଭାବେ ଶପଥ ନେଇଥିବା ବେଳେ ସମ୍ପାଦିକ ଭାବେ ଜଗମୋହନ ପେରିଓ୍ୱାଲ ଓ ଅନ୍ୟ କର୍ମକର୍ତ୍ତା ମାନେ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୋଭିନସିଆଲ ମାରୱାଡ଼ି ଯୁବାମଞ୍ଚର ସଭାପତି ଅଜୟ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ହରିଶ ଅଗ୍ରୱାଲ, ରାଜେଶ କେଜରିଓ୍ୱାଲ,ମିନେଶ ଖଣ୍ଡେଲଓ୍ୱାଲ ପ୍ରମୁଖ ପରିଚାଳନା କରିଥିଲେ । ପରବର୍ତ୍ତି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ , ବରିଷ୍ଠ ବିଜେପି ନେତା ଗୋଳକ ମହାପାତ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

# ଶାସଙ୍ଗ ପଞ୍ଚାୟତର ଜିପିଏଲ୍‌ଏଫ୍ ଗୃହ ପ୍ରକଳ୍ପର ଶୁଭ ଶିଳାନ୍ୟାସ

ବାଲେଶ୍ୱର (ସବ୍ୟୁ) : ସୋମବାର ସକାଳେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ତରଫରୁ ଅଟକଳ ମୂଲ୍ୟ ୨୫,୨୧,୦୦୮.୯୨୯ ଟଙ୍କା ବିନିମୟରେ ହେବାକୁ ଥିବା ଶାସଙ୍ଗ ପଞ୍ଚାୟତ ଜିପିଏଏଫ୍ ଗୃହର ଶୁଭ ଶିଳାନ୍ୟାସ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଲମ୍ବୋଦର ପ୍ରଧାନ ,ନାରୀ ନେତ୍ରୀ ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ,ପୂର୍ବତନ ମଣ୍ଡଳ ସଭାପତି ଭୋଳାନାଥ ପାତ୍ର, ଶାସଙ୍ଗ ପଞ୍ଚାୟତ ସମିତି ସଭ୍ୟା ସୋନି ସୋରେନ, ପଞ୍ଚାୟତ ସଭାପତି ଭାସ୍କର ମଲ୍ଲିକ, ସୁଲଚନା ମଲ୍ଲିକ, ଶକ୍ତିକନ୍ତ ଦାସ, ଧୀରେନ୍ଦ୍ର ସ୍ୱାଇଁ, ପୁଷ୍ପଲତା ବାରିକ ପ୍ରମୁଖ ଉପସ୍ଥିତି ଥିଲେ ।


## AFFIDAVIT

I, Puja Nayak, Aged (23), D/o- Birupakshya Nayak, Resident of Padasahi, Tilori, Dist- Kandhamal, Odisha, Pin- 762103. Declare that this affidavit no. 70, dated. 21.04.2025. I have changed my sister's name from Sisila Nayak to Saismita Nayak. Henceforth, she shall be known as Saismita Nayak for all purposes.

Sd/- Puja Nayak

## AFFIDAVIT

I CITTU JAIN, S/O-BIRENDRA KUMAR JAIN FLAT NO-205, ADITYA VIP ENCLAVE, SHANTI NAGAR,JHARPADA, BHUBANESWAR - 751006, ODISHA DECLARE BY THIS AFFIDAVIT NO-52, dt 22.04.2025 THAT NOW ONWARDS I SHALL BE KNOWN AS MAYANK KUMAR JAIN FOR ALL FUTURE PURPOSES.

## AFFIDAVIT

I, Surabhi Jena, Aged (45), W/o- Jiban Kumar Jena, At/Po- Naharakanta, Ps- Pahal, Bhubaneswar, Dist- Khordha, Pin- 752101, Odisha, Aadhar No. 997910874636. Declare that this affidavit no. 103, dated. 22.04.2025. I have changed my name from Suravi Jena to Surabhi Jena. Henceforth, I shall be known as Surabhi Jena for all purposes.

Sd/- Surabhi Jena

## AFFIDAVIT

By virtue of an affidavit sworn before The Executive Magistrate Junagarh, dated 21.04.2025 I,Jharana Sahu, W/o Dhiroj Kumar Biswal, At/Po-Nandol, Ps- Junagarh, Dist-Kalahandi, Odisha do hereby declare that in the transfor ceritificate of my son named Mangesh Biswal bearing Regd. No. JES/TC/23 my name was wrongly mentioned as Jharana Biswal. That as per Aadhaar bearing no. 6112 5926 0991 my name was mentioned as Jharana Sahu. That Jharana Sahu & Jharana Biswal is same and equal person. Henceforth, I shall be known as Jharana Sahu for all purposes.

Jharana Sahu

### GOVERNMENT OF ODISHA
### e-PROCUREMENT NOTICE
### WORKS DEPARTMENT

B-52

**Bid Identification No. S.E. CBT (R&B) 02/ 2025-26**

charbatiadivision1@gmail.com

| | | |
|---|---|---|
| i. | Name of the work | : Civil works-01 Nos & El works-02 nos |
| ii. | Estimated cost | : Rs 11,59,444/- to Rs-42,34,392/- |
| iii. | Period of completion | : **02** months (**60** days) to **03** months ( **120** days) |
| iv. | Date & time of availability of Bid documents in the portal | : **from 10.00 AM of 28.04.2025 to 05.05.2025 up to 5.00 PM for 'online" bidding** |
| v. | Last date/ time for receipt of Bids in the portal | : **05.05.2025 up to 5.00 PM.** |
| vi. | Name and address of the officer inviting Bid | : **Superintending Engineer Charbatia (R&B)** Division, **Choudwar** |

Further details can be seen from the e-procurement portal **http:// www.tendersorissa.gov.in.**

Any addendum/ corrigendum/ cancellation of tender can also be seen in the said website.

Sd/- Superintending Engineer
Charbatia (R&B) Division
Choudwar

OIPR : 34092/11/0018/2526

### OFFICE OF SUPERINTENDING ENGINEER
### MINOR IRRIGATION DIVISION, CUTTACK

A-61

Letter No. 1834 I Dt. 21.04.2025

**GOVERNMENT OF ODISHA e-Procurement Notice**
**Bid Identification No. on line SECMID- 02 /2025-26**

eemidcuttack@yahoo.co.in

| | | |
|---|---|---|
| 1. | Name of work | : Construction of Check Dams under MATY Scheme in MI Sub-Division Athagarh. |
| 2. | Total Number of work | : 03 (Three) nos. |
| 3. | Estimated cost | : Varies from Rs. 41.90 lakhs to 46.92 lakhs. |
| 4. | Tender paper Cost(Online) | : Rs.6,000/- |
| 5. | Bid Security (Online) | : As per DTCN |
| 6. | Period of Completion | : As per DTCN |
| 7. | Availability of Bid Document | : From 25.04.2025,10.00 AM to 07.05.2025 , 5.00 PM in website (www.tendersorissa.gov.in) |
| 8. | Last date & Time of receipt | : 07.05.2025 at 5.00 PM through online Bid . |
| 9. | Date of opening of Technical Bid documents | : 08.05.2025 - at 11.00 A.M in the office of the SE, M.I. Division, Cuttack. |
| 10. | Date of Lottery, if required | : 17.05.2025 at 12.00 Noon in the office of the SE, M.I. Division, Cuttack |
| 11. | Name and address of the OIT | : Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :- 0671-2443622 PINCODE :- 753004 |

Further details can be seen from the Government of Odisha **Web-Site www.tendersorissa.gov.in**

Sd/- Superintending Engineer
M.I.Division, Cuttack

OIPR : 32121/11/0031/2526

### GOVERNMENT OF ODISHA
### FOREST, ENVIRONMENT & CLIMATE CHANGE DEPARTMENT
### OFFICE OF THE DIVISIONAL FOREST OFFICER, BOLANGIR FOREST DIVISION

AT - Near New Govt. Bus Terminal, PO / DIST :- Balangir - 767001
(ODISHA), Phone • 06652-295134 (O), Email - dfo.bolangir@odisha.gov.in

**Bid Identification No. DFO, BLG 01 /2025-26 dated. 21.04.2025**

Letter No. 2641 Dt. 21.4.2025

MM-12

**NOTICE INVITING TENDER**

| Sl. No. | Name of the Work | Procurement of Deer Mash for maintaining food supply chain in Harishankar Deer Park www.balangir.nic.in |
|---|---|---|
| 1 | Estimated Cost | Depending upon funds allocation |
| 3 | Period & time of completion | 15 days from the date of issue of orders |
| 4 | Date & time of availability of the bid document in the portal | 23.04.2025 to 07.05.2025 |
| 5 | Last date/Time for receipt of bids in the portal | Up to 5.00 PM of 07.05.2025 |
| 6 | Date & Time of bid opening | 11.30 hours on Dated. 08.05.2025 |
| 7 | Name & Address of the officer inviting Bid | Divisional Forest Officer, Bolangir Forest Division. Pin-767001 |

Others can be seen from Detailed Notice inviting Tenders, available in website-**www.balangir.nic.in.** Corrigendum if any, shall only be published in the above website.

Sd/- Divisional Forest Officer
Bolangir Forest Division

OIPR : 08061/11/0004/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୭୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୮୧୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ଆତଙ୍କୀ ହମ୍‌ଲା

# ଥରହର ପହଲଗାମ





## ବିଭିନ୍ନ ମହଲରେ ନିନ୍ଦା
## ପ୍ରତ୍ୟକ୍ଷଦର୍ଶୀ ବଖାଣିଲେ ଛାତିଥରା ଦୃଶ୍ୟ

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମ ଜିଲ୍ଲାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀମାନେ ଏକ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ୧୨ରୁ ଅଧିକ ପର୍ଯ୍ୟଟକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନିନ୍ଦା କରିଛନ୍ତି । ମୋଦୀ କହିଛନ୍ତି ଯେ ଆହତ ଲୋକମାନେ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ସେ ପ୍ରାର୍ଥନା କରୁଛନ୍ତି । ଏହା ସହିତ ସେ କହିଛନ୍ତି ଯେ ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ । ସେମାନଙ୍କର ଘୃଣ୍ୟ କାର୍ଯ୍ୟସୂଚୀ କେବେ ସଫଳ ହେବ ନାହିଁ । ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମର ସଂକଳ୍ପ ଦୃଢ଼ ଏବଂ ଏହା ଆହୁରି ଦୃଢ଼ ହେବ । ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ । ସେମାନଙ୍କର ଘୃଣ୍ୟ କାର୍ଯ୍ୟସୂଚୀ କେବେ ସଫଳ ହେବ ନାହିଁ ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି । ସେ ଲେଖିଛନ୍ତି, 'ପହଲଗାମ (ଜମ୍ମୁ ଏବଂ କାଶ୍ମୀର)ରେ ଆତଙ୍କବାଦୀ ଆକ୍ରମଣ ଖବର ଶୁଣି ଗଭୀର ଦୁଃଖିତ ।' ନିରୀହ ନାଗରିକଙ୍କ ଉପରେ ଏହି କାପୁରୁଷୋଚିତ ଆକ୍ରମଣ କାପୁରୁଷୋଚିତ ଏବଂ ଅତ୍ୟନ୍ତ ନିନ୍ଦନୀୟ । ନିର୍ଦ୍ଦୋଷ ପୀଡିତ ଏବଂ ସେମାନଙ୍କ ପରିବାର ପ୍ରତି ମୋର ସମବେଦନା ଏବଂ ପ୍ରାର୍ଥନା । ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଆକ୍ରମଣକୁ ନିନ୍ଦା କରି ମୃତାହତଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଏହା ସହିତ ସେ କହିଛନ୍ତି ଯେ ଏହି ଘଟଣାର ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ ଓ ସେମାନେ ଏହାର କଠୋର ପରିଣତି ଭୋଗ କରିବେ । ଶାହ ଜମ୍ମୁ-କାଶ୍ମୀର ଅଭିମୁଖେ ଯାଇଛନ୍ତି । ଏହି ଘଟଣା ପରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି ।

## ନାମ ପଚାରିଲେ, ଆଖିବୁଜା ଗୁଳିକଲେ

ଜମ୍ମୁକାଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମ୍ ସହରର ବୈସରନ ଘାଟି ଉପର ଅଞ୍ଚଳରେ ଆତଙ୍କବାଦୀମାନେ କେହି କିଛି ବୁଝିବା ପୂର୍ବରୁ ପର୍ଯ୍ୟଟକମାନଙ୍କ ଉପରେ ଗୁଳିମାଡ଼ କରିଥିଲେ ।

ଆତଙ୍କବାଦୀଙ୍କ ଏହି ଗୁଳିମାଡ଼ରେ ୨୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ପର୍ଯ୍ୟଟକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ପହଲଗାମ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସୁରକ୍ଷା ବାହିନୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରି ଦେଇଛନ୍ତି ।


ପୋଲିସ ସୂତ୍ରରୁ ପ୍ରକାଶ, ଆହତ ପର୍ଯ୍ୟଟକମାନେ ରାଜସ୍ଥାନ, କାଶ୍ମୀର ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଥିବା ଜଣାପଡ଼ିଛି । ଏମାନେ ସମସ୍ତେ ବୈସରନ ଘାଟି ଉପର ଅଞ୍ଚଳକୁ ବୁଲିବାକୁ ଆସିଥିଲେ ।

ଆତଙ୍କବାଦୀଙ୍କ ଗୁଳିକାଣ୍ଡ ଘଟଣାକୁ ବଖାଣି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, 'ଆମ ସାମ୍ନାରେ କିଛି ପର୍ଯ୍ୟଟକ ଯାଉଥିଲେ । ଏହି ସମୟରେ ଆତଙ୍କବାଦୀମାନେ ତାଙ୍କୁ ଅଟକାଇ ଥିଲେ । ଆଉ ପଚାରିଥିଲେ ତୁମେ ମୁସଲମାନ କି ? ଏମାନଙ୍କ ମଧ୍ୟରୁ ଯିଏ ମୁସଲମାନ ନୁହନ୍ତି ବୋଲି କହିଥିଲେ ସେମାନଙ୍କ ଉପରକୁ ଗୁଳି କରିଥିଲେ ।

ଆତଙ୍କବାଦୀଙ୍କ ଗୁଳିରେ ୨୮ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ବାକି ଅନେକ ଗୁରୁତର ଆହତ ହୋଇଛନ୍ତି । ସମସ୍ତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛିଛ । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି ।

ଏହି ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ସହିତ ଫୋନରେ କଥା ହୋଇ ଉଚିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅମିତ ଶାହ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବାପରେ ଏକ ଜରୁରୀକାଳୀନ ବୈଠକ ଡାକିଛନ୍ତି ।





## ପୁଣି ପ୍ରଭାବିତ ହେବ କାଶ୍ମୀର ପର୍ଯ୍ୟଟନ ଶିଳ୍ପ

ମଙ୍ଗଳବାର ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆତଙ୍କବାଦୀ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା ସଂଦେହ କରାଯାଉଛି ।


ସୂତ୍ର ଅନୁସାରେ, ଦୁଇରୁ ତିନି ଜଣ ଆକ୍ରମଣକାରୀ ପୁଲିସ ପୋଷାକ ପିନ୍ଧିଥିଲେ ଏବଂ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ନାମ ଓ ଧର୍ମ ପଚାରି ଗୁଳି ମାରିଥିଲେ । ଏପର୍ଯ୍ୟନ୍ତ ଆତଙ୍କବାଦୀମାନେ ସେନା ପୋଷାକ ପିନ୍ଧି ଆକ୍ରମଣ କରୁଥିଲେ । କିନ୍ତୁ ପ୍ରଥମ ଥର ପାଇଁ ସେମାନେ ପୁଲିସ ପୋଷାକରେ ଆସିଥିଲେ । ଏହି ଘଟଣା ଘାଟିକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଇଛି । ଏହା ଫଳରେ ଘାଟିର ପର୍ଯ୍ୟଟନ ଅର୍ଥନୀତି ପୁଣି ପ୍ରଭାବିତ ହେବାର ଆଶଙ୍କା ରହିଛି । କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ କେନ୍ଦ୍ର ସରକାରଙ୍କ ଉଦ୍ୟମ ଫଳରେ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିଲା ଓ ପର୍ଯ୍ୟଟକମାନେ ଘାଟିକୁ ଫେରିବା ଆରମ୍ଭ କରିଥିଲେ । କିନ୍ତୁ ଆଜିର ଘଟଣା ପୁଣି କଶ୍ମୀର ଘାଟିକୁ ପଛକୁ ଫେରାଇ ନେବାର ଆଶଙ୍କା ରହିଛି । ଏହି ଆକ୍ରମଣ ପଛରେ ଆତଙ୍କବାଦୀ ସଂଗଠନ ଟିଆରଏଫ (ଦ ରେଜିଷ୍ଟାନ୍ସ ଫୋର୍ସ)ର ହାତ ଥିବା ସନ୍ଦେହ କରାଯାଉଛି ।

ଅମରନାଥ ଯାତ୍ରା କେବଳ ପହଲଗାମରୁ ଆରମ୍ଭ ହୁଏ । ଏହି ବର୍ଷ ଅମରନାଥ ଯାତ୍ରା ୩ ଜୁଲାଇ, ୨୦୨୫ରେ ଆରମ୍ଭ ହୋଇ ୯ ଅଗଷ୍ଟ, ୨୦୨୫ରେ ରକ୍ଷା ବନ୍ଧନରେ ଶେଷ ହେବାର କାର୍ଯ୍ୟକ୍ରମ ଅଛି । ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦୀଆରବ ଗସ୍ତରେ ଅଛନ୍ତି ଏବଂ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତ ଗସ୍ତରେ ଅଛନ୍ତି ।

## ବାୟୁସେନା ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ନୂଆ ମୋଡ଼

ବେଙ୍ଗାଲୁରୁ/ନୂଆଦିଲ୍ଲୀ: ବେଙ୍ଗାଲୁରୁରେ ଭାରତୀୟ ବାୟୁସେନାରେ କାର୍ଯ୍ୟରତ ଏକ ଦମ୍ପତିଙ୍କୁ ଆକ୍ରମଣ କରାଯିବା ପରେ, ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ମାଡ଼ ମାରୁଥିବାର ଦେଖାଯାଇଛି । ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ କରିଛନ୍ତି । ତେଣୁ ଏହା ଏକପାଖିଆ ହିଂସା ନୁହେଁ ବୋଲି ପୁଲିସ୍ ସୂଚାଇଛି । ୱିଙ୍ଗ କମାଣ୍ଡର ଶିଳାଦିତ୍ୟ ବୋଷ ତାଙ୍କ ମୁହଁ ଏବଂ ବେକରେ ରକ୍ତ ଲାଗିଥିବା ଏକ ଭିଡିଓ ପୋଷ୍ଟ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା । ଅଭିଯୁକ୍ତ ବାୟୁସେନା ଅଧିକାରୀଙ୍କ ବିରୋଧରେ ମଧ୍ୟ ଏକ ପାଲଟା ଅଭିଯୋଗ ଦାଖଲ କରିଛନ୍ତି । ଗତକାଲି, ୱିଙ୍ଗ କମାଣ୍ଡର ବୋଷ ଅଭିଯୋଗ କରିଛନ୍ତି ଯେ ଏକ ବାଇକ୍ ପଛରୁ ଆସି ଆମ ଗାଡ଼ିକୁ ଅଟକାଇଲା । ସେହି ବ୍ୟକ୍ତି ଜଣକ ମୋତେ କନ୍ନଡରେ ଗାଳି ଦେବା ଆରମ୍ଭ କଲେ । ସେମାନେ ମୋ ଗାଡ଼ିରେ ଡିଆର୍ଡିଓ ଷ୍ଟିକର ଦେଖି କହିଲେ 'ତୁମେ ଡିଆର୍ଡିଓ ଲୋକ' । ତା'ପରେ ସେମାନେ ମୋ ସ୍ତ୍ରୀ ଏବଂ ମୋତେ ଗାଳି ଦେଲେ, ମୁଁ ସହ୍ୟ କରିପାରିଲି ନାହିଁ । ମୁଁ ମୋ ଗାଡ଼ିରୁ ଓହ୍ଲାଇ ପଡ଼ିଲି । ସେହି ସମୟରେ ବାଇକ୍ ଚାଳକ ମୋ କପାଳରେ ଚାବି ମାରିଲେ ଏବଂ ମୋତେ ରକ୍ତାକ୍ତ କରିଦେଲେ ଅଫିସରଙ୍କ ପତ୍ନୀ ମଧୁମିତା ବୋଷ ବେଙ୍ଗାଲୁରୁର ସିଭି ରମଣ ନଗରର ଡିଆର୍ଡିଓ କଲୋନିରୁ ତାଙ୍କ ସ୍ୱାମୀଙ୍କୁ ବିମାନବନ୍ଦରକୁ ନେଇ ଯାଉଥିଲେ । ଭିଡିଓଟି ଭାଇରାଲ ହୋଇଥିଲା । କିନ୍ତୁ ପ୍ରଥମେ ଆକ୍ରମଣର କାର କିଛି ସ୍ପଷ୍ଟ ହୋଇନଥିଲା ।

## ସଂସଦ ହିଁ ସର୍ବେସର୍ବା : ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ପୁଣି ଥରେ ନ୍ୟାୟପାଳିକା ଏବଂ କାର୍ଯ୍ୟପାଳିକାର ଅଧିକାର କ୍ଷେତ୍ର ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି । ସେ ମଙ୍ଗଳବାର ଦିନ କହିଛନ୍ତି ଯେ ସମ୍ବିଧାନର ମୌଳିକ ଭାବନାର 'ସର୍ବୋଚ୍ଚ ରକ୍ଷକ' ହେଉଛନ୍ତି ନିର୍ବାଚିତ ଜନପ୍ରତିନିଧି ଏବଂ କେହି ସଂସଦଠାରୁ ଉପରେ ନୁହଁନ୍ତି । ଏହା ସହିତ, ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଯେତେବେଳେ କୌଣସି ସାମ୍ବିଧାନିକ ଅଧିକାରୀ କିଛି କୁହନ୍ତି, ତାହା ଦେଶର ସର୍ବୋଚ୍ଚ ସ୍ୱାର୍ଥକୁ ଧ୍ୟାନରେ ରଖି କୁହାଯାଏ ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଉପରାଷ୍ଟ୍ରପତି କହିଛନ୍ତି ଯେ ୧୯୭୭ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା ପ୍ରଧାନମନ୍ତ୍ରୀଙ୍କୁ ଲୋକଙ୍କ ଦ୍ୱାରା ସେଥିପାଇଁ ଦାୟୀ କରାଯାଇଥିଲା । ସେ କହିଥିଲେ, 'ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହା ସେମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କୁ ସୁରକ୍ଷା ଦିଏ।' ସମ୍ବିଧାନ ସଂସଦଠାରୁ ଉପରେ କୌଣସି ସଂସ୍ଥାକୁ କଳ୍ପନା କରି ନାହିଁ । ସଂସଦ ସର୍ବୋଚ୍ଚ ଏବଂ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କ ପରି ସର୍ବୋଚ୍ଚ ।

୧୯୭୭ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା ପ୍ରଧାନମନ୍ତ୍ରୀଙ୍କୁ ଲୋକଙ୍କ ଦ୍ୱାରା ସେଥିପାଇଁ ଦାୟୀ କରାଯାଇଥିଲା । ସେ କହିଥିଲେ, 'ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହା ସେମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କୁ ସୁରକ୍ଷା ଦିଏ।' ସମ୍ବିଧାନ ସଂସଦଠାରୁ ଉପରେ କୌଣସି ସଂସ୍ଥାକୁ କଳ୍ପନା କରି ନାହିଁ । ସଂସଦ ସର୍ବୋଚ୍ଚ ଏବଂ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କ ପରି ସର୍ବୋଚ୍ଚ । ଜଗଦୀପ ଧନଖର କହିଛନ୍ତି, 'ମୋ ମତରେ, ନାଗରିକ ସର୍ବୋଚ୍ଚ କାରଣ ଏକ ରାଷ୍ଟ୍ର ଏବଂ ଗଣତନ୍ତ୍ର କେବଳ ନାଗରିକମାନଙ୍କ ଦ୍ୱାରା ଗଠିତ' ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ନିଜସ୍ୱ ଭୂମିକା ଅଛି ! ଗଣତନ୍ତ୍ରର ଆତ୍ମା ପ୍ରତ୍ୟେକ ନାଗରିକଙ୍କଠାରେ ବାସ କରେ ଏବଂ ସ୍ପନ୍ଦିତ ହୁଏ । ଗଣତନ୍ତ୍ର ସେତେବେଳେ ବିକଶିତ ହେବ, ଏହାର ମୂଲ୍ୟବୋଧ କେବଳ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ନାଗରିକମାନେ ସଚେତନ ହେବେ, ନାଗରିକମାନେ ଅବଦାନ ଦେବେ ଏବଂ ନାଗରିକମାନଙ୍କ ଦ୍ୱାରା ଦିଆଯାଇଥିବା ଅବଦାନର କୌଣସି ବିକଳ୍ପ ନାହିଁ ।

ଉପରାଷ୍ଟ୍ରପତି ସମ୍ପ୍ରତି ସୁପ୍ରିମକୋର୍ଟର ନିଷ୍ପତ୍ତି ଉପରେ ତାଙ୍କର ମନ୍ତବ୍ୟ ପାଇଁ ସମାଲୋଚନା କରୁଥିବା ଲୋକଙ୍କୁ ସମାଲୋଚନା କରିଥିଲେ । ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ସମ୍ପ୍ରତି କହିଥିଲେ ଯେ ଯଦି ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ଅନୁମୋଦନ ପାଇଁ ଏକ ବିଲ୍ ପଠାନ୍ତି, ତେବେ ରାଷ୍ଟ୍ରପତିଙ୍କୁ ତିନି ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ପଡିବ । ଏହା ଉପରେ ପ୍ରତିକ୍ରିୟା ଦେଇ ଧନଖର କହିଥିଲେ ଯେ ନ୍ୟାୟପାଳିକା ଏକ 'ସୁପର ପାର୍ଲାମେଣ୍ଟ' ହୋଇପାରିବ ନାହିଁ ଏବଂ ଏହା କାର୍ଯ୍ୟପାଳିକା (ସରକାର)ର କାମରେ ହସ୍ତକ୍ଷେପ କରିପାରିବ ନାହିଁ ।

## ଭାରତ-ସାଉଦୀ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ ମିଶ୍ର ଏବଂ ସାଉଦୀ ଆରବର ଶକ୍ତିମନ୍ତ୍ରୀ ଯୁବରାଜ ଅବଦୁଲା ଅଜିଜ ବିନ ସଲମାନଙ୍କ ସହ ଅଧ୍ୟକ୍ଷତାରେ ନିବେଶ ଉପରେ ଭାରତ-ସାଉଦୀ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପାରସ୍ପରିକ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

## ୧୫ ମିନିଟ ଛଟପଟ ହେବାପରେ ଆଖି ବୁଜିଥିଲେ ପୂର୍ବତନ ଡିଜିପି

ବେଙ୍ଗାଲୁରୁ : କର୍ଣ୍ଣାଟକାର ପୂର୍ବତନ ଡିଜିପି ଓ ଆଇଜି ଓମ ପ୍ରକାଶ ରବିବାର ଲଞ୍ଚ ପାଇଁ ଅନଲାଇନରେ ମାଛ ଫ୍ରାଏ ମଗାଇଥିଲେ । ରବିବାର ଅପରାହ୍ନ ପ୍ରାୟ ୨.୩୦ରୁ ୩ଟା ମଧ୍ୟରେ ତାଙ୍କୁ ଦୁଇ ଖଣ୍ଡ ମାଛ ଓ ଭାତ ଡାଇନିଂ ଟେବୁଲରେ ପରସା ଯାଇଥିଲା । ଓମ ପ୍ରକାଶ ଗୋଟିଏ ମାଛ ଖଣ୍ଡ ଓ ଅଧା ଭାତ ଖାଇ ସାରିଥିଲେ । ସେ ଆଉ ଗୋଟିଏ ଗୁଣ୍ଡା ଭାତ ପାଟିକୁ ନେଉଥିବା ବେଳେ ପତ୍ନୀ ପଲ୍ଲବୀ(୬୪) ତାଙ୍କ ମୁହଁକୁ ହଠାତ ଲଙ୍କା ଗୁଣ୍ଡ ଫିଙ୍ଗିଥିଲେ ।

ଓମ ପ୍ରକାଶ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ରୋଷେଇ ଘରେ ବ୍ୟବହାର ହେଉଥିବା ଛୁରୀକୁ ପଲ୍ଲବୀ ପ୍ରଥମେ ତାଙ୍କ ବେକରେ ଭୁଷି ଦେଇଥିଲେ । ଏହାପରେ କାଚ ବୋତଲ ତାଙ୍କ ମୁଣ୍ଡରେ ବାଡ଼େଇ ଦେଇଥିଲେ । ପୁଲିସ ଆଗରେ ପଲ୍ଲବୀ ରଖିଥିବା ବୟାନ ଓ ଘଟଣାସ୍ଥଳରୁ ମିଳିଥିବା ତଥ୍ୟ ଆଧାରରେ



ପୁଲିସ୍ ଏସବୁ ଜାଣିବାକୁ ପାଇଛି ।

ରବିବାର ସନ୍ଧ୍ୟାରେ ଏଚଏସଆର ଲେଆଉଟ ଆବାସରୁ ଓମ ପ୍ରକାଶଙ୍କ କ୍ଷତାକ୍ତ ମୃତଦେହ ପୁଲିସ୍ ଉଦ୍ଧାର କରିଥିଲା । ଏହାର ୨୪ଘଣ୍ଟା ପରେ ଓମ ପ୍ରକାଶଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଲିସ୍ ତାଙ୍କ ପତ୍ନୀ ପଲ୍ଲବୀଙ୍କୁ ଗିରଫ କରିଛି । ସୂତ୍ର ଅନୁସାରେ, ପଲ୍ଲବୀଙ୍କ ଭୟଙ୍କର ଆକ୍ରମଣ ଦ୍ୱାରା ଓମ ପ୍ରକାଶ ଲହୁଲୁହାଣ ହୋଇଥିଲେ । ସେ ତଳେ ପଡ଼ି ୧୫ ମିନିଟ କାଳ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେବା ପରେ ଆଖି ବୁଜିଥିଲେ । ମୃତଦେହ ନିକଟରୁ ଦୁଇଟି କାଚ ବୋତଲ ମିଳିଛି । ଗୋଟିଏ ଟଏଲେଟ କ୍ଲିନର ଓ ଆଉ ଗୋଟିଏ ଫ୍ଲୋର କ୍ଲିନର । ପଲ୍ଲବୀଙ୍କ ଆକ୍ରମଣରୁ ବର୍ତ୍ତିବା ପାଇଁ ଓମ ପ୍ରକାଶ ଘର ବାହାରକୁ ଦୌଡ଼ି ଯିବାକୁ ଚେଷ୍ଟା କରିଥିଲେ । ହେଲେ ପଲ୍ଲବୀ ଗୋଟିଏ କମ୍ବଳ ତାଙ୍କ ମୁହଁରେ ଗୁଡ଼ାଇ ଦେଇ ତଳେ ଚିତ କରି ଦେଇଥିଲେ । କମ୍ବଳ ଭିତରେ ଫସି ରହିଥିବା ଓମ ପ୍ରକାଶ ତଳେ ପଡ଼ି ଛାଟିପିଟି ହେଉଥିବା ବେଳେ ପଲ୍ଲବୀ ତାଙ୍କ ବେକ, କାନ୍ଧ, ତଳି ପେଟ ଓ ପିଠିରେ ବାରମ୍ବାର ଛୁରୀ ଭୁଷି ଚାଲିଥିଲେ । ପ୍ରକାଶ ଭୟଙ୍କର ଚିତ୍କାର କରିବା ସହ ଛାଡ଼ି ଦେବାକୁ ନେହୁରା ହୋଇଥିଲେ ହେଁ ପଲ୍ଲବୀ କିଛି ଶୁଣି ନଥିଲେ । ତାଙ୍କ ଦେହରେ ମୋଟ ୧୨ଟି କ୍ଷତ ଚିହ୍ନ ରହିଛି । ଅର୍ଥାତ ପଲ୍ଲବୀ ୧୨ ଥର ତାଙ୍କ ଦେହରେ ଛୁରୀ ଭୁଷି ଥିଲେ ।

ଓମ ପ୍ରକାଶ ମୁଣ୍ଡ କମ୍ବଲରେ ଗୁଡ଼ାଇ ହୋଇ ରହିଥିବା ବେଳେ ସେ ପେଟ ମାଡ଼ି ତଳେ ପଡ଼ି ରହିଥିଲେ । ପଲ୍ଲବୀ ହତ୍ୟା କରିବା ପରେ ସେହି ଠାରେ ଛିଡ଼ା ହୋଇଥିଲେ ।

ଓମ ପ୍ରକାଶ ଗୋଟିଏ ଲୁଙ୍ଗି ଓ ହାତ କଟା ଗଞ୍ଜି ପିନ୍ଧିଥିଲେ । ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ତାଙ୍କ ଲୁଙ୍ଗି ଓ ଗଞ୍ଜି ପୂରା ରକ୍ତରେ ଭିଜି ସାରିଥିଲା । ଘଟଣା ବେଳେ ଘରେ ଦମ୍ପତିଙ୍କ ଝିଅ କ୍ରିତି ସେଠାରେ ଉପସ୍ଥିତ ଥିଲେ କି ନାହିଁ, ସେକଥା ଏଯାଏ ସ୍ପଷ୍ଟ ହୋଇନି । ଜଣେ ପୁଲିସ୍ ଅଧିକାରୀ କହିଛନ୍ତି, ଆମ ଟିମ ଖବର ପାଇ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା । ଏହି ସମୟରେ ପଲ୍ଲବୀ ଏକା ମୃତଦେହ ନିକଟରେ ଛିଡ଼ା ହୋଇଥିଲେ । କିନ୍ତୁ ଝିଅ କ୍ରିତି ଘରର ତୃତୀୟ ମହଲାରେ ଥିବା ତାଙ୍କ ରୁମରେ ରହିଥିଲେ । ହତ୍ୟା କାଣ୍ଡରେ ତାଙ୍କ ଭୂମିକା କ'ଣ ରହିଛି, ତା'ର ତଦନ୍ତ କରାଯାଉଛି ।

## ରାହୁଲଙ୍କ ଅଭିଯୋଗକୁ ଇସିଙ୍କ ଖଣ୍ଡନ

ନୂଆଦିଲ୍ଲୀ : ଭାରତରେ ଇଭିଏମ୍ ଜରିଆରେ ହେଉଥିବା ଭୋଟଗ୍ରହଣ ବ୍ୟବସ୍ଥା ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଦେଇଥିବା ଟିପ୍ପଣୀକୁ ନିର୍ବାଚନ କମିଶନ ଖଣ୍ଡନ କରିଛନ୍ତି । କମିଶନଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କେନ୍ଦ୍ରରେ ପହଞ୍ଚିଥିବା ୬,୪୦,୮୭,୫୮୮ ଜଣ ଭୋଟର ମତଦାନ କରିଥିଲେ । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ପ୍ରାର୍ଥୀ/ରାଜନୈତିକ ଦଳମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ନିଯୁକ୍ତ ମତଦାନ ଏଜେଣ୍ଟଙ୍କ ସମ୍ମୁଖରେ ମତଦାନ ଅଗ୍ରଗତି ହୋଇଥିଲା । କଂଗ୍ରେସ ମନୋନୀତ ପ୍ରାର୍ଥୀ କିମ୍ବା ସେମାନଙ୍କର ଅଧିକୃତ ଏଜେଣ୍ଟମାନେ ପରଦିନ ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ଅସ୍ୱାଭାବିକ ମତଦାନ ସମ୍ପର୍କରେ କୌଣସି ପ୍ରମାଣିତ ଅଭିଯୋଗ ଉଠାଇ ନାହାଁନ୍ତି । ମହାରାଷ୍ଟ୍ର ସମେତ ଭାରତରେ ଭୋଟର ତାଲିକା ଗୁଡ଼ିକ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ଏବଂ ଭୋଟର ପଞ୍ଜୀକରଣ ନିୟମ, ୧୯୬୦ ଅନୁଯାୟୀ ପ୍ରସ୍ତୁତ କରାଯାଏ ।

ମହାରାଷ୍ଟ୍ର ନିର୍ବାଚନରେ ଏହି ଭୋଟର ତାଲିକାର ଚୂଡ଼ାନ୍ତକରଣ ପରେ, ୯,୭୭,୯୦,୭୫୨ ଭୋଟରଙ୍କ ତୁଳନାରେ, ପ୍ରଥମ ଆପିଲେଟ୍ ପ୍ରାଧିକରଣଙ୍କ ନିକଟରେ କେବଳ ମୋଟ ୮୯ଟି ଅପିଲ୍ ଦାଖଲ କରାଯାଇଥିଲା ଏବଂ ଦ୍ୱିତୀୟ ଆପିଲେଟ୍ ପ୍ରାଧିକରଣଙ୍କ ନିକଟରେ କେବଳ ଗୋଟିଏ ଅପିଲ୍ ଦାଖଲ କରାଯାଇଥିଲା । ତେଣୁ ଏହା ସ୍ପଷ୍ଟ ଯେ ୨୦୨୪ ମସିହାରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରିଚାଳନା ପୂର୍ବରୁ କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳଗୁଡ଼ିକର କୌଣସି ଅଭିଯୋଗ ନଥିଲା ।

ଭୋଟର ତାଲିକା ସଂଶୋଧନ ସମୟରେ, ୧,୦୦,୪୨୭ ମତଦାନ କେନ୍ଦ୍ର ପାଇଁ, ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ୯୭,୩୨୫ ବୁଥ୍‌ସ୍ତରୀୟ ଅଧିକାରୀ ସହ ୧,୦୩,୭୨୭ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ସମସ୍ତ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମଧ୍ୟ ନିଯୁକ୍ତ କରାଯାଇଥିଲା, ଯେଉଁଥିରେ କଂଗ୍ରେସ ଦ୍ୱାରା ୨୭,୦୯୯ ଜଣ ସାମିଲ ଥିଲେ । ତେଣୁ ମହାରାଷ୍ଟ୍ରର ଭୋଟର ତାଲିକା ବିରୁଦ୍ଧରେ ଉଠାଯାଇଥିବା ଏହି ଅସମର୍ଥିତ ଅଭିଯୋଗଗୁଡ଼ିକ ଆଇନର ଶାସନ ପ୍ରତି ଅପମାନଜନକ ।

ନିର୍ବାଚନ ଆୟୋଗ ୨୪ ଡିସେମ୍ବର, ୨୦୨୪ରେ କଂଗ୍ରେସକୁ ଦେଇଥିବା ଉତ୍ତରରେ ଏହି ସମସ୍ତ ତଥ୍ୟ ଅନ୍ତର୍ଭୁକ୍ତ କରିଥିଲେ, ଯାହା ଭାରତ ନିର୍ବାଚନ ଆୟୋଗ ୱେବସାଇଟରେ ମଧ୍ୟ ଉପଲବ୍ଧ । ଏହା ଦେଖାଯାଉଛି ଯେ ଏହି ସମସ୍ତ ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି, ଯାହାଫଳରେ ଏହି ପ୍ରସଙ୍ଗ ବାରମ୍ବାର ଉଠାଯାଉଛି ।

# କ୍ୟାପିଟାଲ୍ସକୁ ଜିତାଇଲେ ରାହୁଲ

## ଆଇପିଏଲ୍ ମହାସମର




ଲକ୍ଷ୍ନୌ, ୨୨।୪ (ଏଜେନ୍ସି): ଆଇପିଏଲ୍‌ର ୪୦ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୮ ୱିକେଟରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସକୁ ଧରାଶାୟୀ କରିଛି । ଲୋକେଶ ରାହୁଲଙ୍କ ଦମଦାର ୫୭ ରନର ଅର୍ଦ୍ଧଶତକୀୟ ଓନିଂସ ତଥା ଅଭିଶେକ ପୋରେଲଙ୍କ ୫୧ ଓ ଅଧିନାୟକ ଅକ୍ଷର ପଟେଲଙ୍କ ୩୪ ରନ ଯୋଗୁ ଚଳିତ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଷଷ୍ଠ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୨୦ ଓଭରରେ ୧୫୯ ରନ କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୭.୫ ଓଭରରେ ୨ ୱିକେଟ ହରାଇ ୧୬୧ ରନ କରିବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଘାତକ ବୋଲିଂ ପାଇଁ ଦିଲ୍ଲୀର ମୁକେଶ କୁମାର (୩୩ ରନ ଦେଇ ୪ ୱିକେଟ)ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ଏହି ମ୍ୟାଚରେ ଦିଲ୍ଲୀ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ରନ କରିଥିଲା । ଦଳ ପକ୍ଷରୁ ଆଇଡେନ ମାର୍କରାମ ଓ ମିଚେଲ ମାର୍ସ ଆରମ୍ଭରୁ ହିଁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ ।

ଉଭୟ ପ୍ରଥମ ୱିକେଟ୍ ଯୋଡ଼ିରେ ୮୭ ରନ କରିଥିଲେ । ମାର୍କରାମ ୫୨ ରନ କରିଥିବାବେଳେ ମାର୍ସ ୪୫ ରନ କରିଥିଲେ । ମାତ୍ର ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଦଳ ବେଶ କେତୋଟି ୱିକେଟ ଅଳ୍ପ ରନ ବ୍ୟବଧାନରେ ହରାଇଥିଲା । ଫଳରେ ରନଗତି ଧୀମେଇ ଯାଇଥିଲା । ନିକୋଲାସ ପୁରନ ୯ ରନ ଓ ଅବଦୁଲ ସମଦ ୨ ରନ କରିଥିଲେ । ଆୟୁଷ ବାଦୋନି ୩୬ରନ କରିଥିବାବେଳେ ଡେଭିଡ୍ ମିଲର ୧୪ ରନ କରିଥିଲେ । ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୪ଟି ୱିକେଟ ନେଇଥିଲେ । ସେହିପରି ମିଚେଲ ଷ୍ଟାର୍କ ଓ ଦୁଷ୍ମନ୍ତ ଚମିରା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

୧୬୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଓପନର ଅଭିଶେକ ପୋରେଲ ୩୬ ବଲରୁ ୫୧ ରନ, କରୁଣ ନାୟର ୧୫ ରନ କରି ଆଉଟ ହୋଇଥିଲେ । ଏହି ଦୁଇ ୱିକେଟ ବ୍ୟତୀତ ଦିଲ୍ଲୀ ଆଉ ୱିକେଟ ଝଡ଼ିବାକୁ ଦେଇ ନଥିଲା । ଲୋକେଶ ରାହୁଲ ୪୨ ବଲରୁ ୫୭ ଓ ଅଧିନାୟକ ଅକ୍ଷର ପଟେଲ ୨୦ ବଲରୁ ୩୪ ରନ କରି ଲକ୍ଷ୍ନୌ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ । ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଥିବାବେଳେ ଲକ୍ଷ୍ନୌ ୯ ମ୍ୟାଚ୍‌ରୁ ୧୦ ପଏଣ୍ଟ ସହ ୫ମରେ ରହିଛି ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୭ | ୫ | ୨ | ୧୦ |
| ଦିଲ୍ଲୀ | ୮ | ୬ | ୨ | ୧୨ |
| ବେଙ୍ଗାଲୁରୁ | ୮ | ୫ | ୩ | ୧୦ |
| ପଞ୍ଜାବ | ୮ | ୫ | ୩ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| ମୁମ୍ବାଇ | ୮ | ୮ | ୪ | ୮ |
| କୋଲକାତା | ୭ | ୩ | ୪ | ୬ |
| ରାଜସ୍ଥାନ | ୮ | ୨ | ୬ | ୪ |
| ସନ୍‌ରାଇଜର୍ସ | ୭ | ୨ | ୫ | ୪ |
| ଚେନ୍ନାଇ | ୮ | ୨ | ୬ | ୪ |

## ୧୦୦୦ ରନ ପୂର୍ଣ୍ଣ କରିବାକୁ ୧୬ବର୍ଷ

ଲକ୍ଷ୍ନୌ: ଲକ୍ଷ୍ନୌ ସୁପର ଜ୍ୟାଣ୍ଟସର ଓପନର ମିଚେଲ ମାର୍ଶ ଆଇପିଏଲରେ ଏକ ଅଲୋଡା ରେକର୍ଡ କରିଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ ଅବସରରେ ସେ ୪୫ ରନର ଇନିଂସ ଖେଳିବା ଅବସରରେ ସେ ୧୦୦୦ ରନ ପୂର୍ଣ୍ଣ କରିଛନ୍ତି । ଏଥିପାଇଁ ତାଙ୍କୁ ପାଖାପାଖି ୧୬ ବର୍ଷ ସମୟ ଲାଗିଛି । ଯାହାକି ଏକ ରେକର୍ଡ । ମାର୍ଶ ୨୦୧୦ରେ ଆଇପିଏଲରେ ଡେକାନ ଚାର୍ଜର୍ସ ପକ୍ଷରୁ ପଦାର୍ପଣ କରିଥିଲେ । ଏହା ପରେ ସେ ୨୦୧୧ରୁ ୧୩ ପୁଣେ ୱାରିୟର୍ସ, ୨୦୧୬ରୁ୧୭ ପୁଣେ ସୁପର ଜ୍ୟାଂଟସ, ୨୦୨୦ ଓ ୨୧ରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ୨୦୨୨ରୁ ୨୪ ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଓ ଏବେ ଲକ୍ଷ୍ନୌ ପକ୍ଷରୁ ଖେଳୁଛନ୍ତି ।

ମାର୍ଶଙ୍କ ପଛକୁ ମୋଇଜେସ ହେନରିକ୍ସ ଓ ରାହୁଲ ଟେୱାଟିଆ ରହିଛନ୍ତି । ସେମାନେ ଯଥାକ୍ରମେ ୧୩ ଓ ୧୨ ବର୍ଷ ସମୟ ନେଇଥିଲେ । ମାର୍ଶଙ୍କୁ ଅବଶ୍ୟ ଆଇପିଏଲରେ ଅଧିକ ମ୍ୟାଚ ଖେଳିବା ସୁଯୋଗ ମିଳିନି । ସେ ଓଭରାଲ ୫୦ ମ୍ୟାଚ ଖେଳି ୧୦୦୦ ରନ ପୂର୍ଣ୍ଣ କରିଛନ୍ତି । ଚଳିତ ଆଇପିଏଲରେ ଲକ୍ଷ୍ନୌ ୫ମ ସ୍ଥାନରେ ରହିଛି । ଦଳ ଏବେ ପ୍ଲେ ଅଫ ପ୍ରବେଶ ପାଇଁ ଉଦ୍ୟମ ଜାରୀ ରଖିଛି । ଦିଲ୍ଲୀ କ୍ୟାପିଟାଲ୍ସ ଦ୍ୱିତୀୟ ସ୍ଥାନରେ ରହିଛି ।

### ଆଜିର ମ୍ୟାଚ

ହାଇଦ୍ରାବାଦ – ମୁମ୍ବାଇ
ସମୟ: ରାତି ୭.୩୦
ସ୍ଥାନ: ହାଇଦ୍ରାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

# ଆଇପିଏଲ୍‌ରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗ



ମୁମ୍ବାଇ, ୨୨।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ମ୍ୟାଚ୍ ଫିକ୍ସିଂ ଭଳି ସାଂଘାତିକ ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ଆସିବା ପରେ ଆଇପିଏଲ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ହାରିବା ପରେ ଏଭଳି ଅଭିଯୋଗ ହୋଇଛି । ମ୍ୟାଚ୍‌ରେ ରାଜସ୍ଥାନକୁ ବିଜୟ ପାଇଁ ଶେଷ ଓଭରରେ ୯ ରନର ଆବଶ୍ୟକତା ଥିଲା । ହେଲେ ବୋଲର ଆଭେସ୍ ଖାନ୍‌ଙ୍କ ସୁନ୍ଦର ବୋଲିଂ ଯୋଗୁ ରାଜସ୍ଥାନ ୨ ରନ ବ୍ୟବଧାନରେ ହାରିଯାଇଥିଲା । ଏହା କେବଳ ଗୋଟିଏ ଘଟଣା ନୁହେଁ, ଅନ୍ୟ ଏକ ଜିତିବା ମ୍ୟାଚ୍ ମଧ୍ୟ ହାରିଯାଇଥିଲା । ଯାହାକୁ ନେଇ ରାଜସ୍ଥାନ କ୍ରିକେଟ ଆସୋସିଏସନ୍‌ର ଆଡ୍‌ହକ କମିଟି ସଂଯୋଜକ ଜୟଦୀପ ବାହିନୀ ସଞ୍ଜୁ ସାମ୍‌ସନ୍‌ଙ୍କ ନେତୃତ୍ୱରେ ଖେଳୁଥିବା ରାଜସ୍ଥାନ ରୟାଲ୍ସ ଟିମ୍ ଉପରେ ମ୍ୟାଚ୍ ଫିକ୍ସିଂର ଅଭିଯୋଗ ଆଣିଛନ୍ତି । ଜୟଦୀପ ବାହିନୀଙ୍କ ଅଭିଯୋଗ ପରେ ଏବେ ମ୍ୟାଚ୍ ଫିକ୍ସିଂକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି । ଫ୍ରାଞ୍ଚାଇଜ ମାଲିକ ରାଜ୍ କୁନ୍ଦ୍ରା ମଧ୍ୟ ପୂର୍ବରୁ ବେଟିଂ ମାମଲାରେ ଧରାପଡ଼ିଥିଲେ । ଏହି କାରଣରୁ ଦଳକୁ ୨ ବର୍ଷ ପାଇଁ ବାସନ୍ଦ ହେବାକୁ ପଡ଼ିଥିଲା । ଏଥର ମଧ୍ୟ ସେ ବିସିସିଆଇକୁ ଦାବି କରିଛନ୍ତି ଯେ ଏହି ଘଟଣାର ତଦନ୍ତ କରାଯିବା ଉଚିତ । ଫାଞ୍ଚାଇଜ ମାଲିକ ରାଜ କୁନ୍ଦ୍ରା ବେଟିଂ କରୁଥିବା ଧରାପଡ଼ିବା ପରେ ଚେନ୍ନାଇ ସୁପରକିଙ୍ଗସ ଓ ରାଜସ୍ଥାନକୁ ୨୦୧୬-୧୭ ଦୁଇଟି ସିଜନରେ ବାସନ୍ଦ କରାଯାଇଥିଲା ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା : ଭାଗ ନେବେ ଅବିନାଶ



ଭୁବନେଶ୍ୱର, ୨୨।୪ (ସବ୍ୟୁ): କିଟ୍ ଛାତ୍ର ଅବିନାଶ ମହାନ୍ତି ଭାରତୀୟ ବିଶ୍ୱବିଦ୍ୟାଳୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳରେ ସ୍ଥାନ ପାଇଛନ୍ତି । ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ଜର୍ମାନୀରେ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅଂଶ ଗ୍ରହଣ କରିବ । ଏଥିନିମନ୍ତେ ଘୋଷଣା ହୋଇଥିବା ଭାରତୀୟ ଦଳ ତାଲିକାରେ ଅବିନାଶ ମହାନ୍ତି ଥିବା ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ କେନ୍ଦ୍ରରେ ପ୍ରଶିକ୍ଷଣ ନେଇ ନିଜକୁ ପ୍ରସ୍ତୁତ କରିପାରିଛନ୍ତି । କିଟ୍ ପରିସରରେ ଗତ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ଏଆଇୟୁ ପକ୍ଷରୁ ଚୟନ ଶିବିର ଆୟୋଜନ କରାଯାଇଥିଲା । ୨୧୦ ଜଣ ଖେଳାଳି ଓ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ । ମହିଳା ବର୍ଗରେ ୭୦ ଜଣ ଓ ପୁରୁଷ ବର୍ଗରେ ୧୨୦ ଜଣ ପ୍ରତିଯୋଗୀ ଶିବିରରେ ଯୋଗ ଦେଇଥିଲେ । ଏହି ଶିବିରରେ ଯୋଗ ଦେଇନଥିବା ଅଲିମ୍ପିଆନ ଲକ୍ଷ୍ୟ ସେନ କିନ୍ତୁ ଭାରତୀୟ ବିଶ୍ୱ ବିଦ୍ୟାଳୟ ଦଳରେ ସ୍ଥାନ ପାଇଛନ୍ତି । ଏତଦ୍‌ବ୍ୟତୀତ ସେ ପ୍ରତିଯୋଗିତାରେ ଭାରତର ପତାକା ବାହକ ସାଜିବେ ।

## ସିଏସ୍‌କେ ପ୍ରଦର୍ଶନକୁ ରାଇନାଙ୍କ ସମାଲୋଚନା

ଚେନ୍ନାଇ, ୨୨।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଚେନ୍ନାଇ ସୁପରକିଙ୍ଗ୍ସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି । ମହେନ୍ଦ୍ର ସିଂ ଧୋନୀ ତଥା ଚେନ୍ନାଇ ମ୍ୟାନେଜମେଣ୍ଟକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି । ଚେନ୍ନାଇର ପୂର୍ବତନ ତାରକା ଖେଳାଳି ସୁରେଶ ରାଇନା ମଧ୍ୟ ମ୍ୟାଚ୍‌ଗୁଡ଼ିକରେ ସିଏସ୍‌କେର ପ୍ରଦର୍ଶନକୁ କଡ଼ା ସମାଲୋଚନା କରିଛନ୍ତି । ଦଳ ନିକଟରେ ଜିତିବାର ଉତ୍ସାହ ନାହିଁ । ସିଏସ୍‌କେ ଯେଉଁ ବ୍ରାଣ୍ଡ୍ ପାଇଁ ଲୋକପ୍ରିୟତା ହାସଲ କରିଥିଲା, ତାହା ଏବେ ଲୋପ ପାଇବାକୁ ବସିଲାଣି । ମେଗା ନିଲାମରେ ରିସଭ ପନ୍ତ, ଲୋକେଶ ରାହୁଲଙ୍କଠାରୁ ଆରମ୍ଭ କରି ଭଲ ଖେଳାଳି ଉପଲବ୍ଧ ଥିଲେ । ଚେନ୍ନାଇ ମ୍ୟାନେଜମେଣ୍ଟ ରାହୁଲ ତ୍ରିପାଠୀ, ଦୀପକ ହୁଡ୍ଡା, ବିଜୟ ଶଙ୍କର, ରବି ଚନ୍ଦ୍ରନ ଅଶ୍ୱିନଙ୍କୁ ଦଳରେ ନେଲା । ସ୍ଥାନୀୟ ଖେଳାଳିଙ୍କୁ ଦଳରେ ନେବା ଜରୁରୀ ଥିଲା । କାରଣ ତାମିଲନାଡୁ ପ୍ରିମିୟର ଲିଗ୍‌ରେ ସାଇ ସୁଦର୍ଶନ, ସାଇ କିଶୋର ଓ ଶାହାରୁଖ ଖାନ ଭଲ ପ୍ରଦର୍ଶନ କରିଥିଲେ । ଏମାନେ ଏବେ ଗୁଜରାଟ ପକ୍ଷରୁ ଭଲ ଖେଳୁଛନ୍ତି । ଯେତେବେଳେ ଆମେ ବିଜୟ ହାସଲ କରିଥିଲୁ, ସେତେବେଳେ ଆମ ନିକଟରେ ମୁରଲୀ ବିଜୟ, ଲକ୍ଷ୍ମୀପତି ବାଲାଜି, ବଦ୍ରିନାଥ, ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ପରି ଭଲ ଖେଳାଳି ଥିଲେ । ଚେନ୍ନାଇ ଟିମ୍ ଭଲ ଖର୍ଚ୍ଚ କରିଛି । ମାତ୍ର କାମରେ ଲାଗୁନି ବୋଲି ରାଇନା କହିଛନ୍ତି । ଏବେ ଚେନ୍ନାଇକୁ ପ୍ଲେଅପ୍‌ରେ ପ୍ରବେଶ କରିବାକୁ ହେଲେ ଅବଶିଷ୍ଟ ସମସ୍ତ ୬ଟି ମ୍ୟାଚ୍ ଜିତିବାକୁ ହେବ ।



## କୋଣାର୍କ କପ କ୍ରିକେଟ
## ଫାଇନାଲରେ ବିବିସିଏ ଭୁବନେଶ୍ୱର

କୋଣାର୍କ, ୨୨।୪ (ସବ୍ୟୁ) : କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ପୁରୀ ମହାବୀର ସ୍ପୋର୍ଟିଂକୁ ୩୬ ରନରେ ହରାଇ ଭାରତ ଭୂଷଣ କ୍ରିକେଟ ଏକାଡ଼େମୀ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ଭାରତ ଭୂଷଣ କ୍ରିକେଟ ଏକାଡ଼େମୀ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୫୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଏମ ପ୍ରଶାନ୍ତ ୨୬ ବଲରେ ୬୩ ରନ ସଂଗ୍ରହ କରିଥିଲେ । ମହାବୀର ସ୍ପୋର୍ଟିଂର ଦୀପକ ସାହୁ ୪ ଓଭର ବୋଲିଂ କରି ୨୨ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ପୁରୀ ମହାବୀର ସମସ୍ତ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲେ । ମହାବୀର ଦଳ ପକ୍ଷରୁ ସର୍ବାଧିକ ସମରେନ୍ଦ୍ର ସାହୁ ସର୍ବାଧିକ ୨୮ ବଲରୁ ୩୪ ରନ, ରଣଜିତ ରାଉତରାୟ ୨୫ ବଲରୁ ୩୩ ରନ ସଂଗ୍ରହ କରିଥିଲେ । ବିବିସିଏ ଦଳର ଚିରାଗ ସୋନି ସର୍ବାଧିକ ୩ ୱିକେଟ ଅକ୍ତିଆର କରିଥିଲେ । ବିବିସିଏ ଦଳର ଏମ ପ୍ରଶାନ୍ତ ମ୍ୟାନ ଅଫ୍ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ ।

ପ୍ରମୋଦ ସିହ୍ନା, ଓସିଏ ପ୍ୟାନେଲ ଆମ୍ପେୟାର ଦେବେନ୍ଦ୍ର ନାଥ ମିଶ୍ର , ପ୍ରଥମ ସେମି ଫାଇନାଲ ମ୍ୟାଚ୍‌କୁ ପରିଚାଳନା କରିଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚରେ ଧିରେନ୍ ଚାନ୍ଦ ପିଚ୍ କ୍ୟୁରେଟର ଓ ରାଜେନ୍ଦ୍ର ଦଳାଇ, ସ୍କୋର ବୋର୍ଡ ପରିଚାଳନା କରିଥିଲେ । ଉଦଘୋଷକ ଭାବେ ପ୍ରଶାନ୍ତ ପାତ୍ର, ଶିବ ପ୍ରସାଦ ପଣ୍ଡା ଦାୟିତ୍ୱ ସମ୍ପର୍ନ୍ନ କରିଥିଲେ । ପ୍ରଥମ ସେମି ଫାଇନାଲ ମ୍ୟାଚରେ ପୁରୀର ବିଶିଷ୍ଟ ହୋଟେଲ ଶିଳ୍ପପତି ସୋମନାଥ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ପୁଣି ବ୍ୟାନ୍ ହୋଇପାରନ୍ତି ହର୍ଷ ଭୋଗଲେ



ନୂଆଦିଲ୍ଲୀ, ୨୨।୪ (ଏଜେନ୍ସି): ଚଳିତ ଆଇପିଏଲ୍ ଆରମ୍ଭରୁ ବାଦ ବିବାଦ ଲାଗିରହିଛି । ଫ୍ରାଞ୍ଚାଇଜ ଓ କ୍ୟୁରେଟରଙ୍କ ବିବାଦ ସାମ୍ନାକୁ ଆସିଥିଲା । କୋଲକାତା ନାଇଟ୍ ରାଇଡର୍ସ ଅଧିନାୟକ ଆଜିଙ୍କ୍ୟ ରାହାଣେ, ଚେନ୍ନାଇ ସୁପରକିଙ୍ଗସ୍ ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌ର ବୋଲିଂ କୋଚ୍ ଜାହିର ଖାନ୍ ଘରୋଇ ପିଚ୍‌କୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଘରୋଇ ଦଳ ପରିବର୍ତ୍ତେ ପ୍ରତିପକ୍ଷ ଦଳକୁ ସୁହାଇଲା ଦଳ ଭଳି ପିଚ୍ କ୍ୟୁରେଟର ପ୍ରସ୍ତୁତ କରିଥିବା ସେମାନେ କହିଥିଲେ ।

କୋଚ୍, ଅଧିନାୟକ, ଫ୍ରାଞ୍ଚାଇଜର ମତ ହେଲା ଆଇପିଏଲ୍‌ର ବିସ୍ଫୋରକ ବ୍ୟାଟିଂ ଟିମ୍ ବିପକ୍ଷରେ ଘରୋଇ ପିଚ୍‌କୁ ଧିମା ଟର୍ଣ୍ଣିଂ ଟ୍ରାକ୍ କରିବା । ଘରୋଇ ଫ୍ରାଞ୍ଚାଇଜ ଏପରି ପିଚ୍ କ୍ୟୁରେଟରଙ୍କ ଠାରୁ ଚାହୁଁଥିବାବେଳେ ସେମାନେ ଅଲଗା କିଛି କରିଛନ୍ତି ।

ଏହି ଅଭିଯୋଗ ବିବାଦ ମଧ୍ୟରେ କ୍ରିକେଟ ଆସୋସିଏସନ୍ ଅଫ୍ ବେଙ୍ଗଲ ବଡ଼ ପଦକ୍ଷେପ ନେଇଛି । ରାଜ୍ୟ କ୍ରିକେଟ ବୋର୍ଡ଼ ପକ୍ଷରୁ ବିସିସିଆଇକୁ ଚିଠି ମଧ୍ୟ ଲେଖାଯାଇଛି । ଚିଠିରେ ଭାଷ୍ୟକାର ହର୍ଷ ଭୋଗଲେ ଓ ସାଇମନ୍ ଡୁଲ୍‌ଙ୍କ ଉପରେ ବ୍ୟାନ୍ ଲଗାଇବାକୁ ଅନୁରୋଧ କରାଯାଇଛି । କୋଲକାତା ନାଇଟ୍ସ ରାଇଡର୍ସ ବା କେକେଆର୍‌କୁ ପିଚ୍ ତିଆରି ବେଳେ ଇଡେନ୍ ଗାର୍ଡେନ କ୍ୟୁରେଟର ସହଯୋଗ କରୁନାହାନ୍ତି । ତେଣୁ କେକେଆର କୋଲକାତା ବଦଳରେ ଆଉ କେଉଁ ସହରକୁ ନିଜ ହୋମ୍ ପିଚ୍ ଭାବେ ବ୍ୟବହାର କରିବା ଦରକାର ବୋଲି ହର୍ଷ ଓ ସାଇମନ ପ୍ରସ୍ତାବ ଦେଇଥିଲେ । ଉଭୟ ଭାଷ୍ୟକାରଙ୍କ ଏଭଳି ବୟାନ କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲକୁ ବାଧିଛି । ତେଣୁ ଉଭୟ ଯେପରି ଇଡେନ୍‌ରେ କମେଣ୍ଟ୍ରି କରିପାରିବେ ନାହିଁ ତା'ର ବ୍ୟବସ୍ଥା କରିବାକୁ ସିଏବି ପକ୍ଷରୁ ବିସିସିଆଇକୁ କୁହାଯାଇଛି ।

ରିପୋର୍ଟ ଅନୁସାରେ ସିଏବି ବେଶ୍ କଠୋର ଭାଷାରେ ବିସିସିଆଇକୁ ଚିଠି ଲେଖି ହର୍ଷ ଭୋଗଲେ ଓ ସାଇମନ୍ ଡୁଲ୍‌ଙ୍କୁ ବ୍ୟାନ୍ କରିବାକୁ କୁହାଯାଇଛି । ଏମାନେ ଇଡେନ ଗାର୍ଡେନ୍‌ରେ ହେବାକୁ ଥିବା ମ୍ୟାଚ୍‌ଗୁଡ଼ିକରେ ଯେମିତି ଭାଷ୍ୟକାର ସାଜିବେ ନାହିଁ, ତା'ର ବ୍ୟବସ୍ଥା କରିବାକୁ ସିଏବି କହିଛି । କ୍ରିକ୍ ବଜ୍ ସହ ସାକ୍ଷାତକାର ବେଳେ ଡୁଲ୍ କହିଥିଲେ, ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଆଇପିଏଲ୍ ଫ୍ରାଞ୍ଚାଇଜକୁ ଯଦି ଇଡେନ୍ ଗାର୍ଡେନ କ୍ୟୁରେଟର ସାହାଯ୍ୟ କରିବେ ନାହିଁ, ତେବେ ସେମାନେ ଅନ୍ୟତ୍ର ଗ୍ରାଉଣ୍ଡକୁ ହୋମ୍ ଭେନ୍ୟୁ ବାଛିବା ଦରକାର । ମୋର କହିବାର ଅର୍ଥ ସେମାନେ ଷ୍ଟାଡିୟମ ଫି' ଦେଉଛନ୍ତି । ଆଇପିଏଲ୍ ପାଇଁ ସବୁ ଖର୍ଚ୍ଚ କରୁଛନ୍ତି । ତଥାପି ଯଦି କ୍ୟୁରେଟର ହୋମ୍ ପିଚ୍‌ର ଆବଶ୍ୟକତା ପୂରଣ ନକରିବେ, ତାହାଲେ ସେମାନେ ଆଉ ଏକ ସହରକୁ ନିଜ ହୋମ୍ ଭେନ୍ୟୁ ବାଛିବା ଦରକାର । କ୍ୟୁରେଟରଙ୍କ କାମ ଖେଳ ଉପରେ ନିଜର ମତାମତ ଦେବା ନୁହେଁ । ମତାମତ ଦେବାକୁ ଫ୍ରାଞ୍ଚାଇଜ୍ ସେମାନଙ୍କୁ ଟଙ୍କା ଦେଉନାହିଁ । ସେହିଭଳି ହର୍ଷ ଭୋଗଲେ କହିଥିଲେ, ଯଦି କୌଣସି ଟିମ୍ ନିଜ ହୋମ୍ ଗ୍ରାଉଣ୍ଡରେ ଖେଳୁଛି, ତାହାଲେ ପିଚ୍ ସେମାନଙ୍କ ବୋଲରଙ୍କୁ ସୁହାଇବା ଭଳି ହେବା ଦରକାର । କେକେଆର୍ କ୍ୟୁରେଟର ଦେଇଥିବା ଅଜବ ଉତ୍ତରକୁ ମୁଁ ଦେଖିଛି । ସିଏବିର କହିବା କଥା ଯେ, ଇଡେନ୍‌ର କ୍ୟୁରେଟର କୌଣସି ଭୁଲ କରିନାହାନ୍ତି । ସେ କେବଳ ବିସିସିଆଇ ନିୟମକୁ ଅନୁସରଣ କରିଛନ୍ତି । କୌଣସି ଫ୍ରାଞ୍ଚାଇଜ ନିଜ ଇଚ୍ଛାରେ ପିଚ୍ ପ୍ରସ୍ତୁତ କରିବାକୁ କହିପାରିବେ ନାହିଁ ବୋଲି କୁହାଯାଇଛି ।

ଆଇପିଏଲ୍ ଗାଇଡ୍ ଲାଇନରେ କୁହାଯାଇଛି ଯେ ଗ୍ରାଉଣ୍ଡ ଅଧିକାରୀଙ୍କ ପାଖରେ ପିଚ୍ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ମ୍ୟାଚ୍ ପୂର୍ବରୁ ଗ୍ରାଉଣ୍ଡ ଅଥରିଟି ପିଚ୍‌ର ଚୟନ ଓ ପ୍ରସ୍ତୁତର ଦାୟିତ୍ୱ ନିର୍ବାହ କରିବେ । ମ୍ୟାଚ୍ ବେଳେ ପିଚ୍‌ର ନିୟନ୍ତ୍ରଣ ଓ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଅମ୍ପାୟାରଙ୍କ ପାଖରେ ରହିବ । ଏଠାରେ ଗ୍ରାଉଣ୍ଡ ଅଥରିଟିର ଅର୍ଥ ରାଜ୍ୟ କ୍ରିକେଟ ଆସୋସିଏସନ୍ । ରାଜ୍ୟ କ୍ରିକେଟ ଆସୋସିଏସନ୍‌ର କ୍ୟୁରେଟର ହିଁ ପିଚ୍ ପ୍ରସ୍ତୁତ କରିବାର ପୁରା ଅଧିକାର ପାଇଛନ୍ତି ବୋଲି ଗାଇଡ୍ ଲାଇନ୍‌ରେ କୁହାଯାଇଛି । ସିଧାସଳଖ କହିବାକୁ ଗଲେ ପିଚ୍ ପ୍ରସ୍ତୁତି ଉପରେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ମାନଙ୍କର କୌଣସି ନିୟନ୍ତ୍ରଣ ନାହିଁ । ସେମାନେ ନିଜ ଇଚ୍ଛା ଅନୁସାରେ ଏହାକୁ ପ୍ରସ୍ତୁତ କରିବାକୁ ଦାବି କରିପାରିବେ ନାହିଁ । ସେମାନେ ଘରୋଇ ପିଚ୍‌ରେ ସୁହାଇବା ଭଳି ଖେଳାଳିଙ୍କୁ ଚୟନ କରିପାରିଲେ ଭଲ । ପିଚ୍ କ୍ୟୁରେଟରଙ୍କୁ ମଧ୍ୟ ଗୋଟିଏ କଥା ମନେରଖିବାକୁ ପଡ଼ିବ, ସେମାନଙ୍କ ପାଖରେ ପିଚ୍ ବର୍ଷକୁ ଦଶ ମାସ ରହୁଛି । ଆଇପିଏଲ୍ ଦୁଇ ମାସ ଖେଳାଯାଉଛି । ଆଇପିଏଲ୍‌ରେ ସେମାନେ ଘରୋଇ ଟିମ୍‌ର ଚାହିଦା ଅନୁସାରେ ପିଚ୍ ପ୍ରସ୍ତୁତ କଲେ ଭଲ । କାରଣ ଫ୍ରାଞ୍ଚାଇଜ୍‌ମାନେ ଉକ୍ତ ପିଚ୍‌କୁ ନିଜ ଘର ଭାବେ ବିବେଚନା କରି ଟଙ୍କା ଓ ସମୟ ଦେଉଛନ୍ତି । ତେଣୁ ପିଚ୍ ସେମାନଙ୍କ ଅନୁସାରେ ପ୍ରସ୍ତୁତ ହେଲେ ଏହା ଘରୋଇ ଟିମ୍‌କୁ ଲାଭ ଦେବାରେ ସକ୍ଷମ ହେବ ।

## ଜାତୀୟ ସିନିଅର ମହିଳା ରଗ୍‌ବୀ ଚାମ୍ପିଅନସିପ୍ : ଓଡ଼ିଶା ଦଳରେ କିସ୍‌ର ୭



ଭୁବନେଶ୍ୱର, ୨୨।୪ (ସବ୍ୟୁ): ଚଳିତ ମାସ ୨୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ଆସାମର ଗୌହାଟୀସ୍ଥିତ ଇନ୍ଦିରା ଗାନ୍ଧି ଆଥ୍‌ଲେଟିକ୍ ଷ୍ଟାଡିୟମରେ ମର୍ଯ୍ୟାଦାଜନକ ଜାତୀୟ ସିନିଅର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିଅନ୍‌ସିପ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ଭାଗ ନେବ । ତେଣୁ ଘୋଷଣା ହୋଇଥିବା ଓଡ଼ିଶା ଦଳରେ ୭ ଜଣ କିସ୍ ଛାତ୍ରୀ ସ୍ଥାନ ପାଇଛନ୍ତି । ଡୁମୁଣୀ ମାର୍ଣ୍ଡି ଦଳର ନେତୃତ୍ୱ ନେବେ । ଅନ୍ୟମାନେ ହେଲେ ରଞ୍ଜିତା ନାୟକ, ମାମା ନାୟକ, ତରୁଲତା ନାୟକ, ପୁଷ୍ପାଞ୍ଜଳି ଭୋଇ, ବର୍ଷାରାଣୀ ମାଝୀ ଓ ଗୀତାରାଣୀ ସାଇ ।

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଏକ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ତଥା ଚୟନ ଶିବିର ଆୟୋଜନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି ରାଜ୍ୟ ଦଳକୁ ୮ଟି ପୁଲ୍‌ରେ ବିଭକ୍ତ କରାଯାଇଛି । ପୁଲ୍ ଏ'ରେ ଓଡ଼ିଶା, ଛତିଶଗଡ଼ ଓ ଉତ୍ତରପ୍ରଦେଶ, ପୁଲ ବି'ରେ ବିହାର, ଆସାମ, ଆଣ୍ଡାମାନ ଓ ନିକୋବର, ପୁଲ୍ ସି'ରେ ମହାରାଷ୍ଟ୍ର, ମଣିପୁର, ମଧ୍ୟପ୍ରଦେଶ, ପୁଲ ଡି'ରେ ପଶ୍ଚିମବଙ୍ଗ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ପୁଲ ଇ'ରେ ଦିଲ୍ଲୀ, ଚଣ୍ଡିଗଡ଼, ପୁଡୁଚେରୀ, ପୁଲ୍ ଏଫ୍'ରେ କେରଳ, ଉତ୍ତରାଖଣ୍ଡ, ହରିୟାଣା, ପୁଲ୍ ଜି'ରେ କର୍ଣ୍ଣାଟକ, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ପୁଲ୍ ଏଚ୍'ରେ ପଞ୍ଜାବ, ରାଜସ୍ଥାନ, ଜମ୍ମୁ-କାଶ୍ମୀର ସ୍ଥାନ ପାଇଛନ୍ତି । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭାରତୀୟ ବେସ୍ ବଲ୍ ଦଳରେ ଓଡ଼ିଆ ଝିଅ



ଭୁବନେଶ୍ୱର, ୨୨।୪ (ସବ୍ୟୁ): ଥାଇଲାଣ୍ଡରେ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ମହିଳା ବେସ୍ ବଲ୍ ଏସିଆ କପ୍ କ୍ୱାଲିଫାୟର ଲାଗି ପ୍ରତିଯୋଗିତା ହେବ । ତେଣୁ ଭାରତୀୟ ଦଳରେ ଓଡ଼ିଶାର ଦୀପା ମାଝୀ ଓ ଧରିତ୍ରୀ ସିଂ ସାମିଲ ହୋଇଛନ୍ତି ।

ପଞ୍ଜାବରେ ଚଳିତ ମାସ ୨ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରସ୍ତୁତି ଶିବିରରେ କିସ୍‌ରେ ଅଧ୍ୟୟନରତ ଏହି ଦୁଇ ଛାତ୍ରୀ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାର ଗ୍ରୁପ୍-ଏ'ରେ ଭାରତ ଆଗାମୀ ୨୩ ତାରିଖରେ ପାକିସ୍ତାନକୁ ଭେଟିବାକୁ ଯାଉଛି । ପୂର୍ବତନ ସଭାପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି